ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, April 3/2026 | Page 14 | ₹ 7.00
୫୨ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 128 | ମୂଲ୍ୟ ₹୭/-



## କଙ୍ଗନାଙ୍କ କମ୍‌ବ୍ୟାକ୍

'କୁଇନ୍' ଚଳଚ୍ଚିତ୍ରର ୨ୟ ଭାଗ ମାଧ୍ୟମରେ କଙ୍ଗନା ରାଣାୱତ୍‌ଙ୍କର ଅଭିନୟ କ୍ଷେତ୍ରକୁ କମ୍‌ବ୍ୟାକ୍ ହେଉଥିବା ଚର୍ଚ୍ଚା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇଲାଣି। ୦୫

୧୪

## ରାହାନେଙ୍କ ୨୦୦ତମ ଆଇପିଏଲ୍ ମ୍ୟାଚ

କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଅଜିଙ୍କ୍ୟ ରାହାନେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ତାଙ୍କ କ୍ୟାରିୟରର ୨୦୦ତମ ଆଇପିଏଲ୍ ମ୍ୟାଚ ଖେଳିଛନ୍ତି।





ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଆୟୋଜିତ ଯୁବକ୍ରାନ୍ତି ସମାବେଶ ଅବସରରେ ଲୋକସେବା ଭବନ ଘେରାଉବେଳେ ଲୋୟର ପିଏମ୍‌ଜି ନିକଟରେ କର୍ମୀମାନେ ବ୍ୟାରିକେଡ ଡେଇଁବା ସମୟରେ ପୋଲିସ ସହ ଧସ୍ତାଧସ୍ତି। (ଫଟୋ: ମନୋରଞ୍ଜନ ମିଶ୍ର) (ରିପୋର୍ଟ ପୃଷ୍ଠା: ୩)

# ସରିଲା ମାଟ୍ରିକ୍ ଖାତାଦେଖା: ମେ' ୨ୟ ସପ୍ତାହରେ ପରୀକ୍ଷାଫଳ

କଟକ,୨।୪(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ୍) ପରୀକ୍ଷାର ଖାତାଦେଖା ଗୁରୁବାର ଶେଷ ହୋଇଛି। ମେ ୨ୟ ସପ୍ତାହରେ ପରୀକ୍ଷାଫଳ ପ୍ରକାଶ ପାଇବା ନେଇ ତତ୍ପରତା ପ୍ରକାଶ ପାଉଥିବା ବୋର୍ଡ ସୂତ୍ରରୁ ଜଣାପଡ଼ିଛି। ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ଏକସଙ୍ଗେ ଅନୁଷ୍ଠିତ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୫ଲକ୍ଷ ୬୧ହଜାର ୯୭୯ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ମୋଟ ୩,୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ମାଟ୍ରିକ ପରୀକ୍ଷାର୍ଥୀଙ୍କ ସବ୍‌ଜେକ୍ଟିଭ ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ☞ପୃଷ୍ଠା-୪

# ସକାଳୁଆ ସ୍କୁଲ ଆରମ୍ଭ

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଖରାତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଏପରି ସ୍ଥିତିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଏବଂ ବେସରକାରୀ ସ୍କୁଲରେ ଏପ୍ରିଲ ୨ରୁ ଗ୍ରୀଷ୍ମ ଅବକାଶ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ଚାଲିବ। ଏନେଇ ବିଭାଗର କମିଶନର ତଥା ସଚିବ ଡ. ଏନ୍. ତିରୁମାଲା ନାଏକ ସମସ୍ତ ଜିଲାପାଳ ତଥା ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ୱତନ୍ତ୍ର ନିୟମାବଳୀ ଜାରି କରାଯାଇଛି। ସମସ୍ତ ସ୍କୁଲରେ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ହେବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଆଣବିକ ପ୍ରତିରୋଧ ଓ ମହାଶକ୍ତି

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2025
15th Best in University Category
22nd Best in Engineering Category
INTERNATIONAL RANKINGS 2026
Ranked in QS World Rankings 2026
Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ଶତ୍ରୁ ଆତ୍ମସମର୍ପଣ ନ କରିବା ଯାଏ ଯୁଦ୍ଧ: ଇରାନ

**ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଉ ଏକ ଭୟଙ୍କର ମୋଡ଼ରେ ପହଞ୍ଚିଛି। ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ ଉପରେ ଜୋରଦାର ଆକ୍ରମଣ ହେବ ଓ ଆଗାମୀ ଦୁଇ-ତିନି ସପ୍ତାହ ମଧ୍ୟରେ ଇରାନକୁ 'ପ୍ରସ୍ତର ଯୁଗ'କୁ ଫେରାଇ ଦେବାକୁ ଯୋଜନା କରାଯାଇଛି। ଇରାନର ନୌସେନା ଧ୍ୱଂସ ହୋଇସାରିଛି ଓ ବାୟୁସେନା ଧ୍ୱଂସ ପ୍ରାୟ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଏହାର ଜବାବ ଦେବାକୁ ଯାଇ ଏଣିକି ଧ୍ୱଂସାତ୍ମକ ଆକ୍ରମଣ କରାଯିବ କହି ଆମେରିକାକୁ ଚେତାବନୀ ଦେଇଛି। ଇରାନ ପୁଣି କହିଛି, ଯୁଦ୍ଧ ଆମେରିକା ଓ ଇସ୍ରାଏଲର ଆତ୍ମସମର୍ପଣ ପର୍ଯ୍ୟନ୍ତ ଚାଲିବ। ଉଭୟ ପଟ ଜିଦ୍‌ରେ ଅଟଳ ଥିବାରୁ ଯୁଦ୍ଧ ବ୍ୟାପକ ରୂପ ଧାରଣ କରିବାର ଆଶଙ୍କା ବଢ଼ିଲାଣି।**

ୱାଶିଂଟନ/ତେହରାନ୍,୨।୪

ଇରାନର ସାମରିକ କ୍ଷମତାକୁ ଧ୍ୱଂସ କରିବା ଆମର ମୁଖ୍ୟ ରଣନୀତିକ ଲକ୍ଷ୍ୟ ଏବଂ ତାହା ସମ୍ପୂର୍ଣ୍ଣ ହେବାର ନିକଟତର ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ମଧ୍ୟପ୍ରାଚ୍ୟ ଯୋଜନା ସମ୍ପର୍କରେ ଗୁରୁବାର ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆଗାମୀ ୨ରୁ ୩ ସପ୍ତାହ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରାଯିବା ସହ ଏହାର ଶକ୍ତି ପ୍ଲାଣ୍ଟଗୁଡ଼ିକୁ ଧ୍ୱଂସ କରିଦିଆଯିବ। ଆମେ ଆମ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବୁ ଏବଂ

## ଇରାନକୁ ପ୍ରସ୍ତର ଯୁଗକୁ ନେଇଯିବୁ: ଟ୍ରମ୍ପ୍



ଡୋନାଲ୍ଡ ଟ୍ରମ୍ପ୍



ଖାତମ୍ ଅଲ୍-ଅନବ୍ୟା

ମଧ୍ୟପ୍ରାଚ୍ୟ ସହଯୋଗୀମାନଙ୍କୁ କ୍ଷତି ହେବାକୁ ଦେବୁନାହିଁ। ଆମେ ଇରାନକୁ ପ୍ରସ୍ତର ଯୁଗକୁ ଫେରାଇନେବୁ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।

ଟ୍ରମ୍ପ୍‌ଙ୍କ ଚେତାବନୀର କଡ଼ା ଜବାବ ଦେଇଛି ଇରାନ। ଶତ୍ରୁପକ୍ଷ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ଇରାନ ସେନା ପକ୍ଷରୁ ଘୋଷଣା କରାଯାଇଛି। ଆମେରିକା ଏବଂ ଇସ୍ରାଏଲ୍‌କୁ କଡ଼ା ଚେତାବନୀ ଦେଇ ଇରାନ ସେନାର ଜଣେ ମୁଖପାତ୍ର ଅଧିକ ଧ୍ୱଂସାତ୍ମକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କହିଛନ୍ତି। ଉଭୟ ପକ୍ଷଙ୍କ ପରସ୍ପର ପ୍ରତି କଠୋର ଆଭିମୁଖ୍ୟରୁ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବାକୁ ଯାଉଥିବା ସୂଚନା ମିଳିଛି। ଏହାର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଏବଂ ଷ୍ଟକ୍ ମାର୍କେଟ ଉପରେ ପଡ଼ିଛି।

ଟ୍ରମ୍ପ୍ ଆମେରିକାର ସହଯୋଗୀ ରାଷ୍ଟ୍ର ଏବଂ ଅନ୍ୟାନ୍ୟ ଦେଶଙ୍କୁ ସାହସ ଦେଖାଇବା ସହ ଇରାନ ନିୟନ୍ତ୍ରଣରେ ଥିବା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଆହ୍ୱାନ ☞ପୃଷ୍ଠା-୪

15001/2/2627





ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)



ଗୁଡ୍ ଫ୍ରାଇଡେ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002



କାର୍‌ଗୁଡ଼ିକ ଟାଙ୍କିରେ ଗ୍ୟାସ୍ ଭରିବା ପାଇଁ ଲସ୍ ଏଞ୍ଜେଲ୍ସର କୋଷ୍ଟକୋ ଗ୍ୟାସ୍ ଷ୍ଟେଶନ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଲୋକ ସଭା ଆସନ ୮୧୬କୁ ବଢ଼ିବ

## ୧୬ରୁ ୩ ଦିନ ପାଇଁ ପୁଣି ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୨।୪(ପି.ଟି.)**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପକାଳୀନ ଅବକାଶ ପରେ ଏପ୍ରିଲ ୧୬ରୁ ପୁଣି ଚାଲିବ। ବିଶେଷକରି ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ସଂକ୍ରାନ୍ତ ବିଧେୟକକୁ ଏହି ସମୟରେ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ମହିଳା ସଂରକ୍ଷଣ ଆଇନକୁ ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଇବା ପାଇଁ ଆସନ ସଂଖ୍ୟା ବଢ଼ାଯାଉଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୪ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇପାରନ୍ତି।



ସରକାର ମହିଳା ସଂରକ୍ଷଣ ବିଲ୍ ବା ନାରୀ ବନ୍ଦନ ଅଧିନିୟମ, ୨୦୨୩ରେ ସଂଶୋଧନ ସମେତ କେତେକ ବିଲ୍‌କୁ ଗୃହୀତ କରାଇବା ପାଇଁ ଆଗ୍ରହୀ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ରାଜନୈତିକ ଫାଇଦା ହାସଲ ପାଇଁ ଅତି ତରବରିଆ ଭାବେ ସଂଶୋଧନଗୁଡ଼ିକୁ ପାରିତ କରାଇବାକୁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ସୂତ୍ରରୁ ଜଣାପଡ଼ିଛି ଯେ ପ୍ରସ୍ତାବିତ ଆଇନଗୁଡ଼ିକ ପାଇଁ ଏହି ଅଧିବେଶନ ୩ ଦିନ ଚାଲିବ। ଏନେଇ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି। ପ୍ରଥମେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯିବ। ରାଜ୍ୟ ସଭାରେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମ୍ବୋଧନ ବେଳେ ଏ ସଂକ୍ରାନ୍ତରେ ସଙ୍କେତ ଦେଇଥିଲେ। ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ ୨୯ରେ ଏକ ସର୍ବଦଳୀୟ ବୈଠକ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଆଦର୍ଶ ଆଚରଣ ବିଧି ଲାଗୁହେବା ସତ୍ତ୍ୱେ ସରକାର ଏହି ବିଲ୍‌ଗୁଡ଼ିକୁ ଆଣୁଥିବା ସେ ଅଭିଯୋଗ କରିଥିଲେ।

# ୭ ନ୍ୟାୟିକ ଅଧିକାରୀଙ୍କୁ ୯ ଘଣ୍ଟା ପଣବନ୍ଦୀ

## ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ବିଭ୍ରାଟ

**କୋଲକାତା,୨।୪**

ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଜାରି ରହିଥିବାବେଳେ ଭୋଟର ତାଲିକାରୁ ମତଦାତାଙ୍କ ନାମ ହଟାଯିବା ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ଯୋଗୁ ମାଲଦା ଜିଲାରେ ଯେଉଁମାନଙ୍କ ନାମ କଟିଯାଇଛି, ସେମାନଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତି ବୁଧବାର ଅପରାହ୍ନରେ କାଲିଆଚକରେ ୭ ନ୍ୟାୟିକ ଅଧିକାରୀଙ୍କୁ ଦୀର୍ଘ ୯ ଘଣ୍ଟା ଧରି ପଣବନ୍ଦୀ ରଖିଥିଲେ। ପଣବନ୍ଦୀ ଥିବା ଅଫିସରଙ୍କ ମଧ୍ୟରେ ୩ ମହିଳା ରହିଛନ୍ତି। ଗୁରୁବାର ରାତି ପ୍ରାୟ ୧ଟାରେ ପୋଲିସ ଓ ଅର୍ଦ୍ଧସାମରିକ ବଳର ଏକ ବଡ଼ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ହଟାଇବା ସହ ଜୁଡିସିଆଲ ଅଫିସରମାନଙ୍କୁ ଉଦ୍ଧାର କରିଥିଲେ। ଏଥିସହ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ।

ପଶ୍ଚିମବଙ୍ଗ ବିଧାନସଭାର ୨୯୪ ଆସନ ପାଇଁ ଏପ୍ରିଲ ୨୩ ଓ ୨୯ରେ ନିର୍ବାଚନ ହେବାକୁ ଥିବାରୁ ଜୁଡିସିଆଲ ଅଫିସରମାନେ ବର୍ତ୍ତମାନ ବିବାଦୀୟ ପ୍ରସଙ୍ଗର ସମାଧାନ କାର୍ଯ୍ୟ ଶେଷ ପାଇଁ ତତ୍ପରତା ଦେଖାଉଛନ୍ତି। ମାଲଦାରେ ଅନେକ ଭୋଟରଙ୍କ ନାମ କଟିଯାଇଥିବାରୁ ବୁଧବାର ଏକ ବଡ଼ ବିକ୍ଷୋଭ କରାଯାଇଥିଲା। ଭୋଟରଙ୍କ ଏକ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଚାରବିଭାଗୀୟ ଅଧିକାରୀମାନଙ୍କୁ ପଣବନ୍ଦୀ କରି ରଖିଥିଲେ। ରିପୋର୍ଟ ଅନୁଯାୟୀ ନ୍ୟାୟିକ ଅଧିକାରୀମାନଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅନ୍ୟତ୍ର ନିଆଯାଉଥିବାବେଳେ ସେମାନଙ୍କ ଗାଡ଼ିକୁ ଆକ୍ରମଣ ଉଦ୍ୟମ ହୋଇଥିଲା। ଏପରି କି ଉତ୍ତ୍ୟକ୍ତ ଲୋକଙ୍କ ଟେକାମାଡ଼ରେ ଏକ କାର୍‌ର କାଚ ଭାଙ୍ଗିଯାଇଥିବା ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଦେଖିବାକୁ ମିଳିଛି। ନିର୍ବାଚନ କମିଶନ (ଇସି) ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷେ ଏହି ଅଭାବନୀୟ ଘଟଣା ପାଇଁ ବିରୋଧୀ ଭାଜପା ରାଜ୍ୟର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଦାୟୀ କରିଛି। କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି, ଏସ୍‌ଆଇଆର୍ ବିବାଦ ଉପରେ ଇସିଙ୍କ ବିରୋଧରେ ଟିଏମ୍‌ସି ନେତାମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବାରୁ ଏହାର ଫଳସ୍ୱରୂପ ନ୍ୟାୟିକ ଅଧିକାରୀମାନଙ୍କୁ ଏପରି ହଇରାଣ ହେବାକୁ ପଡ଼ିଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ସୁକାନ୍ତ ଆହୁରି କହିଛନ୍ତି, ଏସ୍‌ଆଇଆର୍ ଏକ ସର୍ବଭାରତୀୟ ପ୍ରକ୍ରିୟା। କିନ୍ତୁ ଅନ୍ୟ ରାଜ୍ୟରେ ଏପରି କି ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ମଧ୍ୟ ଏଭଳି ଅରାଜକତା ଦେଖିବାକୁ ମିଳୁନାହିଁ। ପଶ୍ଚିମବଙ୍ଗରେ ଶାସକ ଦଳ ଓ ରାଜ୍ୟ ପ୍ରଶାସନ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଆରମ୍ଭରୁ ବିରୋଧ କରିଆସିଥିବାରୁ ଏଠାରେ ଏପରି ବ୍ୟତିକ୍ରମ ଘଟୁଛି। ଏହାର ଜବାବରେ ଟିଏମ୍‌ସି କହିଛି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ନ୍ୟାୟିକ ଅଧିକାରୀମାନଙ୍କୁ ସୁରକ୍ଷା ଦେବା ଇସିଙ୍କ ଦାୟିତ୍ୱ। ଶାସକ ଦଳ ଆଇନ ହାତକୁ ନେବାରେ ବିଶ୍ୱାସ କରେନାହିଁ। ତେବେ ଭୋଟର ତାଲିକାରୁ ବହୁସଂଖ୍ୟକ ମତଦାତାଙ୍କ ନାମ ବାଦ୍ ଦିଆଯାଇଥିବାରୁ ଆମେ ଏହାର ବିରୋଧ କରୁଛୁ ବୋଲି ଟିଏମ୍‌ସି ସାଧାରଣ ସମ୍ପାଦକ ତଥା ବେଲେଘାଟା ନିର୍ବାଚନମଣ୍ଡଳୀରୁ ଦଳୀୟ ପ୍ରାର୍ଥୀ ହୋଇଥିବା କୁନାଲ ଘୋଷ କହିଛନ୍ତି।



ମାଲଦାରେ ଲୋକେ ପଣବନ୍ଦୀ କରି ରଖିଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଅର୍ଦ୍ଧସାମରିକ ବଳ ଉଦ୍ଧାର କରି ନେଉଛି।

### ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର କରୁଛି ଭାଜପା: ମମତା



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ମାଲଦା ଘଟଣାକୁ ନିନ୍ଦା କରିଛନ୍ତି। ଏଥିସହ ଜୁଡିସିଆଲ ଅଫିସରଙ୍କୁ ଘେରାଉ ପାଇଁ ଭାଜପା ଏବଂ ନିର୍ବାଚନ କମିଶନଙ୍କୁ ଦାୟୀ କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ମୁର୍ଶିଦାବାଦର ସୁତି ଓ ସାଗରଡ଼ିହିରେ ପ୍ରଚାରବେଳେ କହିଛନ୍ତି, ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଅସମୟରେ ରାଷ୍ଟ୍ରପତି ଶାସନ ଜାରି କରାଇବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଘଟଣାର ଷଡ଼ଯନ୍ତ୍ର ରଚିଥିଲେ। ତେବେ ଘଟଣା ଘଟିବାବେଳେ କେହି ତାଙ୍କୁ ଏନେଇ ଅବଗତ କରାଇ ନ ଥିବା ମମତା କହିଛନ୍ତି।

# ସିବିଆଇ/ଏନ୍‌ଆଇଏ ତଦନ୍ତ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୪(ପି.ଟି./ଲାଇଭ୍ ଲ)**

### ଏସ୍‌ଆଇଆର୍‌କୁ ଭଣ୍ଡୁର, ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ଉଦ୍ୟମ: ସିଜେଆଇ



ପଶ୍ଚିମବଙ୍ଗ ମାଲଦା ଜିଲାର ଏକ ସରକାରୀ ଅଫିସରେ ୭ ନ୍ୟାୟିକ ଅଧିକାରୀଙ୍କୁ ଅନେକ ଘଣ୍ଟା ଧରି ଘେରାଉ କରାଯିବା ଉପରେ ଗୁରୁବାର ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହା କେବଳ ଭୋଟର ତାଲିକାର ଏସ୍‌ଆଇଆର୍‌କୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସର୍ବୋଚ୍ଚ ଅଦାଲତଙ୍କ କର୍ତ୍ତୃତ୍ୱକୁ ଚ୍ୟାଲେଞ୍ଜ ସଦୃଶ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଆର୍ ସମ୍ପର୍କିତ ବିବାଦ ଏବଂ ଭୋଟରଙ୍କ ଆପତ୍ତି ଅଭିଯୋଗର ସମାଧାନ ନିମନ୍ତେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ରୂପେ ଅନେକ ଶହ ଜୁଡିସିଆଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ବିନା ଖାଦ୍ୟପେୟରେ ଏକ ସରକାରୀ ଅଫିସରେ ଅନେକ ଘଣ୍ଟା ଧରି ଅଟକ ରଖାଯିବା ଘଟଣା ପଶ୍ଚିମବଙ୍ଗରେ ପୋଲିସ ପ୍ରଶାସନର ସମ୍ପୂର୍ଣ୍ଣ ବିଫଳତାକୁ ପଦାରେ ପକାଇଛି ବୋଲି ୩ ଜଣିଆ ଖଣ୍ଡପୀଠ ଭର୍ତ୍ସନା କରିଛନ୍ତି। ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲି ସାମିଲ ଥିବା ଖଣ୍ଡପୀଠ ଉକ୍ତ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଇବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି। ଏଥିସହ ରାଜ୍ୟ ଗୃହ ସଚିବ, ଡିଜିପି ଏବଂ ଅନ୍ୟ ଅଧିକାରୀମାନଙ୍କୁ ସେମାନଙ୍କ ନିଷ୍କ୍ରିୟତା ଉପରେ ଜବାବ ମାଗିଛନ୍ତି। ଖଣ୍ଡପୀଠରେ ଅଧ୍ୟକ୍ଷତା କରୁଥିବା ସିଜେଆଇ ସୂର୍ଯ୍ୟ କାନ୍ତ ଏହା ଉପରେ ଜରୁରୀ ଶୁଣାଣି ବେଳେ କହିଛନ୍ତି, ନ୍ୟାୟିକ ଅଧିକାରୀମାନଙ୍କୁ ଦୀର୍ଘ ସମୟ ଧରି ପଣବନ୍ଦୀ ରଖାଯିବାବେଳେ ରାଜନେତାମାନେ କ'ଣ କରୁଥିଲେ। ସେମାନେ କ'ଣ ଘଟଣାସ୍ଥଳକୁ ଯାଇ ସ୍ଥିତି ଶାନ୍ତ କରାଇପାରି ନ ଥାଆନ୍ତେ?

ଏହି ଘଟଣାକୁ ନେଇ ଚକିତ ହୋଇଯାଇଥିବା ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସୋମବାର ଅପରାହ୍ନ ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅଟକ ଥିବା ନ୍ୟାୟିକ ଅଧିକାରୀମାନଙ୍କୁ ଶେଷରେ ପୋଲିସ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଥିବାବେଳେ ସେମାନଙ୍କ ଉପରକୁ ଟେକାମାଡ଼ କରାଯାଇଥିଲା। ଏହା ଏକ ଯୋଜନାବଦ୍ଧ ଓ ପ୍ରାୟୋଜିତ ଘଟଣା, ଯାହାକି ଜୁଡିସିଆଲ ଅଫିସରମାନଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଉଦ୍ଦିଷ୍ଟ ଥିଲା। ଜୁଡିସିଆଲ ଅଫିସରଙ୍କ ମନରେ ଭୟ ସୃଷ୍ଟି କରି ଆଇନ ହାତକୁ ନେବାକୁ ଦିଆଯିବ ନାହିଁ ବୋଲି ସିଜେଆଇ କହିଛନ୍ତି। ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି, ନେତାମାନେ ଶାସକ ଦଳର ହୁଅନ୍ତୁ କି ବିରୋଧୀ, ଏହି ଘଟଣାକୁ ଏକ ସ୍ୱରରେ ନିନ୍ଦା କରିବା ଜରୁରୀ। ଜୁଡିସିଆଲ ଅଫିସରମାନଙ୍କ ଅର୍ଡରକୁ ସୁପ୍ରିମକୋର୍ଟଙ୍କ ରାୟ ବୋଲି ଗ୍ରହଣ କରାଯିବା ଆବଶ୍ୟକ। ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଜୁଡିସିଆଲ ଅଫିସରମାନଙ୍କ ଜୀବନ, ସ୍ୱାଧୀନତା ଓ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ବଳ ମଗାଇବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, କଲିକତା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲ ଘଟଣା ସମ୍ପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନକୁ ଅବଗତ କରାଇଥିଲେ। କିନ୍ତୁ ରାତି ୮ଟା ୩୦ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହା ପରେ ଅଫିସରମାନେ ଗୃହ ସଚିବ, ଡିଜିପି ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଯୋଗାଯୋଗ କରିଥିଲେ। ତତ୍କାଳ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନା ଦିଆଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ପଡ଼ିଲା।

## ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ଅପ୍‌ଡେଟ୍ ଆବଶ୍ୟକ: ମୋଦି



**ନୂଆଦିଲ୍ଲୀ,୨।୪(ପି.ଟି.)**

ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଜନସେବାର ନିରନ୍ତର ଅପ୍‌ଡେଟ୍ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। 'ସାଧନା ସପ୍ତାହ' ଶୁଭାରମ୍ଭ ଅବସରରେ ଏକ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଶାସନ ଲୋକମାନଙ୍କ ଜୀବନଯାପନକୁ ସହଜ କରିବା ଏବଂ ଦୈନନ୍ଦିନ ଭିତ୍ତିରେ ନାଗରିକଙ୍କ ଜୀବନଧାରଣ ମାନ ବଢ଼ାଇବା ଆବଶ୍ୟକ। ଆମ ଦେଶରେ ଶାସନର ସିଦ୍ଧାନ୍ତ 'ନାଗରିକ ଦେବୋ ଭବଃ' ମନ୍ତ୍ର ଉପରେ ଆଧାରିତ। ଏହି ମନ୍ତ୍ର ସାମୂହିକ ମନୋଭାବ ସହିତ ଜନସେବାକୁ ଅଧିକ ସମର୍ଥ କରିବା ଏବଂ ନାଗରିକମାନଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ କରିବା ପାଇଁ ଉଦ୍ଦିଷ୍ଟ।

# କଂଗ୍ରେସ ଇସ୍ତାହାରରେ ୧୧ ସଂକଳ୍ପନାମା

### ଆସାମ ନିର୍ବାଚନ ପାଇଁ ଜାରିକଲେ ରାହୁଲ

**ବୋକାଜାନ୍,୨।୪**

ଆସାମ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ଦଳର ଇସ୍ତାହାର ଜାରି କରିଛନ୍ତି। ସେଥିରେ ୧୧ଟି ସଂକଳ୍ପନାମା ରହିଛି। ଶାସନ, ପରିଚୟ, ଭିତ୍ତିଭୂମି ବିକାଶ, ଉଦ୍ୟୋଗୀକରଣ, କୃଷି, ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟସେବା ଏବଂ ଆସାମର ସୁରକ୍ଷା ଆଦି ୧୧ଟି ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଛି। ବୋକାଜାନ୍‌ଠାରେ ଏକ ନିର୍ବାଚନୀ ରାଲିରେ ରାହୁଲଙ୍କ ସହ ଦଳର ଆସାମ ସଭାପତି ଗୌରବ ଗୋଗୋଇ ଓ ଅନ୍ୟ ବରିଷ୍ଠ ନେତାମାନେ କଂଗ୍ରେସ ଇସ୍ତାହାର ଉନ୍ମୋଚନ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗତ ୨୯ ତାରିଖରେ ଆସାମ ଗସ୍ତରେ ଯାଇଥିବାବେଳେ ଦଳର ୫ଟି ଗ୍ୟାରେଣ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଉକ୍ତ ଗ୍ୟାରେଣ୍ଟି ମଧ୍ୟରେ ରହିଛି ମହିଳାଙ୍କ କଲ୍ୟାଣ, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ଜମି ଅଧିକାର ଏବଂ ଜୁବିନ୍ ଗର୍ଗ ମୃତ୍ୟୁ ମାମଲାରେ ନ୍ୟାୟ ପ୍ରଦାନ। ମହିଳାଙ୍କୁ ଆର୍ଥିକ ସହାୟତା ସମେତ ଯେଉଁମାନେ ବ୍ୟବସାୟ ବଢ଼ାଇବାକୁ ଚାହିଁବେ ସେମାନଙ୍କୁ ଅତିରିକ୍ତ ୫୦,୦୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି ଉକ୍ତ ଗ୍ୟାରେଣ୍ଟିରେ କୁହାଯାଇଥିଲା।

# ରାଜ୍ୟ ସଭା ଉପନେତା ପଦରୁ ରାଘବ ଚଢ଼ାଙ୍କୁ ବିଦାକଲା ଆପ୍

**ନୂଆଦିଲ୍ଲୀ,୨।୪**

ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଗୁରୁବାର ରାଜ୍ୟ ସଭା ସଚିବାଳୟକୁ ଏକ ପତ୍ର ଲେଖି ଏହାର ଏମ୍‌ପି ରାଘବ ଚଢ଼ାଙ୍କୁ ଗୃହରେ ଦଳର ଉପନେତା ପଦରୁ ବହିଷ୍କାର କରିବା ପାଇଁ କହିଛି। ତାଙ୍କ ସ୍ଥାନରେ ପଞ୍ଜାବ ଏମ୍‌ପି ଅଶୋକ ମିତ୍ତଲଙ୍କୁ ଦଳର ଉପନେତା କରାଯିବାକୁ ଆପ୍ ପ୍ରସ୍ତାବ ଦେଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପଞ୍ଜାବରୁ ରାଜ୍ୟ ସଭା ସଦସ୍ୟ ଥିବା ଚଢ଼ାଙ୍କୁ ଦଳୀୟ କୋଟାରେ ଗୃହରେ କହିବା ପାଇଁ ସମୟ ନ ଦେବାକୁ ମଧ୍ୟ ଆପ୍ କହିଛି।



ଆପ୍ ସମ୍ପର୍କିତ ପ୍ରସଙ୍ଗରେ ଚଢ଼ା ଦୀର୍ଘଦିନ ହେଲା ନୀରବ ରହିଛନ୍ତି। ଆପ୍ ନେତା ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଜନସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ସେ ଅନୁପସ୍ଥିତ ରହୁଛନ୍ତି। ତେଣୁ ତାଙ୍କୁ ଉଚ୍ଚ ସଦନରେ ଦଳୀୟ ଉପନେତା ପଦରୁ ହଟାଇବା ପାଇଁ ଆପ୍ ନିଷ୍ପତ୍ତି ନେଇଛି।

## ଜୁନ୍ ଯାଏ ପେଟ୍ରୋକେମିକାଲ୍ ଉତ୍ପାଦ ଉପରୁ ଆମଦାନୀ ଶୁଳ୍କ ଛାଡ଼

**ନୂଆଦିଲ୍ଲୀ,୨।୪(ପି.ଟି.)**

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଥିବାବେଳେ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ ପେଟ୍ରୋକେମିକାଲ୍ ଉତ୍ପାଦଗୁଡ଼ିକର ଆମଦାନୀ ଉପରୁ ଶୁଳ୍କ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ୩ ମାସ ପାଇଁ ଆମଦାନୀ ଶୁଳ୍କ ଛାଡ଼ କରାଯିବ। ସରକାର ଗୁରୁବାର ଏହା ଘୋଷଣା କରିବା ପରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀ, ରାସାୟନିକ ଓ ପୋଷାକ ଶିଳ୍ପଗୁଡ଼ିକୁ ଆଶ୍ୱସ୍ତି ମିଳିଛି। ପଶ୍ଚିମ ଏସିଆ ଯୁଦ୍ଧ ମଧ୍ୟରେ ଯୋଗାଣ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ୩ ମାସିଆ ରିହାତି ପାଇଁ ସରକାରଙ୍କୁ ୧,୮୦୦ କୋଟି ଟଙ୍କା ରାଜସ୍ୱ ହରାଇବାକୁ ପଡ଼ିବ।

# ବିଦେଶରେ ଦୈନିକ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨।୪(ପି.ଟି.)**

ବିଦେଶରେ ରହୁଥିବା ଭାରତୀୟ କର୍ମଚାରୀମାନଙ୍କ ଅବସ୍ଥା ସମ୍ପର୍କିତ ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ହେଲା ବିଦେଶ ମାଟିରେ ପ୍ରତିଦିନ ୨୦ରୁ ଊର୍ଦ୍ଧ୍ୱ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟୁଛି। ଅଧିକାଂଶ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ହେଉଥିବା ରାଜ୍ୟ ସଭାରେ ପୂର୍ବରୁ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ରଖିଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି। ସେ ଉପସ୍ଥାପନ କରିଥିବା ସରକାରୀ ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମଧ୍ୟରେ ବିଦେଶରେ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁସଂଖ୍ୟା ୩୭,୭୪୦। ତେବେ ମୃତ୍ୟୁର କାରଣ ସମ୍ପର୍କରେ ସବିଶେଷ ବିବରଣୀ ଦିଆଯାଇନାହିଁ।

ତଥ୍ୟ ଅନୁଯାୟୀ, ୨୦୨୧ରେ ବିଦେଶରେ ସର୍ବାଧିକ ୮,୨୩୪ ଜଣ ଭାରତୀୟ କର୍ମଚାରୀ ପ୍ରାଣ ହରାଇଥିଲେ। ୨୦୨୨ରେ ଏହି ସଂଖ୍ୟା ୬,୬୧୪କୁ ହ୍ରାସ ପାଇଥିଲା। ୨୦୨୩ରେ ବିଦେଶରେ ଭାରତୀୟଙ୍କ ମୃତ୍ୟୁସଂଖ୍ୟା ୭,୨୯୧, ୨୦୨୪ରେ ୭,୭୪୭ ଏବଂ ୨୦୨୫ରେ ୭,୮୫୪ ରହିଛି। ଉକ୍ତ ମୃତ୍ୟୁସଂଖ୍ୟାର ୮୬ ପ୍ରତିଶତରୁ ଅଧିକ ଉପସାଗରୀୟ ଦେଶଗୁଡ଼ିକରେ ବୋଲି ଜଣାପଡ଼ିଛି। ୫ ବର୍ଷରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ସର୍ବାଧିକ ୧୨,୩୮୦ ଜଣ ଏବଂ ସାଉଦି ଆରବରେ ୧୧,୭୫୭ ଜଣ ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେହିପରି କୁଏତ୍‌ରେ ୩,୮୯୦, ଓମାନରେ ୨,୮୨୧, ମାଲେସିଆରେ ୧,୯୧୫ ଏବଂ କାତାରରେ ୧,୭୬୦ ଜଣ ଭାରତୀୟ ପ୍ରାଣ ହରାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଉକ୍ତ ସମୟ ମଧ୍ୟରେ ବିଦେଶରେ ଥିବା ଭାରତୀୟ ମିଶନଗୁଡ଼ିକୁ ଭାରତୀୟଙ୍କଠାରୁ ଆକ୍ରମଣ, ଶୋଷଣ ଏବଂ କାର୍ଯ୍ୟସ୍ଥଳରେ ହଇରାଣ ସମ୍ପର୍କିତ ୮୦,୯୮୫ଟି ଅଭିଯୋଗ ମିଳିଥିଲା। ୟୁଏଇରୁ ସର୍ବାଧିକ ୧୬,୯୬୫ ଅଭିଯୋଗ ଆସିଥିବାବେଳେ କୁଏତ୍‌ରୁ ୧୫,୨୩୪, ଓମାନ୍‌ରୁ ୧୩,୨୯୫ ଏବଂ ସାଉଦି ଆରବରୁ ୧୨,୯୮୮ଟି ଅଭିଯୋଗ ଆସିଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 52 Years






ଆର୍ଟେମିସ୍-୨: ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ମହାକାଶଚାରୀମାନଙ୍କୁ ନେଇ ଚନ୍ଦ୍ର ଅଭିମୁଖେ ଯାତ୍ରା କରୁଛି।

# ଚନ୍ଦ୍ରକୁ ମହାକାଶଚାରୀ ପଠାଇଲା ନାସା

**କେପ୍ କାନାଭେରାଲ,୨।୪**

ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ପରେ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ବୁଧବାର ଚନ୍ଦ୍ର ଅଭିମୁଖେ ୪ ଜଣ ମହାକାଶଚାରୀଙ୍କୁ ପଠାଇଛି। ଆର୍ଟେମିସ୍-୨ ନାମରେ ଏହି ଚନ୍ଦ୍ର ଅଭିଯାନ ୩ ଜଣ ଆମେରିକୀୟ ଏବଂ ଜଣେ କାନାଡୀୟ ମହାକାଶଚାରୀ ଯାଇଛନ୍ତି। ନାସାର କେନେଡି ସ୍ପେସ୍ ସେଣ୍ଟରରୁ ବିଶାଳ ରକେଟ ସେମାନଙ୍କୁ ନେଇ ମହାକାଶ ଅଭିମୁଖେ ଯାତ୍ରା କରିଛି। ରକେଟ ଉତ୍କ୍ଷେପଣ ବେଳେ ଏହାକୁ ଦେଖିବା ପାଇଁ ଆଖପାଖ ରାସ୍ତା ଓ ବେଳାଭୂମିରେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ସୂଚନାଯୋଗ୍ୟ, ୬୦ ଦଶକରେ ନାସା ଚନ୍ଦ୍ରକୁ ଆପୋଲୋ ମହାକାଶ ଯାନ ସହାୟତାରେ ମହାକାଶଚାରୀଙ୍କୁ ପଠାଇଥିଲା। ଚନ୍ଦ୍ରରେ ମାନବ ଉପସ୍ଥିତି ଦିଗରେ ଏହା ନାସାର ସବୁଠୁ ବଡ଼ ପଦକ୍ଷେପ ହୋଇ ରହିଛି। ଆର୍ଟେମିସ୍-୨ ମଧ୍ୟ ସେହି ଫ୍ଲୋରିଡା ଲଞ୍ଚ ସାଇଟ୍‌ରୁ ଅଭିଯାନ ଆରମ୍ଭ ☞ପୃଷ୍ଠା-୫

# ରିଲ୍ସ: ନଦୀକୁ ଡେଇଁ ଜୀବନ ଗଲା

**ସୋସିଆଲ ମିଡିଆରେ ରିଲ୍ସ ଓ ଭାଇରାଲ ଭିଡିଓ ପାଇଁ ଯୁବତୀଯୁବକମାନେ ବିପଦଜନକ ଷ୍ଟଣ୍ଟ କରି ଜୀବନ ହରାଉଛନ୍ତି। ଲାଇକ୍ସ, କମେଣ୍ଟ୍ସ ଓ ଶେୟାର ବଢ଼ାଇବା ପାଇଁ ଜୀବନକୁ ବାଜି ଲଗାଇବା ଏବେ ଏକ ବଡ଼ ସାମାଜିକ ସମସ୍ୟା ହୋଇପଡ଼ିଛି। ଗୁରୁବାର ଭଦ୍ରକରେ ଏଭଳି ଏକ ଅଘଟଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ବର୍ତ୍ତି ଯାଇଛନ୍ତି। ଗତ ୨ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରିଲ୍ସ କରୁଥିବା ସମୟରେ ୭ଜଣଙ୍କ ପ୍ରାଣହାନୀ ଘଟିଲାଣି। ବିପଦପୂର୍ଣ୍ଣ ଅବସ୍ଥାରେ ରିଲ୍ସ କରି ନିଜ ଜୀବନକୁ ବିପଦରେ ନ ପକାଇବାକୁ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଯୁବପିଢ଼ି ଅମାନିଆ ହେବାରୁ ଏଭଳି ଗୋଟେ ପରେ ଗୋଟେ ଅକାଳରେ ଜୀବନ ଚାଲିଯାଉଛି।**

**ଭଦ୍ରକ/ପାଟଣା,୨।୪ (ସନାତନ ରାଉତ/ବୀରକିଶୋର ଦାଶ)**

ଭଦ୍ରକ ଜିଲା ଟାଉନ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ପୋଲ ଉପରୁ ସାଳନ୍ଦୀ ନଦୀକୁ ଡେଇଁ ରିଲ୍ସ କରିବା ଜଣେ ଯୁବକଙ୍କ ପାଇଁ କାଳ ସାଜିଛି। ନଦୀରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା ଅଧୀନ ବାଉଁଶୁଳି ପଞ୍ଚାୟତ ଭୁଲୁଦା ରାଜବନ୍ଧ ସାହିର ମିଥୁନ ନାଏକ(୨୫)। ସୂଚନା ଅନୁଯାୟୀ, ମିଥୁନ ଏବଂ ତୁରୁମୁଙ୍ଗା ଥାନା ଅଞ୍ଚଳର ଅନ୍ୟ ୨ଯୁବକ ଭଦ୍ରକର ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ଅଞ୍ଚଳରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ଗୁରୁବାର କୌଣସି କାମ ନ ମିଳିବାରୁ ପୂର୍ବାହ୍ନ ୧୧ଟା ବେଳେ ରିଲ୍ସ କରିବାକୁ ସାଳନ୍ଦୀ ନଦୀ ପୋଲକୁ ଆସିଥିଲେ। ୨ଜଣ ପୋଲ ଉପରୁ ନଦୀକୁ ଡେଉଁଥିବା ବେଳେ ଆଉ ଜଣେ ସାଥୀ ଯୁବକ ମୋବାଇଲରେ ଭିଡିଓ ଶୁଟିଂ କରିଥିଲେ। ଜଣେ ଯୁବକ ଡେଇଁବା ପରେ ଆଉ ଜଣେ ଯୁବକ ଡିଆଁ ମାରିଥିଲେ। ତେବେ ପ୍ରଥମ ଯୁବକ ଜଣକ ଉପରକୁ ଉଠି ଆସିଥିବାବେଳେ ମିଥୁନ ପାଣିରେ ବୁଡ଼ି ଯାଇଥିଲେ। କିଛି ସମୟ ପର୍ଯ୍ୟନ୍ତ ପାଣିରୁ ଉପରକୁ ନ ଆସିବାରୁ ସାଥୀ ୨ ଯୁବକ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ପୁରୁଣାବଜାର ପୋଲିସ ଓ ଭଦ୍ରକ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ସମୟ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ମିଳିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ନିଶାସକ୍ତ ଅବସ୍ଥାରେ ୨ ଯୁବକ ପୋଲ ଉପରୁ ନଦୀକୁ ଡେଇଁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଏବେ ଉକ୍ତ ରିଲ୍ସ ଭାଇରାଲ ☞ପୃଷ୍ଠା-୫

## ୨ବର୍ଷରେ ଗଲାଣି ୭ ଜୀବନ

ଗତ ଦୁଇ ବର୍ଷ (ଏପ୍ରିଲ ୨୦୨୪ରୁ ୨ ଏପ୍ରିଲ ୨୦୨୬) ମଧ୍ୟରେ ଓଡ଼ିଶାରେ ସୋସିଆଲ ମିଡିଆ 'ରିଲ୍' ଶୁଟିଂ ସମୟରେ ଅତିକମ୍‌ରେ ୬ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ସମ୍ପର୍କିତ ତଥ୍ୟ ରହିଛି। ଯଦିଓ ସରକାରୀ ଭାବେ 'ରିଲ୍‌ଜନିତ ମୃତ୍ୟୁ' ପାଇଁ କୌଣସି ସ୍ୱତନ୍ତ୍ର ବିଭାଗ ନାହିଁ, ତଥାପି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ପୋଲିସ ଏହି 'ରିଲ୍ ନିଶା'କୁ ଅଘଟଣର ଏକ ପ୍ରମୁଖ କାରଣ ଭାବେ ଚିହ୍ନଟ କରିଛନ୍ତି। ଏଭଳି ମୃତ୍ୟୁ ସଂଖ୍ୟାରେ ଓଡ଼ିଶା ଭାରତରେ ୮ମ ସ୍ଥାନରେ ରହିଛି। ମିଳିଥିବା ତଥ୍ୟ ଅନୁସାରେ, ୨୦୨୪ ଅକ୍ଟୋବର ୧୪ରେ ବାଲେଶ୍ୱର ଜିଲା ସୋରୋ ନିକଟ ଅମ୍ବାହଟା କେନାଲରେ ରିଲ୍ସ କରିବା ସମୟରେ ଦୁଇ ନାବାଳକ ଦୀପୁ ନାୟକ ଏବଂ ଅଶୋକ ଦାସ ବୁଡ଼ି ଯାଇଥିଲେ। ଜଣଙ୍କର ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିବାବେଳେ ଅନ୍ୟଜଣେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଥିଲେ। ☞ପୃଷ୍ଠା-୫

# ୩୦ ଜିଲାରେ ୧,୮୮୯ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ଲୋକାର୍ପିତ



ଅଙ୍ଗନୱାଡି କେନ୍ଦ୍ରର ଲୋକାର୍ପଣ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସହ ଅଧିକାରୀମାନେ।

**ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)**

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗର ମିଳିତ ସହଯୋଗରେ ରାଜ୍ୟର ୩୦ ଜିଲାରେ ୧,୮୮୯ଟି ନୂଆ ଅଙ୍ଗନୱାଡି କେନ୍ଦ୍ର ଖୋଲିଛି। ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଏସବୁ ଅଙ୍ଗନୱାଡି କେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡା କହିଛନ୍ତି, ସୁନ୍ଦର, ସକ୍ଷମ ଓ ସୁଦୃଢ଼ ଅଙ୍ଗନୱାଡ଼ି ଗଠନ ହିଁ ଆମର ମୂଳ ଲକ୍ଷ୍ୟ। ଏହି ଅବସରରେ ସେ ବାଲେଶ୍ୱର, ଗଞ୍ଜାମ, କଟକ, ଅନୁଗୋଳ ଏବଂ ଦେବଗଡ଼ ଭଳି ବିଭିନ୍ନ ଜିଲାର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ଆଜିର ଶିଶୁମାନେ ହିଁ ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତେଣୁ ଏସବୁ ନୂଆ ଅଙ୍ଗନୱାଡି କେନ୍ଦ୍ର ଶିଶୁ, ଗର୍ଭବତୀ ଏବଂ ପ୍ରସୂତି ମା'ମାନଙ୍କ ପାଇଁ ପୁଷ୍ଟିସାଧନ, ପ୍ରାରମ୍ଭିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସଚେତନତାର ଏକ ପ୍ରମୁଖ କେନ୍ଦ୍ର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ୩୦ ଜିଲାର ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ସୁନ୍ଦର, ସକ୍ଷମ, ସୁଦୃଢ଼ ଅଙ୍ଗନୱାଡ଼ି ଆମର ଲକ୍ଷ୍ୟ: ପ୍ରଭାତୀ

## ଜାରି ରହିବ କାଳବୈଶାଖୀ | ୫ଦିନ କଲବଲ କରିବ ଖରା, ଗୁଳୁଗୁଳି

**ଭୁବନେଶ୍ୱର,୨।୪ (ଅନୁରାଧା ମହାରଣା)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କେତେକ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳୁଛି। ଗୁରୁବାର ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୦.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ଟିଟିଲାଗଡ଼ରେ ୪୦.୦ ଡିଗ୍ରୀ ରହିଥିଲା। ତେବେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହେବ। ଏଥିପାଇଁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ୩ ତାରିଖ ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଅନ୍ୟପଟେ କୋରାପୁଟ, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଆଦି ଜିଲାରେ ଝଡ଼ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହିସବୁ ଜିଲାରେ ବିଜୁଳି ଓ ଘଡ଼ଘଡ଼ି ଭୟ ଥିବାବେଳେ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ୪ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାରେ ମଧ୍ୟ ଖରା ସହ ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ରହିଛି। ସେପଟେ କୋରାପୁଟ ଓ ମାଲକାନଗିରିରେ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ୫ ତାରିଖରେ କୋରାପୁଟ, ମାଲାକାନଗିରି, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ଖରା ଗୁଳୁଗୁଳି ପାଇଁ ୟେଲୋ ୱାର୍ନିଂ ରହିଛି। ସେହିପରି ଝଡ଼ବର୍ଷା ପାଇଁ ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ା ଆଦି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୬ ଓ ୭ ତାରିଖରେ ମଧ୍ୟ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି।



# ଦେଶ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି:ଚିବ୍

**ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)**

ଦେଶ ଏବେ ଉତ୍କଟ ବେକାରି ସମସ୍ୟା ସହ ଲଢୁଛି ବୋଲି ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କହିଛନ୍ତି। ରାଜ୍ୟରେ ଛାତ୍ର, ଯୁବକ, ନାରୀ, ଚାଷୀ, ଆଦିବାସୀ ଆଦି କାହାରିକୁ ନ୍ୟାୟ ମିଳୁ ନଥିବା ପ୍ରତିବାଦରେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୋଗଦେଇ ଚିବ୍ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୨କୋଟି ନିଯୁକ୍ତି ଦେବାପାଇଁ ଘୋଷଣା କରିଥିଲେ। ମାତ୍ର ୧୨ବର୍ଷରେ ୨୪କୋଟିରୁ ଏପର୍ଯ୍ୟନ୍ତ କେତେ ନିଯୁକ୍ତି ଦିଆଯାଇଛି ତା'ର ଜବାବ ଦେଉନାହାନ୍ତି। କିନ୍ତୁ ଦେଶରେ ବେକାରି ସମସ୍ୟା ଉତ୍କଟ ହୋଇଚାଲିଛି। ଅପରପକ୍ଷେ ଓଡ଼ିଶାରେ ବିନା ଦାୟିତ୍ୱବୋଧରେ ଶାସନ ଚାଲିଛି। କଟକ ବଡ଼ ଡାକ୍ତରଖାନାରେ ରୋଗୀ ମୃତ୍ୟୁ ଘଟଣା ସ୍ୱାସ୍ଥ୍ୟସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଛି । ଏପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି କି ଏହି ବ୍ୟବସ୍ଥାକୃତ ଅଘଟଣ ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସେମାନଙ୍କୁ ନରହତ୍ୟା ଅପରାଧରେ ଦଣ୍ଡିତ କରିବା କଥା। ସେହିପରି ରାଜ୍ୟରେ ନାରୀ ନିର୍ଯାତନା ସୀମା ଲଙ୍ଘିଛି। ସେ କହିଛନ୍ତି, ପଣ୍ଡିତ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଥିବା ବେଳେ ରୁଷିଆ ଓ ଆମେରିକା କାହାକୁ ଖାତିର ନ କରି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ଭାରତ ଏହାର ନେତୃତ୍ୱ ନେଉଥିଲା। ହେଲେ ଏବେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଭୟ କରୁଛନ୍ତି। କାଳେ ଏପଷ୍ଟିନ୍ ଫାଇଲ ଖୋଲିଯିବ କିମ୍ବା ଆଦାନୀଙ୍କ ଫାଇଲ ଟ୍ରମ୍ପ ଖୋଲିଦେବେ ସେହି ଡର ପ୍ରଧାନମନ୍ତ୍ରୀଙ୍କୁ ଘାରିଛି। ବର୍ତ୍ତମାନ ସରକାର ଚାଷୀ ବିରୋଧୀ ବୋଲି 'ଭାରତ ଆମେରିକା ବାଣିଜ୍ୟ ଚୁକ୍ତି' ତାହାର ପ୍ରମାଣ। ଏହି ଚୁକ୍ତି ଦ୍ୱାରା ଭାରତୀୟ ଚାଷୀଙ୍କର ଘୋର କ୍ଷତି ହେଉଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ତାହାକୁ ଗ୍ରହଣ କରିଛନ୍ତି। ଏଥିପାଇଁ ଦେଶର ଯୁବବର୍ଗ 'ପ୍ରଧାନମନ୍ତ୍ରୀ କମ୍ପ୍ରମାଇଜ୍‌ଡ' ବୋଲି କହୁଛନ୍ତି। ତେଣୁ ଏହି ଡବଲ ଇଞ୍ଜିନ ସରକାର ବିରୋଧରେ ଯୁବ କଂଗ୍ରେସକୁ ଲଢ଼େଇ କରିବାକୁ ପଡ଼ିବ। ଏମାନଙ୍କୁ ଗାଦିଚ୍ୟୁତ ନ କଲା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଚିବ୍ କହିଛନ୍ତି।

## ଦେଶରେ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି: ଭକ୍ତ

ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି,ଦେଶରେ ଲୋକଙ୍କୁ ଖାଇବାକୁ ଖାଦ୍ୟ ସାମଗ୍ରୀ ମିଳୁନାହିଁ। ଗ୍ୟାସ୍ ଅଭାବରୁ ହୋଟେଲରେ ଖାଦ୍ୟ ଦର ବହୁଗୁଣ ବଢ଼ିଯାଇଥିବାବେଳେ ପାରମ୍ପରିକ ଶ୍ରମିକମାନେ ଦୁଇମୁଠା ଖାଇବାକୁ ପାଉନାହାନ୍ତି। ଏହାକୁ କେବଳ କୃତ୍ରିମ ଅଭାବ କୁହାଯିବନି, ଦେଶରେ ସଂପ୍ରତି ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି କହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ଏଥିସହ ସେ କହିଛନ୍ତି, ଏଠାରେ ଛାତ୍ର, ଯୁବକ, ନାରୀ, ଚାଷୀ ଓ ଆଦିବାସୀ କାହାରିକୁ ନ୍ୟାୟ ମିଳୁନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ବିଫଳ ହୋଇଛନ୍ତି। ଓଡ଼ିଶାର ଯୁବକମାନଙ୍କ ଉପରେ ମୋର ଗଭୀର ଆସ୍ଥା ରହିଛି ଏବଂ ନିକଟ ଭବିଷ୍ୟତରେ ସେମାନେ ହିଁ ହେବେ ପରିବର୍ତ୍ତନର ସୂତ୍ରଧର ହେବେ ବୋଲି ଭକ୍ତ କହିଛନ୍ତି।

ସମାବେଶରେ ଅଖିଳ ଭାରତ ଯୁବ କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିଆନା ରାଜୁ, ସହ ପ୍ରଭାରୀ ଖୁସି ଟିଗା, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ସରକାରଙ୍କ କୃଷକ, ନାରୀ ଓ ଯୁବ ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ପ୍ରଥମେ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଚିବ୍‌ଙ୍କୁ ଶ୍ରୀରାମ ମନ୍ଦିର ଛକଠାରୁ ମାଷ୍ଟରକ୍ୟାଣ୍ଟିନ ସମାବେଶ ପର୍ଯ୍ୟନ୍ତ ଏକ ବିଶାଳ ବାଇକ ରାଲି ଯୋଗେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ପାଛୋଟି ଆଣିଥିଲେ। ଏହି ଅବସରରେ ୫ ଦଫା ଦାବିରେ ଯୁବ କଂଗ୍ରେସ ସଚିବାଳୟ ଘେରାଉ କରିବା ବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ କଂଗ୍ରେସ କର୍ମକର୍ତ୍ତାଙ୍କୁ ଗିରଫ କରି ପରେ ଛାଡ଼ି ଦେଇଛି। କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ମାଲକାନଗିରିରୁ ମୟୂରଭଞ୍ଜ ପର୍ଯ୍ୟନ୍ତ ଯୁବକ୍ରାନ୍ତି ସମାବେଶ ଆୟୋଜିତ ହେବ ବୋଲି ସୂଚନା ଦେଇଛନ୍ତି।



ମାଷ୍ଟରକ୍ୟାଣ୍ଟିନ ଛକଠାରେ ଗୁରୁବାର ଅନୁଷ୍ଠିତ ଯୁବକ୍ରାନ୍ତି ସମାବେଶରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଉଦ୍‌ବୋଧନ ଦେଉଛନ୍ତି।

# ଜିଏମ୍‌ଆର୍ କମ୍ପାନୀ ପକ୍ଷରୁ ପଥର ବ୍ଲାଷ୍ଟିଂ, ଜଣେ ଆହତ

**ଢେଙ୍କାନାଳ,୨।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା କମଳାଙ୍ଗ ଅଞ୍ଚଳରେ ଥିବା ଜିଏମ୍‌ଆର କାରଖାନା ନିକଟରେ କମ୍ପାନୀ ପକ୍ଷରୁ ଗୁରୁବାର ଦିନ ପ୍ରାୟ ସାଢେ ୧ଟା ସମୟରେ ଏକ ନୂତନ ସୋଲାର ୟୁନିଟ୍ ନିର୍ମାଣ ପାଇଁ ପଥର ବ୍ଲାଷ୍ଟିଂ କରାଯାଉଥିଲା। ଏହି ବ୍ଲାଷ୍ଟିଂ ଫଳରେ ନିକଟସ୍ଥ ଗ୍ରାମ ପୋଖରୀରେ ଗାଧୋଉଥିବା ଜଣେ ବ୍ୟକ୍ତିଙ୍କ ଦେହରେ ପଥର ବାଜିବାରୁ ସେ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳବାସୀ କମ୍ପାନୀ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ କଣ୍ଟାବଣିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା । ଜିଏମ୍‌ଆର କାରଖାନାର ଏକ ୧୦ ମେଗାୱାଟ୍‌ର ସୋଲାର ୟୁନିଟ ନିମନ୍ତେ ବ୍ଲାଷ୍ଟିଂ ପାଇଁ ଅନୁମତିପ୍ରାପ୍ତ ହୋଇ ଏହି ବ୍ଲାଷ୍ଟିଂ କରାଯାଉଥିଲା ବୋଲି କମ୍ପାନୀ ସୂତ୍ରରୁ ଜଣାପଡ଼ିଛି। ଖବରପାଇ ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ଘଟଣାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି।

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଶ୍ରୀକ୍ଷେତ୍ର ନଗର, ସମଲପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡକ ମେଳା ଶୁଭାରମ୍ଭ, ସ୍ଥାନ: ଚନ୍ଦନେଶ୍ୱରଜୀଉ ମନ୍ଦିର, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ନର୍ଥ ଓଡ଼ିଶା ମିଡ଼ିଆ କ୍ଲବର ବୈଠକ, ସ୍ଥାନ : ଶ୍ରୀହରି ହୋଟେଲ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଦିବସ ଉଦଯାପିତ, ସ୍ଥାନ: ଦେଉଳା ହାଟ ଓ ସାହାବାଜିପୁର ମଧୁମଣ୍ଡପ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ଓଡ଼ିଆ ପକ୍ଷ ପାଳନ ଅବସରରେ ସହର ପରିକ୍ରମା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ମନରେଗା ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ ବେତଡ଼ା ବଜାର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ପୂଜାର ଉଦ୍ଯାପନୀ, ସ୍ଥାନ: ଏରଡ଼ା, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଖଣ୍ଡଘର ପଞ୍ଚାୟତ ତଣ୍ଡିବେଡା ମହାନ୍ତ ସାହିରେ ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଡେଙ୍କିକୋଟ୍, ସମୟ: ପୂର୍ବାହ୍ନ ୧୧ ଟା।
- ପାରମ୍ପରିକ ପରିଧାନ ଦିବସ, ସ୍ଥାନ: ପୌର କାର୍ଯ୍ୟାଳୟ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ:ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ଅଧିବାସ,ସ୍ଥାନ: ସିଂହଡିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଯୋଗ ଉତ୍ସବ, ସ୍ଥାନ: ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୬ ଟା ୪୫।
- ଆଇନଜୀବୀ ସଂଘର ଶପଥ ଗ୍ରହଣ, ସ୍ଥାନ: ବାର ଆଶୋସିଏଶନ୍ ହଲ, ସମୟ: ମଧ୍ୟାହ୍ନ ୧ଟା।

**ଗଞ୍ଜାମ**
- ନବ ନିର୍ବାଚିତ ଆଇନଜୀବୀଙ୍କ ଶପଥ ଗ୍ରହଣ, ସ୍ଥାନ: ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ , ସମୟ: ଅପରାହ୍ନ ୩ଟା।

**ଜଗତ୍‌ସିଂହପୁର**
- ପାରାଦୀପ ପୌରପାଳିକା ପକ୍ଷରୁ ହସ୍ତତନ୍ତ ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସରସ୍ୱତୀ ବିଦ୍ୟାମନ୍ଦିର, ଚଣ୍ଡିଆଗଡ଼ି, ଆଳି, ସମୟ: ସକାଳ ୮ଟା।
- ଶ୍ରୀମୁକ୍ତେଶ୍ୱର ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମୁକ୍ତେଶ୍ୱର ମନ୍ଦିର ପରିସର, ଜେନାଭଳି ଓ ଉଇବାଡ, କଳସପୁର, ଆଳି, ସମୟ: ସନ୍ଧ୍ୟା ୬ଟା
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ଶ୍ରୀରାମ ଜନ୍ମୋତ୍ସବ ଓ ରାମଗାଥା ଅଭିନୟ, ସ୍ଥାନ: ମୁକୁନ୍ଦପୁର, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମାଣିକପାଟଣା, ଆଳି, ସମୟ: ସନ୍ଧ୍ୟା ୭ଟା।
- ବାସୁଦେବ ମେଲଣ ମହୋତ୍ସବ ଉପଲକ୍ଷେ ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ ପକ୍ଷର ଏ କେମିତିକା ସମ୍ପର୍କ ନାଟକ ପରିବେଷଣ, ସ୍ଥାନ: କିଣିଲୋ, ପଦ୍ମପୁର, ଗରଦପୁର, ସମୟ: ସନ୍ଧ୍ୟା ୭ଟା।୦

**ଯାଜପୁର**
- ବିରଜା ହାଟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ, ସ୍ଥାନ : ବିରଜା ମନ୍ଦିର ନିକଟ ହାଟ ପରିସର, ସମୟ : ଅପରାହ୍ନ ୪ଟା।
- ଆହ୍ୱାନ ପକ୍ଷରୁ ରଙ୍ଗ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୧ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ: ସକାଳ ୭ଟାରୁ ଅପରାହ୍ନ ୨ଟା।
- ହାଣ୍ଡି ଭଙ୍ଗା ଯାତ୍ରାର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ମହୁଲପଡା, ସମୟ:ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ ଫକୀରଅତବୁଦ୍ଧି ପାଟଣା, ସମୟ: ସକାଳ ୮ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ୨ୟ ଦିବସ, ସ୍ଥାନ: କଣ୍ଟିଲୋ କାଂସାରୀ ସାହିପାଟଣା, ସମୟ: ସକାଳ ୮ଟା ୩୦।
- ପାରମ୍ପରିକ ପୋଷାକ ଦିବସ, ସ୍ଥାନ: ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାର ଅଷ୍ଟମ ଦିବସରେ ସୀତା ହରଣର ପୂଜାର୍ଚ୍ଚନା, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଦଣ୍ଡପର୍ବର ସପ୍ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢ଼ୋଲମରା, କଣ୍ଟିଲୋ, ବେଣାଗାଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ନ ୨ଟା।
- ଶ୍ରୀ ରଘୁନାଥ ଜୀଉଙ୍କର ନବଦିନ ବେଶର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ବିଜେ ଓଡଗାଁଙ୍କର ଶ୍ରୀରାମ ନବମୀ ଯାତ୍ରା ଅବସରରେ ନବଦିନ ସନ୍ଧ୍ୟା ବେଶର ଅଷ୍ଟମ ଦିବସରେ ଚିତ୍ରକୁଟ ବେଶ, ସ୍ଥାନ: ଓଡଗାଁ ରଘୁନାଥ ମନ୍ଦିର ଓଡଗାଁ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପନ ଦିବସରେ ଅଭିଷେକ ଓ କାକ ଭୂଷଣ୍ଡି ଗରୁଡ ସମ୍ବାଦ, କଳିଯୁଗ ବର୍ଣ୍ଣନା, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ୩୦।
- ଐତିହାସିକ ଲଙ୍କାପୋଡି ଯାତ୍ରାର ୬ଷ୍ଠ ଦିବସ ରାତ୍ରରେ ମୁଖା ରାମଲୀଳାରେ ସୀତା ହରଣ, ସ୍ଥାନ: ଦଶପଲ୍ଲା ମହାବୀର ମନ୍ଦିର, ସମୟ: ରାତ୍ର ୧୧ଟା।

**କୋରାପୁଟ**
- ଭାଜପା ପକ୍ଷରୁ ୨୪ଘଣ୍ଟିଆ ଦିନଦୟାଲ କର୍ମଶାଳା, ସ୍ଥାନ: ପୂର୍ତ୍ତବିଭାଗ ଡାକବଙ୍ଗଳା, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ଗ୍ରାମଦେବୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ, ସ୍ଥାନ: ବାଲିମେଳା ସହର, ସମୟ: ସକାଳ ୬ଟା।

**ସମ୍ବଲପୁର**
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଚାଉଁରପୁର ଗ୍ରାମ, ସମୟ: ସକାଳ ୮ଟା।
- ସେତୁ ଆୟୋଜନରେ ପଞ୍ଚମ ଇଞ୍ଜିନିୟର କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ : ଜିଏମୟୁ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଠେମରା ଗ୍ରାମବାସୀ ଆୟୋଜିତ ରାମଲୀଳା ଉତ୍ସବ, ସ୍ଥାନ : ଠେମରା ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସାଂସ୍କୃତିକ ସଭା, ସ୍ଥାନ: ଡୁଡୁକା, ଆଗଲପୁର ବ୍ଲକ, ସମୟ: ସନ୍ଧ୍ୟା ୮ଟା।

**ରାଉରକେଲା**
- ହନୁମାନ ଜନ୍ମୋତ୍ସବ ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ବାସନ୍ତୀ କଲୋନୀ, କୁମ୍ଭାରପଡ଼ା ଛକ, ସମୟ: ସକାଳ ୮ଟା।
- ଗୁଡ୍ ଫ୍ରାଇଡେ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ଆର୍‌ସି ଚର୍ଚ୍ଚ, ସମୟ: ସକାଳ ୮ଟା।
- ଆମେ ଓଡ଼ିଆ ପକ୍ଷରୁ ଆମ ପୋଷାକ ଓ ଆମ ପରିଚୟ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣପୂର୍ବ ରେଲୱେ ଜିଏମ୍‌ଙ୍କ ରାଉରକେଲା ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗ୍ରୀଞ୍ଜାଲ ବଜାର ପ୍ରାଙ୍ଗଣ, ସୋହେଲା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ:ଛୁରିଆପାଲି, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଖାମୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ଲକ କର୍ଲାକୋଟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବୌଦ୍ଧ ଗଡଜାତର ପବିତ୍ର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାର ଅଷ୍ଟମ ଦିବସ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ: ରାତ୍ର ୯ଟା।

**ଦେବଗଡ଼**
- ମା' ସରଣୀପାଟ ପୀଠ ଯାତ୍ରା ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ୍ ପାଇକନଗର, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୁରୁବୁଡ଼ା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତରଭା ବ୍ଲକ ରାଏକେଡାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ଗ୍ରାମ ମଣ୍ଡପ, ସମୟ: ରାତି ୮ଟା ୩୦।
- ତରଭା ବ୍ଲକ କମସରାରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: କମସରା ରାମଲୀଳା ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ବାଲିଖିମାରରେ ରାମଲୀଳା ଅଷ୍ଟମ ସନ୍ଧ୍ୟାରେ ନାଟକ ପରିବେଷଣ, ସ୍ଥାନ: ବାଲିଖିମାର ଗ୍ରାମ ମଣ୍ଡପ, ସମୟ: ରାତି ୯ଟା।
- ତରଭା ବ୍ଲକ ଦେଉଳପଦରରେ ରାମଲୀଳାର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଶ୍ରୀରାମ ମଣ୍ଡପ, ସମୟ: ରାତି ୯ଟା।
- ଶ୍ରୀରାମ ଲୀଳା ନାଟକର ସପ୍ତମ ସନ୍ଧ୍ୟା, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୦ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ ପିପଲଛିଣ୍ଡି ଗାଁ, ସମୟ: ପ୍ରାତଃ ୫ଟା ଓ ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ସିନାପାଲି ବ୍ଲକ ଫୁରସୁଣ୍ଡ ଗାଁ, ସମୟ: ସକାଳ ୭ଟା ୪୫।
- ବୋଲବମ କମିଟି ପକ୍ଷରୁ ୭ତମ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ରେଙ୍ଗ ଗାଁ, ସମୟ: ସକାଳ ୮ଟା ୩୦।
- ଆଲୋଚନା ଚକ୍ର, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା ସାଂସ୍କୃତିକ ସଭା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।

**ଝାରସୁଗୁଡ଼ା**
- ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ର ନାମ ପଠନ, ସ୍ଥାନ: ଝାରସୁଗୁଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ରାମାୟଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଲୋ ବିଲେଇ କାହିଁକି ରୁଷୁ ?**
**ସେଇ ଭାଡ଼ି ତଳେ ପୁଣି ପଶୁ !**

ରାଗ, ରୁଷା ତଥା ଅଭିମାନର ମାତ୍ରା ଯେତେ କମ୍ ରହେ, ସମ୍ପର୍କର ସେତୁ ସେତେ ଦୃଢ଼ ଓ ମଧୁମୟ ହୋଇଥାଏ । ତେବେ ପରିସ୍ଥିତିରେ ପଡି ଯେଉଁଠି ଜଣେ ରୋଷ ଅଭିମାନରେ ପଳେଇ ଆସେ, ସେଇଠିକୁ ପୁଣି ପ୍ରତ୍ୟାବର୍ତ୍ତନ କରିବା ଉକ୍ତ ବ୍ୟକ୍ତି ପକ୍ଷେ ଗ୍ରହଣୀୟ ହୋଇନଥାଏ । ସେପରି ସ୍ଥଳେ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଛାଇତଳିଆ ବେଉସା**
**ଛୋକାରୁଣୀ ମାଇପିଙ୍କ ଓଷା**
**ପାଣିବୁହାନ୍ତିଙ୍କ ମୁଣ୍ଡ ଖୋଷା**
**ସଖୀ ବଡ଼ ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ । ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳି ନ ଥାଏ । ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ । ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସବୁ ସହରାଞ୍ଚଳରେ ଖୁବ୍‌ଶୀଘ୍ର ପିଏନ୍‌ଜି

- ■ ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ପିଏନ୍‌ଜି ସଂଯୋଗ ବାଧ୍ୟତାମୂଳକ: ନଗର ଉନ୍ନୟନ ମନ୍ତ୍ରୀ
- ■ ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର, ଡାକ୍ତରଖାନାକୁ ଅଗ୍ରାଧିକାର

ଭୁବନେଶ୍ୱର,୨।୪(ରବିନାରାୟଣ ଜେନା)

ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ସହରାଞ୍ଚଳଗୁଡ଼ିକରେ ପାଇପ୍ଡ୍ ନ୍ୟାଚୁରାଲ ଗ୍ୟାସ (ପିଏନ୍‌ଜି) ସଂଯୋଗୀକରଣକୁ ପ୍ରାଥମିକତା ଦିଆଯିବ। ସହରାଞ୍ଚଳରେ ଏଲ୍‌ପିଜି ଉପରେ ନିର୍ଭରଶୀଳତା କମାଇବା ପାଇଁ ସମସ୍ତ ସରକାରୀ ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ତୁରନ୍ତ ପିଏନ୍‌ଜି ସଂଯୋଗ କରାଯିବ ବୋଲି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ରାଜ୍ୟରେ ଏଲ୍‌ପିଜି ଓ ପେଟ୍ରୋଲିୟମଜାତ ଦ୍ରବ୍ୟର ସୁଗମ ଯୋଗାଣ ସୁନିଶ୍ଚିତ କରିବା ନେଇ ଗୁରୁବାର ଲୋକସେବାଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ କହିଛନ୍ତି, ପିଏନ୍‌ଜି ସଂଯୋଗ ପାଇଁ ଯେଉଁମାନେ ଆବେଦନ କରିବେ ବିଭାଗ ତାକୁ ତ୍ୱରିତ୍ ଭିତ୍ତିରେ ଅନୁମତି ଦେବ। ଆଗାମୀ ରଥଯାତ୍ରାକୁ ନଜରରେ ରଖି ପୁରୀ ସହରରେ ପିଏନ୍‌ଜି ସଂଯୋଗ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ସାମ୍ପ୍ରତିକ ପରିସ୍ଥିତିରେ ଗ୍ୟାସ୍ କଳାବଜାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗ୍ୟାସ୍ ଯୋଗାଣ ଅନିୟମିତତା ରୋକିବାକୁ ଗ୍ରାହକଙ୍କ ନିମନ୍ତେ ବାୟୋମେଟ୍ରିକ(ଆଙ୍ଗୁଠି ଚିହ୍ନ ଓ ଆଇରିଶ ସ୍କାନ୍) ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ପିଏନ୍‌ଜି ସଂଯୋଗ ପାଇବେ ସେମାନଙ୍କୁ ଏଲ୍‌ପିଜି ସଂଯୋଗୀକରଣରୁ ବାଦ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏନ୍‌ଜି ଗ୍ୟାସ୍ ଯୋଗାଣ ନିମନ୍ତେ ପାଇପ୍ ଲାଇନ ସଂଯୋଗ କାର୍ଯ୍ୟ ଯେପରି ବାଧାପ୍ରାପ୍ତ ନ ହୁଏ ଏବଂ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତୈଳ ଓ ଗ୍ୟାସ୍ କମ୍ପାନୀମାନଙ୍କୁ ସହଯୋଗ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଏଜେନ୍ସିଗୁଡ଼ିକୁ ଡିଏସି(ଡେଲିଭରି ଅଥେଣ୍ଟିକେଶନ କୋଡ୍) ବ୍ୟବସ୍ଥାକୁ ଶତପ୍ରତିଶତ କଡ଼ାକଡ଼ି କରିବା ଏବଂ ବାୟୋମେଟ୍ରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା କି ଗ୍ରାହକମାନେ ଭୂତ ଡେଲିଭରି (ମିଥ୍ୟା ମେସେଜ୍)ର ଶିକାର ହେବେ ନାହିଁ। ସେହିପରି ପାଇପ୍ ଲାଇନ ଯୋଗେ ସହରର ବିଭିନ୍ନ ଗୃହ, ଶିଳ୍ପାଞ୍ଚଳ ଓ ପ୍ରତିଷ୍ଠାନକୁ ବାଣିଜ୍ୟିକ ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ସୁଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଜନସାଧାରଣ ଆଦୌ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସରକାର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଜରିଆରେ ସ୍ଥିତି ଉପରେ ନଜର ରଖିଥିବା ସେ କହିଛନ୍ତି। ତୈଳ ଓ ଗ୍ୟାସ୍ କମ୍ପାନୀ ଅଧିକାରୀମାନେ ଜଣାଇଛନ୍ତି, ୫ଦିନର ଗ୍ୟାସ୍ ଷ୍ଟକ୍ ରହୁଛି। ବିଦ୍ୟାଳୟ, ଅଙ୍ଗନୱାଡି, ଆହାରକେନ୍ଦ୍ର ଓ ଡାକ୍ତରଖାନା ପରି ସରକାରୀ ଅନୁଷ୍ଠାନଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଗ୍ୟାସ୍ ଯୋଗାଇ ଦିଆଯାଉଛି ବୋଲି ସିଂ କହିଛନ୍ତି।

## ବୁଣାକାରଙ୍କ ଜୀବନଜୀବିକା ସଂଘର୍ଷକୁ ନେଇ ମେ'୧୪ରେ ମୁକ୍ତିଲାଭ କରିବ 'ମେହେରମୁଣ୍ଡା'

ଭୁବନେଶ୍ୱର,୨।୪(ସୌମ୍ୟରଞ୍ଜନ ରାଉତ)

ବୁଣାକାରଙ୍କ ରଙ୍ଗ ଓ ତନ୍ତ ସହ ମିଳନର ଏକ ଅଭୁତପୂର୍ବ ନିଦର୍ଶନର ନିଛକ ପ୍ରତିଫଳନକୁ ପରଦା ଉପରେ ପ୍ରଦର୍ଶନ କରିବ ଓଡ଼ିଆ ଚଳଚ୍ଚିତ୍ର 'ମେହେରମୁଣ୍ଡା'। ଓଡ଼ିଶା ଦିବସ ଅବସରରେ ଏହାର ଟିଜର୍ ରିଲିଜ ହୋଇଛି। ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଜ୍ୟୋତିରଞ୍ଜନ ନାୟକ, ରାକେଶ କୁମାର ପାଢ଼ୀ, ସୁଶାନ୍ତ ଦାସମହାପାତ୍ର, ଅର୍ଲିନ ଅଙ୍କିତା ଏବଂ ଅନନ୍ୟା ଦିଗଜ ରହିଛନ୍ତି। ରାକେଶ କୁମାର ପାଢ଼ୀଙ୍କ ପ୍ରଯୋଜନାରେ ଚଳଚ୍ଚିତ୍ରଟି ଜିଆର୍ ରେକର୍ଡସ ବ୍ୟାନରରେ ନିର୍ମିତ ହୋଇଛି। ନିର୍ଦ୍ଦେଶନା ଭାର ନିକୁଞ୍ଜ ହୋତା ତୁଲାଇ ଥିବାବେଳେ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି। ଏହାକୁ ସଙ୍ଗୀତମୟ କରିବାର ଏକ ସଫଳ ପ୍ରୟାସ କରିଛନ୍ତି ଅମିତ ଯୁବରାଜ। ଅନ୍ତର୍ଜାତୀୟ ହସ୍ତତନ୍ତ ଦିବସରେ ଓଡିଶା ହସ୍ତତନ୍ତ୍ର ବିଭାଗ ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ଼ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ରର ଫାଷ୍ଟ ଲୁକ୍ ଲୋକାର୍ପଣ କରିଥିଲେ। ଚଳଚ୍ଚିତ୍ର କାହାଣୀରେ ଭାରତର ୨୬ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା ଓ ସଂଘର୍ଷର କାହାଣୀକୁ ରୂପେଲି ପରଦା ଉପରକୁ ଆଣିବାକୁ ଚେଷ୍ଟା କରାଯାଇଛି। ଚଳଚ୍ଚିତ୍ରଟି ମେ ୧୪ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

## ସୀମାନ୍ତ ଗାଁରୁ ଦନ୍ତାହାତୀ ମୃତଦେହ ଜବତ

ଯୋଡ଼ା/ଚମ୍ପୁଆ,୨।୪(ମାନସ ମହାନ୍ତି/ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଯୋଡ଼ା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ମାଣିକପୁର ଗାଁରେ ଏକ ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଗୁରୁବାର ସକାଳୁ ମାଣିକପୁର ଗାଁ ମୁଣ୍ଡ ଆମ୍ବତୋଟା ନିକଟରେ ହାତୀର ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ସୂଚନା ଦେଇଥିଲେ। ଝାଡ଼ଖଣ୍ଡ ଚାଇଁବାସା ବନ ବିଭାଗର ଅଧିକାରୀ ଓ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତକରି ତଦନ୍ତ ଆରମ୍ଭ କରିଛନ୍ତି। ହାତୀଟି ବୟସାଧିକ କାରଣରୁ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହୋଇପାରିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ପ୍ରଥମ ପୃଷ୍ଠାରୁ...

**ଶତ୍ରୁ ଆତ୍ମସମର୍ପଣ...**

ଦେଇଛନ୍ତି। ସେ କହିଛନ୍ତି, ଆତଙ୍କବାଦର ପ୍ରାୟୋଜକ ଭାବେ ବିଶ୍ୱର ୧ ନମ୍ବର ରାଷ୍ଟ୍ର ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ଏପିକ୍ ଫ୍ୟୁରି'କୁ ମାତ୍ର ଗୋଟିଏ ମାସ ହୋଇଛି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ଆମେରିକାର ବିଜୟ ସୁନିଶ୍ଚିତ ବୋଲି ସେ ଦାବି କରିଛନ୍ତି। ଇରାନର ନୌସେନା ଯାଇଛି, ଏହାର ବାୟୁସେନା ଧ୍ୱଂସ ହୋଇଛି ଏବଂ ଅଧିକାଂଶ ନେତା ନିହତ ହୋଇଛନ୍ତି। ସେମାନଙ୍କ ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର କମାଣ୍ଡ ଏବଂ ନିୟନ୍ତ୍ରଣ ଭୟଙ୍କର ଭାବେ ନଷ୍ଟ ହୋଇଯାଇଛି। ସେମାନଙ୍କ ମିଶାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରିବା ସାମର୍ଥ୍ୟ ନାଟକୀୟ ଭାବେ ହ୍ରାସ ପାଇଛି ଏବଂ ସେମାନଙ୍କ ଅସ୍ତ୍ରଶସ୍ତ୍ର, ଫ୍ୟାକ୍ଟ୍ରି ଓ ରକେଟ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଦିଆଯାଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଆମ ଶତ୍ରୁପକ୍ଷ କ୍ଷତି ସହିଛନ୍ତି। ମୋ ରାଷ୍ଟ୍ରପତିତ୍ୱର ୫ ବର୍ଷରେ ଆମେରିକା ଜିତିଆସିଥିଲା ଏବଂ ଏବେ ସବୁଠୁ ବଡ଼ ବିଜୟ ହାସଲ କରିବ ବୋଲି ଟ୍ରମ୍ପ ରାଷ୍ଟ୍ରକୁ ସମ୍ବୋଧନ କରି କହିଛନ୍ତି।

ଅନ୍ୟପକ୍ଷରେ ଇରାନ ସେନାର ଅପରେଶନାଲ କମାଣ୍ଡ ଖାତମ୍ ଅଲ୍-ଅନବିୟା ସରକାରୀ ଟିଭିକୁ ଏକ ବିବୃତି ଦେଇ କହିଛନ୍ତି, ସର୍ବଶକ୍ତିମାନ ଆଲ୍ଲାଙ୍କ ଉପରେ ଆସ୍ଥା ସହ ଏହି ଯୁଦ୍ଧ ଜାରି ରହିବ। ଶତ୍ରୁପକ୍ଷର ଅପମାନ, ଅପଯଶ, ସ୍ଥାୟୀ ତଥା ନିଶ୍ଚିତ ଅନୁଶୋଚନା ଏବଂ ଆତ୍ମସମର୍ପଣ ପର୍ଯ୍ୟନ୍ତ ଯୁଦ୍ଧ ଚାଲିବ। ଆମର ଆହୁରି ଧ୍ୱଂସକାରୀ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଅପେକ୍ଷା କର ବୋଲି ଆମେରିକା ଏବଂ ଇସ୍ରାଏଲକୁ ସେ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପଙ୍କ ଭାଷଣ ପରେ ଇରାନ ତେଲ୍ ଆଭିଭ୍ ଉପରେ ମିଶାଇଲ୍ ମାଡ଼ କରିଛି। ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଇରାନ ଯୁଦ୍ଧ ମଧ୍ୟପ୍ରାଚ୍ୟକୁ ବ୍ୟାପିଛି ଓ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିଛି। ବିଶ୍ୱବ୍ୟାପୀ ବହୁ କୋଟି ଲୋକ ଯୁଦ୍ଧ ଯୋଗୁ ପ୍ରଭାବିତ ହୋଇଛନ୍ତି।

**ସରିଲା ମାଟ୍ରିକ୍...**

ଆରମ୍ଭ ହୋଇଥିଲା। ରାଜ୍ୟରେ ମୋଟ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଥିଲା। ଖାତାଦେଖା କାର୍ଯ୍ୟରେ ପ୍ରାୟ ୧୫,୦୦୦ ପରୀକ୍ଷକ ନିଯୁକ୍ତ ହୋଇଥିଲେ। ଖାତାଦେଖା ସହିତ ମୂଲ୍ୟାୟନ କେନ୍ଦ୍ରରୁ ଅନ୍‌ଲାଇନ ଜରିଆରେ ପରୀକ୍ଷାର୍ଥୀମାନଙ୍କ ମାର୍କ ଅପଲୋଡ୍ କରାଯାଇଛି। ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ ବିଷୟର ମାର୍କ ପ୍ରସେସିଂ ଫାର୍ମକୁ ସିଧାସଳଖ ଯିବା ପରେ ଏବେଠାରୁ ପରୀକ୍ଷାଫଳ ପ୍ରକାଶ ନେଇ ପ୍ରସ୍ତୁତି ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

**ସକାଳୁଆ ସ୍କୁଲ...**

ସ୍କୁଲ୍ ଟ୍ୟୁବ୍‌ୱେଲ ମରାମତି କରାଯାଇ ପାନୀୟ ଜଳର ସୁବ୍ୟବସ୍ଥା ଉପଲବ୍ଧ ହେବ। ନିର୍ଦ୍ଦିଷ୍ଟ ସମୟରେ 'ୱାଟର ବେଲ୍' ଦ୍ୱାରା ପାଣି ପିଇବା ବିରତି ରହିବ। ଆବଶ୍ୟକ ହେଲେ ଓଆର୍‌ଏସ୍ ପ୍ୟାକେଟ ଯୋଗାଣ ଇତ୍ୟାଦି ନିଶ୍ଚିତ କରିବାକୁ ପଡିବ। ଛାତ୍ରୀଛାତ୍ରଙ୍କୁ ଖରାରୁ ସୁରକ୍ଷା ଦେବା ପାଇଁ ବାହାର କାର୍ଯ୍ୟକଳାପ କମାଇବା ଓ ପିଲାମାନେ ସ୍କୁଲକୁ ଯେପରି ପାଣି ବୋତଲ ଧରି ଆସିବେ, ସେଥିପାଇଁ ଅଭିଭାବକମାନଙ୍କୁ ଜଣାଇବାକୁ କୁହାଯାଇଛି। ଏଥିସହ ସ୍କୁଲ ସମୟରେ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମ ଲହରି ସମ୍ବନ୍ଧୀୟ ସତର୍କତା ବିଷୟରେ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦୈହିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିବା ସହ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ଯାତ୍ରାକାଳରେ ସତର୍କତା ଅଭାବରୁ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ। ପୂର୍ବନିର୍ଦ୍ଧାରିତ ସମୟରେ ବନ୍ଧୁମିଳନଜନିତ ଖୁସିରେ ସମୟ କଟାଇବେ। ସାହିତ୍ୟକୃତିରୁ ପ୍ରଶଂସିତ ଓ ସନ୍ତାନଙ୍କ କୃତିତ୍ୱରୁ ଗୌରବାନ୍ୱିତ ହେବେ।

**ବୃଷ** ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶରେ ସମସ୍ୟା ସମାଧାନ ପୂର୍ବକ ଅର୍ଥଲାଭର ମାର୍ଗ ଉନ୍ମୋଚନ ହେବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁତ ବିଳମ୍ବ ଘଟିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଶିଳ୍ପ ଓ ଏଜେନ୍ସିପରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ନିଜ ଉପରକୁ କିଛି ପରିମାଣରେ ଝମେଲା ଆସିପାରେ।

**ମିଥୁନ** ଆଜିର ଗ୍ରହସ୍ଥିତି ଯାତ୍ରା, ବ୍ୟବସାୟ ଦିଗରେ ଅନୁପ୍ରେରିତ କରିପାରେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପ୍ରତିଯୋଗିତାରେ ପରାଜୟର ଗ୍ଲାନି ଭୋଗିବାକୁ ପଡ଼ିବ। ପ୍ରକୃତ ଘଟଣା ନ ବୁଝି କୌଣସି କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଅଧିକାଂଶ ସମୟ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଜିନିଷ ହଜିଯିବାର ଆଶଙ୍କା ରହିଛି।

**କର୍କଟ** ବିଭିନ୍ନ ସମସ୍ୟା ପ୍ରଶମିତ ହେବାର ଅନୁଭବ କରିବେ। ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ। ସଭାସମିତି, ଆନୁଷ୍ଠାନିକ କାମ, ମନୋରଞ୍ଜନ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବାର ସୂଚନା ରହିଛି।

**ସିଂହ** ଆଜି ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ସହକର୍ମୀ ସହାୟକ ହେବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିବେ। କଠିନ ଶ୍ରମ ଓ ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** କାର୍ଯ୍ୟସିଦ୍ଧି, ପାରିବାରିକ ଶାନ୍ତି ଓ ସାମାଜିକ ସ୍ତରରେ ସମ୍ମାନ ପ୍ରାପ୍ତିରେ ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଉପଲବ୍ଧ ହେବ। ଆନୁଷ୍ଠାନିକ କାର୍ଯ୍ୟର ଶେଷପର୍ଯ୍ୟାୟରେ ବିବାଦୀୟ ବାତାବରଣ ସୃଷ୍ଟି ହେବ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ବିବାଦୀୟ ସ୍ଥିତିରେ ବିଜୟପ୍ରାପ୍ତ ହେବେ। ପାରିବାରିକ ଏବଂ ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାର ରହିବ।

**ତୁଳା** ସାହାଯ୍ୟ, ସହଯୋଗ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ପାଇଁ ମାର୍ଗ ଉନ୍ମୁକ୍ତ କରିବ। ବିଭିନ୍ନ ଯୋଜନାର କାମ ହାତକୁ ନେବେ କିନ୍ତୁ ସାମୟିକ ଆର୍ଥିକସ୍ଥିତିକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁମିଳନରୁ ଉତ୍ସାହିତ ହେବାର ସୁଯୋଗ ପାଇବେ।

**ବିଛା** କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବା ସହ ସମ୍ବର୍ଦ୍ଧିତ ହେବେ। ପୁତ୍ର, କନ୍ୟାଙ୍କ ବିବାହ ନିମନ୍ତେ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ସମ୍ପର୍କିତ ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ବିଜାତୀୟ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଆଜିର ଗ୍ରହସ୍ଥିତି ପ୍ରତ୍ୟେକ କ୍ଷେତ୍ରରେ ଆଶା ପୂରଣ କରାଇପାରିବ। ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ସଜାଗ ରହି ଚେଷ୍ଟା କଲେ ନିଶ୍ଚିତ ଉପକୃତ ହେବ। ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ, ଭ୍ରମ କିମ୍ବା ଜ୍ୱରଜନିତ ରୋଗରେ କଷ୍ଟ ପାଇପାରନ୍ତି। କେତେକ କ୍ଷେତ୍ରରେ ଅବହେଳା ଯୋଗୁ କାର୍ଯ୍ୟ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡିପାରେ।

**ମକର** ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ରର ପରିସ୍ଥିତି ସ୍ୱାଭାବିକ ରହିବ। ଅନ୍ୟର ପ୍ରରୋଚନାରେ ପଡି ଜଣାଶୁଣା ବ୍ୟକ୍ତି କାମ ହାସଲରେ ବିଘ୍ନ ଘଟାଇପାରନ୍ତି। ଆର୍ଥିକ ଦୁରାବସ୍ଥା ସାଙ୍ଗକୁ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସ୍ଥିତି ବିଗାଡ଼ିପାରେ। ତଥାପି ନିଜର କାର୍ଯ୍ୟଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ।

**କୁମ୍ଭ** ଅନୁକୂଳ ଗ୍ରହ ସମ୍ପର୍କରୁ ଆଜି ଯାହା ଇଚ୍ଛା କରୁଛନ୍ତି ତାହା ଅବିଳମ୍ବେ ପ୍ରାପ୍ତ ହେବ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରି ବନ୍ଧୁ,ପରିବାର ଓ ସର୍ବସାଧାରଣଙ୍କର ପ୍ରୀତିଭାଜନ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ** ସହୃଦୟତା ଅଭାବରୁ ପାରିବାରିକ ସ୍ଥିରତା ରକ୍ଷାରେ ଅସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟ କ୍ଷତିଗ୍ରସ୍ତ ହେବେ। କିନ୍ତୁ ସାମାଜିକ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ପ୍ରତିଷ୍ଠା ଓ ପ୍ରଶଂସା ଅକ୍ଷୁର୍ଣ୍ଣ ରହିବ। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭକରି ଖୁସି ହେବେ।

ଆଜି ଏପ୍ରିଲ ୩ ତାରିଖ, ଗୁଡ୍‌ଫ୍ରାଇଡେ/ଇଷ୍ଟର ଶୁକ୍ରବାର, ବୈଶାଖ କୃଷ୍ଣପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, କଳା ଶୁକ୍ରବାର। ରାଶିନକ୍ଷତ୍ର-ଚିତ୍ରା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୨ ଗତେ ଘ.୦୬।୩୧ ମଧ୍ୟେ, ଘ. ୦୭।୨୦ ଗତେ ଘ.୦୮।୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୮ ଗତେ ଘ. ୧୧।୫୦ ମଧ୍ୟେ ରାହୁ କାଳ।

# ହାଇକମାଣ୍ଡ ଏସ୍‌ସି,ଏସ୍‌ଟି ନେତାଙ୍କୁ କାଢ଼ିବେନି: କାଡାମ

## ଦସ୍ତଖତ କରିଥିଲେ ୯, ଗଲେ ୮

ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ମୋଟ୍ ୧୪ ଜଣ ବିଧାୟକ ବିଜୟୀ ହୋଇଥିଲେ। ସେଥିରୁ ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟ ସଭା ନିର୍ବାଚନରେ ୩ ଜଣ କଂଗ୍ରେସ ବିଧାୟକ କ୍ରସ୍ ଭୋଟିଂ କରିବା ଯୋଗୁ ଦଳରୁ ନିଲମ୍ବନ ହୋଇଛନ୍ତି। ସେମାନଙ୍କ ସଭ୍ୟପଦ ରଦ୍ଦକରିବା ଲାଗି ମଧ୍ୟ ଦଳ ତରଫରୁ ବାଚସ୍ପତିଙ୍କୁ ଲିଖିତ ଭାବେ ଦିଆଯାଇସାରିଛି। ଏବେ କଂଗ୍ରେସର ବିଧାୟକଙ୍କ ସଂଖ୍ୟା ୧୧ରେ ପହଞ୍ଚିସାରିଛି ବୋଲି କୁହାଯାଇପାରେ। ଏହି ୧୧ ଜଣ ବିଧାୟକଙ୍କ ନେତୃତ୍ୱ କୋରାପୁଟ ଜିଲା ଅନ୍ତର୍ଗତ ପଟ୍ଟାଙ୍ଗୀ ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇ ଆସିଥିବା ରାମଚନ୍ଦ୍ର କାଡାମଙ୍କ ହାତରେ ନ୍ୟସ୍ତ କରାଯାଇଛି। କାଡାମ ବର୍ତ୍ତମାନ କଂଗ୍ରେସ ବିଧାୟକ ଦଳ ନେତା ଦାୟିତ୍ୱରେ ଅଛନ୍ତି। ଏତେସବୁ ଘଟଣା ଭିତରେ କଂଗ୍ରେସର ପ୍ରାୟ ୮ ଜଣ ବିଧାୟକ କୁଆଡ଼େ ବିଧାୟକ ଦଳ ନେତାଙ୍କୁ ପରିବର୍ତ୍ତନ କରାଇବା ଲାଗି ମଙ୍ଗଳବାରଠାରୁ ନୂଆଦିଲ୍ଲୀ ଗସ୍ତରେ ରହିଥିବା ଜଣାପଡ଼ିଛି। ମାତ୍ର ରାମଚନ୍ଦ୍ର କାଡାମ ଏବଂ ବାସୁଦେବପୁର ବିଧାୟକ ଅଶୋକ ଦାସ ଏହି ଗସ୍ତରେ ନିଜକୁ ସାମିଲକରି ନ ଥିବା ଜଣାପଡ଼ିଛି। ରାଜନୈତିକ ମହଲରୁ ଯାହା ଶୁଣିବାକୁ ମିଳୁଛି, ତାରାପ୍ରସାଦ ବାହିନୀପତି କଂଗ୍ରେସ ବିଧାୟକ ଦଳ ନେତା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କର ଏହି ଇଚ୍ଛା ସମ୍ପର୍କରେ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ କିଛି ଆଲୋଚନା ହୋଇଥିଲା। ତାଙ୍କୁ ଏନେଇ ରାଜ୍ୟ ନେତୃତ୍ୱଙ୍କ ତରଫରୁ ପ୍ରତିଶ୍ରୁତି ମିଳିଥିଲା ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ଅପରପକ୍ଷରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା ଭବାନିପାଟଣା ବିଧାୟକ ସାଗର ଚରଣ ଦାସ ମଧ୍ୟ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଭକ୍ତଙ୍କ ବିନା ଇଙ୍ଗିତ ବା ପରାମର୍ଶରେ ସାଗର ହାଇକମାଣ୍ଡଙ୍କୁ ଭେଟିବା ଲାଗି ସ୍ଥିର ହୋଇଥିବା କାର୍ଯ୍ୟକ୍ରମରେ ସାମିଲ ହୋଇଥିବେ ସେକଥାକୁ ତାଙ୍କ ଦଳ ଭିତରେ କେହି ବିଶ୍ୱାସ କରୁନାହାନ୍ତି। ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି, ବିଧାୟକମାନେ ନୂଆଦିଲ୍ଲୀ ଗସ୍ତ କରୁଛନ୍ତି କି ହାଇକମାଣ୍ଡଙ୍କୁ ଭେଟିବେ ସେ ବିଷୟରେ କାଡାମଙ୍କୁ କିଛି ଜଣାଯାଇ ନାହିଁ। କଂଗ୍ରେସ ବିଧାୟକମାନଙ୍କ ନୂଆଦିଲ୍ଲୀ ଗସ୍ତ ନେଇ କାଡାମଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ହାଇକମାଣ୍ଡଙ୍କୁ ଭେଟିବା ଲାଗି ବିଧାୟକମାନେ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ବିଭିନ୍ନ ରାଜ୍ୟର ବିଧାୟକମାନେ ଅନେକ ସମୟରେ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟନ୍ତି। ବିଧାୟକ ଦଳ ନେତା ପଦରେ ପରିବର୍ତ୍ତନ ହେବା କଥା କେବଳ ଗଣମାଧ୍ୟମର ଏକ ଆକଳନ। ଏଆଇସିସି ଅଧ୍ୟକ୍ଷ ମଲିକାର୍ଜ୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ସମସ୍ତେ ସବୁ ସମୟରେ ଦେଶରେ ଏସ୍‌ସି,ଏସ୍‌ଟି ଏବଂ ଓବିସି, ସଂଖ୍ୟାଲଘୁ ବର୍ଗର ଲୋକମାନେ କିପରି ଆଗକୁ ବଢ଼ିବେ ସେକଥା ଚେଷ୍ଟା କରୁଛନ୍ତି। ଓଡ଼ିଶାର ମୋଟ୍ ଜନସଂଖ୍ୟାର ୪୦ ପ୍ରତିଶତ ହେଉଛନ୍ତି ଏସ୍‌ସି, ଏସ୍‌ଟି ବର୍ଗ। ସେମାନଙ୍କ ଭିତରୁ କିପରି ନେତୃତ୍ୱ ସୃଷ୍ଟି କରାଯାଇପାରିବ ସେଥିଲାଗି ହାଇକମାଣ୍ଡ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ଏହି ଦୃଷ୍ଟିକୋଣରୁ ଗଣମାଧ୍ୟମ ପକ୍ଷରୁ ବିଧାୟକ ଦଳ ନେତା ପରିବର୍ତ୍ତନ ନେଇ କରାଯାଉଥିବା ଆକଳନକୁ ବିଶ୍ୱାସ କରିପାରୁନାହାନ୍ତି ବୋଲି କାଡାମ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, କାଡାମଙ୍କୁ ତାଙ୍କ ପଦରୁ ହଟାଇବା ସକାଶେ ବିଧାୟକମାନଙ୍କ ଦସ୍ତଖତ ନିଆଯାଇଥିଲା। ସେଥିରେ ୯ ଜଣ ବିଧାୟକ ଦସ୍ତଖତ ଦେଇଥିଲେ। ସେମାନଙ୍କ ମଧ୍ୟରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମଧ୍ୟ ରହିଥିଲେ। ମାତ୍ର ସାଉଁତା ଦିଲ୍ଲୀ ଗସ୍ତରେ ସାମିଲ ହୋଇନାହାନ୍ତି। ଦିଲ୍ଲୀ ଗସ୍ତରେ ଥିବା ୮ ବିଧାୟକ ଗୁରୁବାର ମଲିକାର୍ଜ୍ଜୁନ ଖାର୍ଗେଙ୍କୁ ଭେଟିଥିବା ବେଳେ ଅନ୍ୟ କାହାକୁ ଭେଟି ନ ଥିବା ଜଣାପଡ଼ିଛି। ବର୍ତ୍ତମାନ ଆସାମ, ପଶ୍ଚିମବଙ୍ଗ ଆଦି ବିଭିନ୍ନ ରାଜ୍ୟରେ ଚାଲିଥିବା ନିର୍ବାଚନ ପ୍ରଚାର ଲାଗି କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱମାନେ ଚାଲିଯାଇଥିବା କାରଣରୁ ଅନ୍ୟ କେନ୍ଦ୍ର ନେତୃତ୍ୱଙ୍କୁ ଓଡ଼ିଶାର ୮ ବିଧାୟକ ଭେଟିବାର ସୁଯୋଗ ପାଇ ନ ଥିବା ଯାହା ଶୁଣାଯାଉଛି। ନୂଆଦିଲ୍ଲୀ ଗସ୍ତ କରିଥିବା ବିଧାୟକମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।




# ପଶ୍ଚିମବଙ୍ଗର ୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ପଶ୍ଚିମବଙ୍ଗ ବୀରଭୂମ ଜିଲାର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲ ଅବସରରେ ଦଳୀୟ ନେତା ଓ ପ୍ରାର୍ଥୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)

ପଶ୍ଚିମବଙ୍ଗରେ ଚାଲିଥିବା ନାମାଙ୍କନ ଦାଖଲ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସାମିଲ ହୋଇଛନ୍ତି। ପଶ୍ଚିମବଙ୍ଗ ବୀରଭୂମ ଜିଲାର ୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଦାଖଲରେ ସେ ଯୋଗଦେଇଥିଲେ। ଏହି ଅବସରରେ ବୀରଭୂମ ଜିଲାର ରାମପୁରହାଟ ସ୍ଥିତ କାଳୀମନ୍ଦିର ନିକଟସ୍ଥ ସଂଘତା ମୋଡଠାରୁ ଏସ୍‌ଡିଓ ଅଫିସ୍ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଏକ ବିଶାଳ ରାଲିରେ ଯାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ସାମିଲ ହୋଇଥିଲେ। ରାମପୁରହାଟ ଏସ୍‌ଡିଓ ଅଫିସ୍‌ରେ ନାମାଙ୍କନ ଦାଖଲ କରିଥିବା ଭାଜପାର ୪ ଜଣ ପ୍ରାର୍ଥୀ ହେଉଛନ୍ତି ରାମପୁରା ହାଟ ବିଧାନସଭା ପ୍ରାର୍ଥୀ ଧ୍ରୁବ ଶାହା, ହଂସନ ବିଧାନସଭା ପ୍ରାର୍ଥୀ ନିଖିଲ ବାନାର୍ଜୀ, ନଲହାଟୀ ବିଧାନସଭା ପ୍ରାର୍ଥୀ ଅନିଲ ସିଂହ ଏବଂ ମୁରାରଇ ବିଧାନସଭା ପ୍ରାର୍ଥୀ ରିଙ୍କି ଘୋଷ। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାଜପାର ୪ ପ୍ରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

# ସ୍ୱ-ଗଣନାରେ ସାମିଲ ହେଲେଣି ୧୭ ହଜାର ଲୋକ: ମୁଖ୍ୟସଚିବ

ଭୁବନେଶ୍ୱର,୨।୪ (ରବିନାରାୟଣ ଜେନା)

ରାଜ୍ୟରେ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ସ୍ୱ-ଗଣନାରେ ସାମିଲ ହେବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଲୋକସେବାଭବନରେ ଗୁରୁବାର ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ମୁଖ୍ୟ ସଚିବ ଗଣମାଧ୍ୟମକୁ କହିଛନ୍ତି, ପ୍ରଥମ ଦିନରେ ୧୭ ହଜାର ଲୋକ ସ୍ୱ-ଗଣନାରେ ସାମିଲ ହୋଇଛନ୍ତି। ବୁଧବାର ବିଭିନ୍ନ ଜିଲାର ଜିଲାପାଳ, ଅଧିକାରୀମାନେ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜ ନିଜର ତଥ୍ୟ ଦାଖଲ ସହିତ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। ବୈଠକରେ ଜନଗଣନା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହ ସୂଚୀକରଣ କାର୍ଯ୍ୟକୁ ସମୟ ସୀମା ମଧ୍ୟରେ ସଫଳତାର ସହିତ ସମାପ୍ତ କରିବାନେଇ ବିସ୍ତୃତ ଆଲୋଚନା ହୋଇଥିଲା। ତଥ୍ୟ ସଂଗ୍ରହ ପ୍ରକ୍ରିୟାର ସଠିକତା, ପ୍ରଶିକ୍ଷଣ ବ୍ୟବସ୍ଥା, ଡିଜିଟାଲ ଉପକରଣର ବ୍ୟବହାର ଏବଂ ମାନବ ସମ୍ବଳ ନିୟୋଜନ ବ୍ୟବସ୍ଥା କରାଯାଇଥିବା ସମ୍ପର୍କରେ ଜନଗଣନା ନିର୍ଦ୍ଦେଶକ ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ ଜନଗଣନା କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗ ଓ ଜିଲା ପ୍ରଶାସନକୁ ସକ୍ରିୟ ସହଯୋଗ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକର ପ୍ରାରମ୍ଭରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜନଗଣନା ୨୦୨୭ ଏବଂ ଗୃହ ଗଣନା ୨୦୨୬ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହା ପରେ ଜନ ଗଣନା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ ଆୟୁକ୍ତ ଦେଓରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱ-ଗଣନା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ।

## ଜନଗଣନା: ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କ ବଦଳି ହେବନାହିଁ

ଭୁବନେଶ୍ୱର, ୨।୪(ସୁନିତ୍ ମିଶ୍ର)

ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏଥିଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ବିଭିନ୍ନ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ସବୁ ଜିଲାର ଜିଲାପାଳ ଏବଂ ମହାନଗର ନିଗମର କମିଶନର ତଥା ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ଏହି ଜନଗଣନା ୨ଟି ପର୍ଯ୍ୟାୟରେ ଡିଜିଟାଲ ମାଧ୍ୟମରେ ସମ୍ପନ୍ନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ଆସନ୍ତା ୧୬ ତାରିଖଠାରୁ ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଅନୁଷ୍ଠିତ ହେବ। ଏହାସହ ସ୍ୱ-ଗଣନା କାର୍ଯ୍ୟକ୍ରମ ଗତ ୧ ତାରିଖରୁ ଆସନ୍ତା ୧୫ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀରେ କରାଯିବ। ଏହି କାର୍ଯ୍ୟର ସଫଳ ସମ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଜନଗଣନା ଅଧିକାରୀ ଓ କର୍ମଚାରୀମାନଙ୍କ ବଦଳି କରା ନ ଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବିଭାଗ, ଜିଲା ପ୍ରଶାସନ ଏବଂ ନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# କଙ୍ଗନାଙ୍କ କମ୍‌ବ୍ୟାକ୍

ମୁମ୍ବାଇ: ବଲିଉଡ୍‌ର ଭର୍ସାଟାଇଲ୍ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ କଙ୍ଗନା ରାଣାଓ୍ୱତ୍। ତାଙ୍କର ପ୍ରତିଟି ସିନେମା ପ୍ରାୟତଃ ନାରୀକେନ୍ଦ୍ରିକ। ୨୦୧୪ରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର 'କୁଇନ୍' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିଲା। ବିକାଶ ବହଲଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ କଙ୍ଗନାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ବର୍ତ୍ତମାନ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ଅର୍ଥାତ୍ 'କୁଇନ୍ ୨'ର ଶୁଟିଂ ଏହି ମାସ ଶେଷ ସୁଦ୍ଧା ଆରମ୍ଭ ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଏହି ସିକ୍ୱେଲ ପୂର୍ବ କାହାଣୀର ସିଧାସଳଖ ଅଂଶ ହେବ ନାହିଁ। ଏଥର କାହାଣୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଯେମିତିକି ଏଥର କଙ୍ଗନା ଏକ ସହରୀ ଝିଅ ଭୂମିକାରେ ନଜର ଆସିବେ, ଯାହା ପ୍ରଥମ ଭାଗର ଛୋଟ ସହରର ଝିଅ ଚରିତ୍ରଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ପ୍ରଥମ ଭାଗରେ କଙ୍ଗନାଙ୍କୁ ପ୍ୟାରିସ୍ ଏବଂ ଆମଷ୍ଟରଡାମ୍‌ରେ ଏକାକୀ ବୁଲୁଥିବାର ଦେଖାଯାଇଥିବା ବେଳେ, ଦ୍ୱିତୀୟ ଭାଗରେ ସେ ଭାରତର ବିଭିନ୍ନ ସହର ପରିଭ୍ରମଣ କରିବେ। ଏହି ଚଳଚ୍ଚିତ୍ରଟି ମୁଖ୍ୟତଃ ଆତ୍ମ-ସନ୍ଧାନ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ଆଧାରିତ ହେବ। ସୂଚନାଯୋଗ୍ୟ, କଙ୍ଗନାଙ୍କ ଶେଷ ଚଳଚ୍ଚିତ୍ର 'ଏମରଜେନ୍ସି' ବକ୍ସ ଅଫିସରେ ବିଶେଷ ସଫଳତା ପାଇ ନ ଥିଲା। ଏଭଳି ପରିସ୍ଥିତିରେ 'କୁଇନ୍ ୨' ତାଙ୍କ କ୍ୟାରିୟରକୁ ପୁଣି ଥରେ ଟ୍ରାକ୍‌କୁ ଫେରାଇଆଣିବ ବୋଲି ଆଶା କରାଯାଉଛି।



# ଅଟେଇ ସଫାରି ଜଙ୍ଗଲରୁ ନରକଙ୍କାଳ ଜବତ

ଢେଙ୍କିକୋଟ/ ଘଟଗାଁ,୨।୪ (ନୀଳମଣି ମଣ୍ଡଳ / ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ଘଟଗାଁ ଫରେଷ୍ଟ ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ସଫାରି ଜଙ୍ଗଲରୁ ଗୁରୁବାର ଏକ ନରକଙ୍କାଳ ଜବତ ହୋଇଛି। ମୃତଦେହଟି ପୁଅ କି ଝିଅ ଜଣା ପଡୁ ନ ଥିବା ବେଳେ ଶରୀରରେ କୌଣସି ବସ୍ତ୍ର କିମ୍ବା ମାଂସ ନାହିଁ। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ପୂର୍ବାହ୍ନ ୧୦ଟାରେ ସଂରକ୍ଷିତ ଅଟେଇ ସଫାରିକୁ ବନ ବିଭାଗର କର୍ମଚାରୀମାନେ ନିଜ କାର୍ଯ୍ୟରେ ଜଙ୍ଗଲ ଭିତରକୁ ଯାଇଥିଲେ। ଏହି ସମୟରେ ଏକ ଗଛମୂଳରେ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ତୁରନ୍ତ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନାଙ୍କୁ ଖବର ଦେଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଘଟଗାଁ ଥାନା ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ହାତରେ ଏକ ତାବିଜ ପିନ୍ଧିଥିବା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲା ହେଡ୍‌କ୍ୱାର୍ଟର୍ସରୁ ପୋଲିସ ସାଇଣ୍ଟିଫିକ ଟିମ୍‌ଙ୍କ ସହ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଭାବେ ଘଟଗାଁ ଅତିରିକ୍ତ ତହସିଲଦାର ଠାକୁର ଦାସ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୨ ଘଣ୍ଟା ପରେ ବ୍ୟବଚ୍ଛେଦ କରାଯିବା ସହ ଡିଏନ୍‌ଏ ଟେଷ୍ଟ ପାଇଁ ଭୁବନେଶ୍ୱର ଲାବରେଟୋରିକୁ ପଠାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଘଟଗାଁ ଥାନାରେ ଏକ ମାମଲା(ନଂ. ୧୯/୨୬)ରୁଜୁ ହୋଇଥିବା ତଦନ୍ତକାରୀ ଅଫିସର ଅନୁପ ଲୁଗୁନ ପ୍ରକାଶ କରିଛନ୍ତି। ବନବିଭାଗ ତରଫରୁ ଘଟଗାଁ ଫରେଷ୍ଟର ଶରତ ପଟ୍ଟନାୟକ ସଦଳବଳ ଉପସ୍ଥିତ ଥିଲେ।

# ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ପରଲୋକ

ଭୁବନେଶ୍ୱର,୨।୪ (ସୌମ୍ୟରଞ୍ଜନ ରାଉତ)

ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଦୁଇ ଜ୍ୱାଇଁ ସୁଧାଂଶୁ



ଓ ପ୍ରିୟବ୍ରତ ମୁଖାଗ୍ନି ଦେଇଥିବାବେଳେ ପରିବାରବର୍ଗ, ସମ୍ପର୍କୀୟ, ଶୁଭେଚ୍ଛୁ ପ୍ରମୁଖ ଉପସ୍ଥିତ ଥିଲେ। ସଦାନନ୍ଦ ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ୍‌ର କୃପାସିନ୍ଧୁପୁର ଶାସନ ଗ୍ରାମରେ ୧୯୫୫ ମସିହା ୧୬ ଏପ୍ରିଲରେ ଜନ୍ମଗ୍ରହଣ କରିଥିଲେ। ୨୦୦୩ ମସିହାରେ ଗଳ୍ପ ପୁସ୍ତକ 'ସତୀ' ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। 'ଅନ୍ୟ ଜଣେ ସଦାନନ୍ଦଙ୍କ ମୃତ୍ୟୁପରେ' ହେଉଛି ତାଙ୍କର ଏକ ଲୋକପ୍ରିୟ ଗଳ୍ପ ସଂକଳନ। ଏହି ଶୀର୍ଷକରେ ସେ ଲେଖିଥିବା ଗଳ୍ପଟିରେ ମାତ୍ର ତିନୋଟି ଶବ୍ଦ ଅଛି; ଏବଂ ଏହାକୁ ଓଡ଼ିଆ ଭାଷାର କ୍ଷୁଦ୍ରତମ ଗଳ୍ପ ବୋଲି ବିବେଚନା କରାଯାଏ। ସେହିପରି ତାଙ୍କର ଚର୍ଚ୍ଚିତ ଗଳ୍ପ ଭିତରେ 'ରଙ୍ଗନାଥ ଘଡେଇ', 'ଝଡ଼ି ପୋକର ପର', 'ଅନ୍ଧାରରେ ଦିନେ' ଏବଂ ତାଙ୍କର ଶେଷ ବହି 'ଦେଶାଚାର' ଥିଲା। ତାଙ୍କ ପରଲୋକରେ ସାରସ୍ୱତ ଜଗତରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ୩୪ ବର୍ଷ ଧରି ଚାକିରି କରିବା ପରେ ଅବସର ଗ୍ରହଣ କରିଥିଲେ। ଚାକିରି କାଳରୁ ଜୀବନର ଶେଷ ପର୍ଯ୍ୟନ୍ତ ସାରସ୍ୱତ ସାଧନା ଜାରି ରଖିଥିଲେ।

### 'ସତୀ'ପାଇଁ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

## କନ୍ୟା ସୁମଙ୍ଗଳ ଯୋଜନା ଲାଗି ଏସ୍‌ଓପି ଜାରି ହେବ

ଭୁବନେଶ୍ୱର,୨।୪(ସୁଚିସ୍ମିତା ସାହୁ)

କନ୍ୟା ସୁମଙ୍ଗଳ ପରି ସୁଭଦ୍ରା ୱେଲ୍‌ନେସ ଓ ସୁଭଦ୍ରା ସମ୍ବାଦ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ଏସ୍‌ଓପି ଜାରି ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, କନ୍ୟା ସନ୍ତାନ ଜନ୍ମ ହେବାଠାରୁ ବିବାହ ପର୍ଯ୍ୟନ୍ତ ରାଜ୍ୟ ସରକାର ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। ସେମାନଙ୍କ ଶିକ୍ଷା କ୍ଷେତ୍ରରେ ଅନ୍ୟତମ ବଡ଼ ଯୋଜନା 'କନ୍ୟା ସୁମଙ୍ଗଳ' ଲାଗି ବଜେଟରେ ଘୋଷଣା ହୋଇଛି। ଗରିବ ତଥା ଆର୍ଥିକ ଦୁର୍ବଳ ବର୍ଗର ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ଏହି ଯୋଜନା ବେଶ୍ ସହାୟକ ହେବ। ସେମାନଙ୍କ ନାମରେ ୨୦ ହଜାର ଟଙ୍କାର ସଞ୍ଚୟ ଉପକରଣ ସୃଷ୍ଟି ହେବ। ଝିଅ ଜନ୍ମ ହେବାର ବର୍ଷକ ମଧ୍ୟରେ ତାଙ୍କ ନାମରେ ଏହି ଟଙ୍କା ରଖାଯିବ। ଝିଅକୁ ୨୧ ବର୍ଷ ହେବା ପରେ ଅର୍ଥାତ୍ ସ୍ନାତକ ସମାପ୍ତ ପରେ ତାଙ୍କ ଆକାଉଣ୍ଟକୁ ୧ ଲକ୍ଷ ୧ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଅବଶିଷ୍ଟାଂଶ

### ରିଲ୍ସ: ନଦୀକୁ ...

ହୋଇଥିବା ବେଳେ ମୋବାଇଲରେ ଶୁଟିଂ କରୁଥିବା ଯୁବକ ଜଣକ ଅନ୍ୟ ୨ ଯୁବକଙ୍କୁ ପୋଲ ଉପରୁ ଡେଇଁବାକୁ ଉସ୍‌କାଉଥିବା ଭିଡିଓରେ ଦେଖିବାକୁ ମିଳୁଛି। 'ଡେଇଁବା ପାଇଁ ଦମ୍ ନାହିଁ, ତୁମେ ଡରୁଆ' ଏଭଳି କହି ସେ ପ୍ରରୋଚିତ କରିଥିଲେ। ଭିଡିଓ ଶୁଟିଂ କରିଥିବା ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ମୃତକଙ୍କ ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଟାଉନ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ତେବେ ସାଳନ୍ଦୀ ନଦୀରେ ଏହି ସମୟରେ ଜଳସ୍ତର କମ୍ ରହିଛି। ପ୍ରାୟ୨୦ ଫୁଟ୍ ଉଚ୍ଚ ପୋଲ ଉପରୁ ନଦୀକୁ ଡିଆଁ ମାରିଥିବା ବେଳେ ତଳେ କୌଣସି ସିମେଣ୍ଟ ଖମ୍ବ କିମ୍ବା ପଥରରେ ଯୁବକ ଜଣକ ବାଡ଼େଇ ହୋଇ ଗୁରୁତର ହୋଇଥିବାରୁ ପାଣି ଉପରକୁ ଉଠିପାରି ନ ଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

### ୨ବର୍ଷରେ ଗଲାଣି ...

୨୦୨୫ ମେ' ୧୧ରେ ସୁନ୍ଦରଗଡ଼ ଏନ୍‌ଏଚ୍ ୫୨୦ରେ ଏକ ବ୍ରିଜ୍ ଉପରେ ଚଳନ୍ତା ଟ୍ରକ୍‌ରେ ଡ୍ରାଇଭର ଫଟୋ ଉଠାଇ ରିଲ୍‌ସ କରୁଥିବାବେଳେ ଖସିପଡ଼ି ପ୍ରାଣ ହରାଇଥିଲେ। ସେହି ବର୍ଷ ଅଗଷ୍ଟରେ କୋରାପୁଟ ଡୁଡୁମା ଜଳପ୍ରପାତରେ ରିଲ୍ସ କରୁଥିବାବେଳେ ସୁଅରେ ଭାସିଯାଇ ସାଗର କୁଣ୍ଡୁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୫ ଅକ୍ଟୋବର ୨୧ରେ ମଙ୍ଗଳଘାଟର ବିଶ୍ୱଜିତ ସାହୁ ମା'ଙ୍କ ସହ ଦକ୍ଷିଣକାଳୀ ମନ୍ଦିର ଦର୍ଶନ କରି ଫେରୁଥିବାବେଳେ ଜାନକୀଦେଇପୁର ଷ୍ଟେଶନ ନିକଟସ୍ଥ ରେଳ ଟ୍ରାକ୍‌ରେ ରିଲ୍ସ କରୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ୍ ବିଶ୍ୱଜିତ୍‌ଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ମାର୍ଚ୍ଚ ୩୧ ତାରିଖରେ ଭୁବନେଶ୍ୱର ବିଜେବି କଲେଜର ୬ଜଣ ଛାତ୍ର ବାଲିଅନ୍ତା ଥାନା ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସାଇଫନ ନିକଟରେ ଗାଧୋଇବାବେଳେ ଶେଖ୍ ଇର୍‌ଫାନ ଅଲ୍ଲୀ ବୁଡ଼ିଯାଇ ପ୍ରାଣ ହରାଇଥିବାବେଳେ ଗୁରୁବାର ଭଦ୍ରକରେ ଶାଳନ୍ଦୀ ନଦୀ ବ୍ରିଜ୍ ଉପରୁ ଡେଇଁ ରିଲ୍ସ କରୁଥିବାବେଳେ ମିଥୁନ୍ ନାୟକ ନାମକ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।

### ଚନ୍ଦ୍ରକୁ ମହାକାଶଚାରୀ ...

କରିଛି। ରକେଟ ଛଡ଼ାଯିବାର ୫ ମିନିଟ୍ ପରେ ମହାକାଶ ଯାନରୁ କମାଣ୍ଡର ରେଇଡ୍ ୱାଇଜ୍‌ମ୍ୟାନ୍ କହିଛନ୍ତି, ଆମେ ଏକ ସୁନ୍ଦର ଚନ୍ଦ୍ରୋଦୟ ଦେଖୁଛୁ ଏବଂ ଠିକ୍ ଦିଗରେ ଗତି କରୁଛୁ। ତାଙ୍କ ସହ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ଜେରେମି ହାନ୍‌ସେନ ଅଛନ୍ତି। ନାସାର ଏହି ମହାକାଶ ଅଭିଯାନରେ ପ୍ରଥମ ଥର ପାଇଁ ଜଣେ ମହିଳା ଏବଂ ଅଣ ଆମେରିକୀୟ ସାମିଲ ହୋଇଛନ୍ତି। ନାସା ପୁନର୍ବାର ଚନ୍ଦ୍ରକୁ ମହାକାଶଚାରୀ ପଠାଇବା କାର୍ଯ୍ୟକୁ ଫେରିଥିବା ଏହାର ପ୍ରଶାସକ ଜାରେଡ୍ ଇସାକ୍‌ମ୍ୟାନ୍ ଖବରଦାତାମାନଙ୍କୁ କହିଛନ୍ତି। ଅର୍ଦ୍ଧଶତାବ୍ଦୀର ବିରତିକୁ ସେ ଏକ ସଂକ୍ଷିପ୍ତ ମଧ୍ୟାନ୍ତର ବୋଲି କହିଛନ୍ତି। ଉତ୍‌କ୍ଷେପଣ ପୂର୍ବରୁ ହାଇଡ୍ରୋଜେନ୍ ଇନ୍ଧନ ରକେଟ ମଧ୍ୟକୁ ପ୍ରବାହ ଆରମ୍ଭ କରିବା ବେଳେ ଉଦ୍‌ବେଗ ଖୁବ୍ ବଢ଼ିଯାଇଥିଲା। କାରଣ ଚଳିତ ବର୍ଷ ଆରମ୍ଭରେ ଏକ କାଉଣ୍ଟଡାଉନ୍ ପରୀକ୍ଷା ବେଳେ ବିପଜ୍ଜନକ ହାଇଡ୍ରୋଜେନ୍ ଲିକ୍ ହେବାରୁ ଏହାର ଉତ୍‌କ୍ଷେପଣ ରୋକିବାକୁ ଆମେ ବାଧ୍ୟ ହୋଇଥିଲୁ ବୋଲି ଇସାକ୍‌ମ୍ୟାନ୍ କହିଛନ୍ତି।



# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ନିରୁତ୍ସାହଜନକ

- ୫୧% ନିରକ୍ଷର ସାମିଲ, ଚଳିତ ବର୍ଷ ୨୫ ଲକ୍ଷ ଧାର୍ଯ୍ୟ
- ମହିଳା ନିରକ୍ଷର ସଂଖ୍ୟା ୨ ଗୁଣ ଅଧିକ

**ଯାଜପୁର,୨।୪(ହର୍ଷବର୍ଦ୍ଧନ ବେହେରା):**

ଓଡ଼ିଶାରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ତଥା ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମ(ଏନ୍‌ଆଇଏଲ୍‌ପି)ରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ନିରୁତ୍ସାହଜନକ ରହିଛି। ୨୦୨୨-୨୩ ବର୍ଷରୁ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ(ଡିଇଇ) ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଲକ୍ଷ୍ୟଧାର୍ଯ୍ୟ ୨୨ ଲକ୍ଷ ୬୦ ହଜାରଠାରୁ ଏ ପର୍ଯ୍ୟନ୍ତ ମାତ୍ର ୧୦ ଲକ୍ଷ ୫୫ ହଜାର ୮୧୭ ଜଣ(୫୧%) ଶିକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଛନ୍ତି। ରାଜ୍ୟରେ ୨୦୨୨-୨୩ ବର୍ଷଠାରୁ ନିରକ୍ଷର ସଂଖ୍ୟା ୯୧ ଲକ୍ଷ ୫୨ ହଜାର ୯୦୧(ପୁରୁଷ ୩୦,୩୩,୭୧୫ ଓ ମହିଳା ୬୧,୧୯,୧୮୬) ଜଣ ରହିଛନ୍ତି। ଏଥିରୁ ମହିଳା ନିରକ୍ଷର ସଂଖ୍ୟା ପୁରୁଷ ତୁଳନାରେ ଦୁଇ ଗୁଣରୁ ଅଧିକ ବୋଲି ସ୍ପଷ୍ଟ ହେଉଛି। ଏହିକ୍ରମରେ ରାଜ୍ୟକୁ ସମ୍ପୂର୍ଣ୍ଣ ସାକ୍ଷର କରିବା ପାଇଁ ଏପର୍ଯ୍ୟନ୍ତ କରାଯାଇଥିବା ଫଣ୍ଡାମେଣ୍ଟାଲ ଲିଟେରାସି ଆଣ୍ଡ ନ୍ୟୁମେରେସି ଆସେସ୍‌ମେଣ୍ଟ ଟେଷ୍ଟ(ଏଫ୍‌ଏଲ୍‌ଏନଏଟି)ରୁ ଦେଖାଯାଇଛି ଯେ, ଯୋଜନାର ପ୍ରଥମ ୩ ବର୍ଷ ମଧ୍ୟରେ ଶିକ୍ଷାର୍ଥୀଙ୍କ ସଂଗ୍ରହ ଏବଂ ପାସ୍ ପ୍ରତିଶତ ନିରୁତ୍ସାହଜନକ ରହିଛି। ଅନ୍ୟପକ୍ଷେ ଯାଜପୁର ଜିଲାର ଖଣି ଓ ଶିଳ୍ପାଞ୍ଚଳରେ ଅଧାରୁ ସ୍କୁଲ ଛାଡୁଥିବା ପିଲାଙ୍କ ସଂଖ୍ୟା ଅଧିକ ରହିଥିବାରୁ ଏଠାରେ ନିରକ୍ଷର ସଂଖ୍ୟା ମଧ୍ୟ ସେହିଅନୁପାତରେ ବଢୁଥିବା ମତପ୍ରକାଶ ପାଇଛି। ଏହି ଯୋଜନା କେବଳ କାଗଜ କଲମରେ ଚାଲୁଥିବାରୁ ନିରକ୍ଷର ସଂଖ୍ୟା ହ୍ରାସ ପାଇ ପାରୁନାହିଁ ବୋଲି କେତେକାଂଶରେ ଅଭିଯୋଗ ହୋଇଛି।


ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିକ୍ଷାର୍ଥୀ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ସଚିବଙ୍କ ଅଧକ୍ଷତାରେ ୧୯।୩।୨୦୨୬ରେ ଭର୍ଚୁଆଲ ମୋଡରେ ପ୍ରୋଜେକ୍ଟ ଆପ୍ରୁଭାଲ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୬-୨୭ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଏବଂ ବଜେଟ ମଞ୍ଜୁର କରାଯାଇଥିଲା। ଏହି ବୈଠକରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ସଚିବ ଏବଂ ଡିଇଇ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ କେନ୍ଦ୍ର ସଚିବ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୨୫ ଲକ୍ଷ ଶିକ୍ଷାର୍ଥୀ ସଂଗ୍ରହ ଧାର୍ଯ୍ୟ ହାସଲ ପାଇଁ ଅନୁରୋଧ କରିଥିଲେ। ଏହି ଯୋଜନାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ (ଏଡିଇଓ) ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ପୂର୍ବରୁ ଯଥାକ୍ରମେ ଜିଲା ଏବଂ ବ୍ଲକ ସ୍ତରରେ ନୋଡାଲ ଅଧିକାରୀ ଭାବରେ କାର୍ଯ୍ୟ କରିଆସୁଛନ୍ତି। ତେବେ ଉପରୋକ୍ତ ଲକ୍ଷ୍ୟ ହାସଲ କରିବାକୁ କ୍ଲଷ୍ଟର ଏବଂ ସ୍କୁଲସ୍ତରରେ ସମ୍ପୃକ୍ତ ସିଆର୍‌ସିସି ଏବଂ ପ୍ରଧାନଶିକ୍ଷକଙ୍କୁ ନୋଡାଲ ଅଧିକାରୀ ଭାବରେ ନିଯୁକ୍ତି ଦେଇପାରିବେ ବୋଲି ବୈଠକରେ ପରାମର୍ଶ ଦିଆଯାଇଛି। ଏହାବାଦ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ କ୍ଲବ, ଅବସରପ୍ରାପ୍ତ ଶିକ୍ଷକ ପ୍ରମୁଖଙ୍କ ସହଯୋଗ ନେବାକୁ ଅନୁରୋଧ କରାଯାଇଛି।

ବହୁଳ ପ୍ରଚାରିତ ସମଗ୍ର ଅଭିଯାନ ଯାଜପୁର ଜିଲାରେ ବିଶେଷ କରି ଗ୍ରାମାଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଆକୃଷ୍ଟ କରିବାରେ ସେତେଟା ସଫଳ ହୋଇ ନ ଥିବା ପ୍ରତୀୟମାନ ହୋଇଛି। ଫଳରେ ଗ୍ରାମାଞ୍ଚଳରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ ପାଇ ପାରୁନାହିଁ। ବିଡମ୍ବନା ଯେ, ଏଭଳି ଡ୍ରପଆଉଟ ପ୍ରତିବର୍ଷ ୩ୟ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବଢିବାରେ ଲାଗିଛି। ଡ୍ରପଆଉଟରୁ ହିଁ ନିରକ୍ଷରତା ସୃଷ୍ଟି ହେଉଛି। ବିଶେଷକରି ଜିଲାର ଖଣି ଓ ଶିଳ୍ପାଞ୍ଚଳରେ ଡ୍ରପଆଉଟ ସଂଖ୍ୟା ଅଣାୟତ୍ତ ହେବାରେ ଲାଗିଛି। ଏହି କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ବେସରକାରୀସ୍ତରରେ ୨୦୧୫ରେ ଅନେକ ଯୋଜନା ହାତକୁ ନିଆଯାଇଛି। ଏହି ପ୍ରକଳ୍ପ ଆରମ୍ଭ ହେବା ଦିନଠାରୁ ୨୦୨୪ ସୁଦ୍ଧା ଜିଲାର ଖଣି ଓ ଶିଳ୍ପାଞ୍ଚଳ ଦାନଗଦୀ ଏବଂ ସୁକିନ୍ଦା ବ୍ଲକରେ ୫୬,୧୬୬ ଜଣ ଡ୍ରପଆଉଟ ଛାତ୍ରୀଛାତ୍ର ଉପକୃତ ହୋଇଥିବା ସୂଚନା ମିଳିଛି। ଏହି ଦୁଇ ବ୍ଲକର ୪୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୬୨ଟି ଗ୍ରାମର ୩୩୧ ସରକାରୀ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି। ଏଥିରୁ ଅଧିକାଂଶ ଛାତ୍ରୀଛାତ୍ର ସ୍କୁଲକୁ ନ ଯାଇ ନିରକ୍ଷର ହୋଇ ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକ ଭାବେ ଜୀବନ ବିତାଉଥିବା ଅଭିଯୋଗ ହୋଇ ଆସୁଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଥମ ବର୍ଷ ଶିକ୍ଷାର୍ଥୀ ସଂଗ୍ରହ ଲକ୍ଷ୍ୟ ହାସଲ ହୋଇ ପାରିଥିଲା। ଦ୍ୱିତୀୟରେ ଏହା ହ୍ରାସ ପାଇଥିଲେ ହେଁ ଚଳିତ ବର୍ଷଠାରୁ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି।

# ବାର୍ ଆସୋସିଏଶନ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ

**ଯାଜପୁରଟାଉନ,୨।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବାର୍ ଆସୋସିଏଶନ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଗୁରୁବାର ବାର୍ ଆସୋସିଏଶନ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଆଇନଜୀବୀ ଉପସ୍ଥିତ ରହି ନବ ନିର୍ବାଚିତ ସଭ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦାୟୀ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହାପରେ ବରିଷ୍ଠ ସଭ୍ୟମାନେ ସଭାପତି, ସମ୍ପାଦକ, ଉପସଭାପତି, ସହ ସମ୍ପାଦକ, ଯୁଗ୍ମ ସମ୍ପାଦକଙ୍କୁ ଶପଥ ପାଠ କରାଇଥିଲେ। ଏହି ଶପଥ ପାଠ ଉତ୍ସବରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି ପ୍ରଫୁଲ୍ଲ ସାମଲ, ଉପସଭାପତି କୁମରବର ପରିଡ଼ା, ସମ୍ପାଦକ ରୁଦ୍ରନାରାୟଣ ମହାନ୍ତି, ଯୁଗ୍ମସମ୍ପାଦକ ଅଖିଳ ମୋହନ ମିତ୍ର, ସହସମ୍ପାଦକ ପୀତାମ୍ବର ମିଶ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟକାରୀ କମିଟିରୁ ନିର୍ବାଚିତ ହୋଇଥିବା ସମସ୍ତ ସଦସ୍ୟ ଶପଥ ଗ୍ରହଣ କରି ଯାଜପୁର ବାର୍ ଆସୋସିଏଶନର ଉନ୍ନତି ଓ ଆଇନଜୀବୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ସର୍ବଦା ଚେଷ୍ଟିତ ରହିବେ ବୋଲି ପ୍ରକାଶ କରିଥିଲେ।

ସେହିପରି ଡିଷ୍ଟ୍ରିକ୍ କ୍ରିମିନାଲ ବାର୍ ଆସୋସିଏଶନ ହଲ୍‌ରେ ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଉଲ୍ଲାସ ଦାସ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି କିଶୋର ଚନ୍ଦ୍ର କର, ସମ୍ପାଦକ ସନ୍ତୋଷ ପଣ୍ଡା, ଉପସଭାପତି ଗୋପାଳ କୃଷ୍ଣ ମହାନ୍ତି, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ସାମଲଙ୍କ ସମେତ ନୂତନ ଭାବେ ନିର୍ବାଚିତ ସମସ୍ତ କର୍ମକର୍ତ୍ତା ଶପଥ ପାଠ କରିଥିଲେ।


ଯାଜପୁର ବାର୍ ଆସୋସିଏଶନ ନବନିର୍ବାଚିତ କର୍ମକର୍ତ୍ତା ଶପଥ ପାଠ କରୁଛନ୍ତି।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

**ଧର୍ମଶାଳା,୨।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠରେ ୩୦ତମ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ମଙ୍ଗଳବାର ଅପରାହ୍ନରେ ଶୁଭାରମ୍ଭ ହୋଇ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀର ଗୋକର୍ଣ୍ଣେଶ୍ୱର ଘାଟରୁ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଆସି ମା' ଜେମାଶୁଣୀ ପୀଠରେ ପହଞ୍ଚିଥିଲେ। ଏହାପରେ କଳସ ସ୍ଥାପନା କରାଯାଇ ପୂଜା ଆରମ୍ଭ ହୋଇଥିଲା। ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ପ୍ରତିନିଧି ପ୍ରଫେସର ପ୍ରଦୀପ ମହାନ୍ତି ଓ ଦାମୋଦର ସେନାପତି ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ।

ଏହି ଅବସରରେ ୩ଜଣ ବ୍ରତୋପନୟନ, ୧୦ ଜଣ ମୁଣ୍ଡନ୍, ୫ ଜଣ ଦୀକ୍ଷା ଗ୍ରହଣ, ୧୦ଜଣ ବିଦ୍ୟାରମ୍ଭ, ୩ଜଣ ଅନ୍ନପ୍ରାସନ୍ ଗ୍ରହଣ କରିଥିଲେ। ସାମାଜିକ କର୍ମୀ ମିନତି ସାହୁଙ୍କ ଦ୍ୱାରା ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରାହାଳ ଶକ୍ତି ପୀଠର ପୁରୋଧା ରାଧାନାଥ ଦାଶଙ୍କ ଦ୍ୱାରା ଯଜ୍ଞ ପରିଚାଳନା କରାଯାଇଥିଲା। ଧର୍ମଶାଳା ଗାୟତ୍ରୀ ପରିବାର ସଭାପତି ଚନ୍ଦ୍ରମଣି ନାୟକ, ନବଘନ ମହାନ୍ତି, ସଦସ୍ୟ ବିବେକାନନ୍ଦ ଜେନା, ଗୋଲଖ ସାହୁ, ପ୍ରାଣକୃଷ୍ଣ ସାମଲ, ଅନିରୁଦ୍ଧ ରାଉତ, ଚିତ୍ତରଞ୍ଜନ ମଲ୍ଲିକ, ମଦନମୋହନ ବିଶ୍ୱାଳ, ଅଭିରାମ ନାୟକ ଗୀତାଞ୍ଜଳି ନାୟକ, ତିଲୋତମା ରାଉତ, ସାବିତ୍ରୀ ବିଶ୍ୱାଳ, ଲିପ୍ସା ମହାନ୍ତି, ପୁଷ୍ପିତା ସାମଲ ଓ ମନୋରମା ଜେନା ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।


ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞରେ ସାମିଲ ହୋଇଥିବା କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ।

# ମୁକୁନ୍ଦ ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ


ମୁକୁନ୍ଦ ପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ହେମନ୍ତ ଦାଶଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥିଭାବେ ସୁଧାକର ଦାସ ଯୋଗଦେଇ କହିଥିଲେ, ଯଶ ଚିରସ୍ଥାୟୀ ନୁହେଁ, ସ୍ୱାଧୀନତା ଥିବା ଯାଏ ଗାନ୍ଧିଜୀ ଅଛନ୍ତି, ଯୌବନ ଥିବା ଯାଏ ଯୁବତୀ ସୁନ୍ଦର ଦିଶନ୍ତି। ମାତ୍ର ଆନନ୍ଦମୁଖର ଓ ସକରାତ୍ମକ ହୋଇ ଯିଏ ଯେତେଦିନ ବଞ୍ଚିବ ସୁନ୍ଦର ହେଉଛି ସେହି ମଣିଷ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ପ୍ରଫେସର ମାନସ ବେହେରା ଯୋଗଦେଇ ତାଙ୍କ ବକ୍ତବ୍ୟରେ ସାମୂହିକ ପରିସ୍ଥିତିରେ ବିଶ୍ୱ ଏକ ସନ୍ଧିକ୍ଷଣରେ ପହଞ୍ଚିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବ୍ଲକ ଉପାଧ୍ୟକ୍ଷ ବିଶ୍ୱବିଜୟିନୀ ମିଶ୍ର ଯୋଗଦେଇ ୩୨ବର୍ଷ ପୂର୍ବର ପ୍ରଥମ ବ୍ୟାଚ୍ ଛାତ୍ରୀଭାବେ କିପରି ଅନୁଷ୍ଠାନକୁ ନେଇ ସେ ଅନୁଭବ କରିଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍କଳମଣି ଦାସ, ଦିଲୀପ ରାଉତ, ପରିଚାଳନା କମିଟିର ପୂର୍ବତନ ସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଗଣେଶ୍ୱର ପରିଡ଼ା, ଅଜୟ ସାହୁ, ବଂଶୀଧର ପାତ୍ର ଯୋଗଦେଇ ବିଦ୍ୟାଳୟର ଶିକ୍ଷାଦାନ ଓ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅରୁଣ ନାୟକ ଶିକ୍ଷାଦାନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ନିରାକାର ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଖଟିଆ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ବେଣୁଧର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ଜରି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି

**ସିଂହପୁର,୨।୪ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ଅଧୀନ ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଛି। ଜରି, ଛନ୍ଦାମୁଣ୍ଡ ଓ ବାଙ୍ଗରା ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ସଭାପତି ଗଣନାଥ ବିଶ୍ୱାଳ, ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକ, ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଭୂୟାଁ, ଅମିୟ କାନ୍ତ ବିଶ୍ୱାଳ, ଅଭୟ ବିଶ୍ୱାଳ, ଭାସ୍କର ଚନ୍ଦ୍ର ଦାସ, ନୃସିଂହ ଚରଣ ଧଳ, ଶ୍ରୀଧର ମଲିକ ଓ ପ୍ରହ୍ଲାଦ ମଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଯାଜପୁର ଜିଲାପାଳ ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୯ ତାରିଖରୁ ଦିବାରାତ୍ର ଗଣଧାରଣା ଦେବା ପାଇଁ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଠାରେ ଦୀର୍ଘ ଦିନ ହେବ ସ୍ଥାୟୀ ଡାକ୍ତର, ଫାର୍ମାସିଷ୍ଟ ନାହାନ୍ତି। ସେହପରି ଅନ୍ୟ ମୌଳିକ ସୁବିଧା ନ ଥିବାରୁ ଏ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ ବୋଲି ମଞ୍ଚ ପକ୍ଷରୁ ଦିଆଯାଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।


ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କୈବର୍ତ୍ତ ସମାଜ ପକ୍ଷରୁ ଚଇତି ଉତ୍ସବ ଆରମ୍ଭ

**ବିଞ୍ଝାରପୁର,୨।୪(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ କୈବର୍ତ୍ତ ସମାଜର ଦଳପତି ରାମଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ମାଁସଡ଼ା ପଞ୍ଚାୟତ ଗୌଡ଼ସାହି ଗ୍ରାମରେ ଚଇତି ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ କୁଳପୁରୋହିତ ରତ୍ନାକର ମିଶ୍ରଙ୍କ ଦ୍ୱାରା ନାବ ପୂଜା କରାଯାଇଥିଲା। ପରେ ଇଷ୍ଟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଳସ ଯାତ୍ରା, ପ୍ରାଣ ପ୍ରତିଷ୍ଠା, ମହାସ୍ନାନ, ବିଧି ଅନୁଯାୟୀ ଷୋଡ଼ଶ ଉପଚାର ପୂଜା ଓ ହୋମଯଜ୍ଞ ସହ ପ୍ରଭୁଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଉତ୍ସବ ୮ଦିନ ଧରି ଚାଲିବ। ଏହି ଦିନଗୁଡ଼ିକରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ଭଜନ ସମାରୋହ, ଘୋଡ଼ାନାଚ, ସମୂହପ୍ରସାଦ ସେବନ କରାଯିବା ନେଇ କୈବର୍ତ୍ତ ସମାଜର ସଦସ୍ୟ ଶ୍ୟାମସୁନ୍ଦର ବେହେରା ସୂଚନା ଦେଇଛନ୍ତି। ଏହି ଚଇତି ଉତ୍ସବ ସମଗ୍ର ମାଁସଡ଼ା ପଞ୍ଚାୟତରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଦିଲୀପ ବେହେରା, ସରିତା ବେହେରା ସଂକଳ୍ପ କରିଛନ୍ତି। ଲକ୍ଷ୍ମୀଧର ସାହୁ, ରାଜକିଶୋର ବେହେରା, ସଞ୍ଜୟ କୁମାର ବେହେରା, ଦୁଃଶାସନ ଦଳେଇ, ଚୈତନ୍ୟ ଦଳେଇ, ଶିବପ୍ରସାଦ ବାରିକ, ସୌମ୍ୟରଞ୍ଜନ ବେହେରା, ସିଦ୍ଧେଶ୍ୱର ବେହେରା, ମାନବ କାଣ୍ଡି, ରବୀନ୍ଦ୍ର ବେହେରା, ବିଶ୍ୱନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।


ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତି ପୂଜା କରାଯାଉଛି।

## ନୀଳାଚଳ ମିଳିତ ମଞ୍ଚ ସଭାପତି ହେଲେ ବିଶ୍ୱଜିତ ରାଜ

**କଳିଙ୍ଗନଗର,୨।୪(ଶୁଭାଶିଷ ରାଉତ):**



ନୀଳାଚଳ ମିଳିତ ମଞ୍ଚର ଏକ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଓଡ଼ିଶା ଦିବସ ଅବସରରେ ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଡୁବୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକନେତା ବିଶ୍ୱଜିତ ରାଜ ଅଧକ୍ଷତା କରିଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ନୀଳାଚଳ ମିଳିତ ମଞ୍ଚ ଏକମାତ୍ର ସଂଗଠନ ଯେକି କାରଖାନାର ଦୁର୍ଦ୍ଦିନ ପରିସ୍ଥିତିରେ କର୍ମଚାରୀଙ୍କ ଜୀବନ ଜୀବିକା ପାଇଁ ଦୀର୍ଘ ଦିନ ଧରି ଲଢେଇ କରିଛି ବୋଲି ବିଶ୍ୱଜିତ କହିଥିଲେ। ଏହାପରେ ମଞ୍ଚର ସଭାପତି ଭାବେ ବିଶ୍ୱଜିତଙ୍କୁ ଚୟନ କରିବା ପାଇଁ ସମସ୍ତ କର୍ମକର୍ତ୍ତା ପ୍ରସ୍ତାବ ରଖିଥିଲେ। ଅନେକ ଆଲୋଚନା ପରେ ସର୍ବସମ୍ମତିକ୍ରମେ ତାଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ସେ ନିର୍ବାଚିତ ହେବାପରେ ତାଙ୍କୁ କଳିଙ୍ଗନଗରର ବିଭିନ୍ନ କାରଖାନା କର୍ମଚାରୀ ସ୍ୱାଗତ ଜଣାଇଥିଲେ। ବିଶ୍ୱଜିତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ରାସ୍ତାକଡ଼ରୁ ଗଛ ଲୁଟ୍

**ବିଞ୍ଝାରପୁର,୨।୪(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ତହସିଲ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ କାଠ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ସେମାନେ ଦିନ ଦ୍ୱିପ୍ରହରରେ ସିଂହପୁର ଓଳାଭର ମୁଖ୍ୟ ରାସ୍ତାର ଓଳେଇ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଓ ଦରିଆ ନାହାକାଣୀ ପୀଠକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ଆକାଶୀ ଗଛଗୁଡ଼ିକୁ ବୈଦ୍ୟୁତିକ କରତ ସାହାଯ୍ୟରେ କାଟି ବାହାରକୁ ଚାଲାଣ କରୁଛନ୍ତି। ସ୍ଥାନୀୟ କେତେଜଣ ରାଜନୈତିକ ନେତାଙ୍କ ଛତ୍ରଛାୟାରେ ରହି କାଠ ମାଫିଆ ଗଛକାଟି ଚୋରାଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ମାତ୍ର ଏଥିପ୍ରତି ତହସିଲ ପ୍ରଶାସନ କିମ୍ବା ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ତହସିଲ ପ୍ରଶାସନ ଓ ବନ ବିଭାଗର କେତେଜଣ ଅଧିକାରୀଙ୍କ ସଲାସୁତୁରା ଯୋଗୁ ଏହି ବେଆଇନ ଗଛ କଟାଚାଲିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସରକାର ଗୋଟିଏ ଗଛ କାଟିଲେ ଦଶଟି ଗଛ ଲଗାଇବା କଥା କହୁଛନ୍ତି, କିନ୍ତୁ ବାସ୍ତବ କ୍ଷେତ୍ରରେ କେବଳ ଗଛ କଟାଚାଲିଛି। ଏହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ପ୍ରଶାସନ ଶୀଘ୍ର ଏହି ବେଆଇନ ଗଛକଟା ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏସମ୍ପର୍କରେ ଯାଜପୁରରୋଡ୍ ବନାଞ୍ଚଳ ଅଧିକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ଗଛ କଟା ସମ୍ପର୍କରେ କୌଣସି ଖବରନାହିଁ। ଅଧିକାରୀଙ୍କ ଏଭଳି ମନ୍ତବ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।


ରାସ୍ତାକଡ଼ରେ କଟା ହୋଇ ପଡ଼ିଥିବା ଗଛ ଗଣ୍ଡି।

# କର୍ମନିଯୁକ୍ତିରେ ସହାୟକ ହେଉନି ଭିବି ଜି-ରାମ-ଜି

**କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାରେ ଖଣି, ଖାଦନ ଅଥବା ଶିଳ୍ପ ନାହିଁ। କର୍ମନିଯୁକ୍ତି ମୁଖ୍ୟ ସମସ୍ୟା ହୋଇଥିବାରୁ ଯୁବବର୍ଗ ଜିଲା ବାହାରକୁ କର୍ମ ଅନ୍ୱେଷଣରେ ଯାଉଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପରିବର୍ତ୍ତିତ ହୋଇ ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ ଗ୍ରାମୀଣ (ଭିବି ଜି-ରାମ-ଜି) ହୋଇଛି। ହେଲେ ପୋର୍ଟାଲରେ ଏବେବି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଉଲ୍ଲେଖ ରହିଛି। ଗତ ଆର୍ଥିକ ବର୍ଷର ତଥ୍ୟକୁ ବିଶ୍ଳେଷଣ କଲେ କେନ୍ଦ୍ରୀୟ ଯୋଜନାଟି ଜିଲାର କର୍ମ ନିଯୁକ୍ତି ପାଇଁ ସହାୟକ ହୋଇନାହିଁ ବୋଲି ଜଣାପଡ଼ିଛି। ଜିଲାର ୩,୮୭,୮୬୬ ପରିବାର ଜବକାର୍ଡ ସଂଗ୍ରହ କରି କର୍ମ ନିଯୁକ୍ତି ପାଇଁ ଆଶାୟୀ ଥିବା ବେଳେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଗତ ୨୦୨୫- ୨୬ ଆର୍ଥିକ ବର୍ଷ ମଧ୍ୟରେ ଏମାନଙ୍କ ମଧ୍ୟରୁ ମାତ୍ର ୪୬୬ ପରିବାରଙ୍କୁ ୧୦୦ ଦିନର କାମ ମିଳିଛି। ସେହିପରି ଏହି ଯୋଜନାର କାର୍ଯ୍ୟକାରୀ କ୍ଷମତା କ୍ରମାଗତ ହ୍ରାସ ପାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୮୮.୩୫ ପ୍ରତିଶତ ପ୍ରକଳ୍ପ ସମାପ୍ତ ହୋଇଥିବା ବେଳେ ୨୦୨୪-୨୫ରେ ଏହାର କାର୍ଯ୍ୟକାରୀ ୪୪.୭୩ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ମାତ୍ର ୨୫.୧୮ ପ୍ରତିଶତ ପ୍ରକଳ୍ପ ଶେଷ ହୋଇଛି। ଗତ ଆର୍ଥିକ ବର୍ଷ ସୁଦ୍ଧା ମୋଟ ୩୯,୯୧୨ଟି ପ୍ରକଳ୍ପ ଏହି ଯୋଜନାରେ ସାମିଲ ହୋଇଥିଲା। ଏଥିମଧ୍ୟରୁ ୧୦,୧୩୪ଟି ପ୍ରକଳ୍ପ ଶେଷ ହୋଇଛି। ଫଳରେ ପୂର୍ବ ବର୍ଷଗୁଡ଼ିକରେ ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ମଞ୍ଜୁରୀପ୍ରାପ୍ତ ୨୯,୭୭୮ଟି ପ୍ରକଳ୍ପ ଚଳିତ ଆର୍ଥିକ ବର୍ଷରେ ଯୋଡି ହେବ। ଚଳିତ ଆର୍ଥିକ ବର୍ଷ ମଧ୍ୟରେ ମଞ୍ଜୁରୀପ୍ରାପ୍ତ ଓ ପ୍ରସ୍ତାବିତ ପ୍ରକଳ୍ପ ଶେଷ ହେଲେ କର୍ମ ନିଯୁକ୍ତି ଆଶାୟୀ ଶ୍ରମିକ ଦାଦନ ସମସ୍ୟାରୁ ରକ୍ଷା ପାଇବା ସହିତ ଜିଲା ଉନ୍ନୟନ କାର୍ଯ୍ୟ ଆଗେଇବ ବୋଲି ମତ ମିଳିଛି।

- କ୍ରମାଗତ ହ୍ରାସ ପାଉଛି ପ୍ରକଳ୍ପ ସମାପ୍ତି କ୍ଷମତା
- ଗତବର୍ଷ ମାତ୍ର ୪୬୬ ପରିବାରଙ୍କୁ ୧୦୦ ଦିନର କାମ
- ଆର୍ଥିକବର୍ଷରେ ଯୋଡ଼ିହେବ ୨୯,୭୭୮ରୁ ଊର୍ଦ୍ଧ୍ୱ ପ୍ରକଳ୍ପ

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ଗତ ୨୦୨୪-୨୫ ଆର୍ଥିକ ବର୍ଷର ଅର୍ଥନୈତିକ ଓ ସାମାଜିକ ସର୍ଭେ ଅନୁଯାୟୀ, ଆର୍ଥିକ ବିକାଶ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲା ରାଜ୍ୟର ୨୬ତମ ସ୍ଥାନରେ ଅଛି। ଏହା ବ୍ୟତୀତ ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତା ଜିଲାର ସମସ୍ତ ଅଞ୍ଚଳରେ ପହଞ୍ଚି ପାରିନାହିଁ। ଯଥେଷ୍ଟ ମାନବ ସମ୍ବଳ ଥିବା ଏହି ଜିଲାରେ କର୍ମନିଯୁକ୍ତି ମୁଖ୍ୟ ସମସ୍ୟା। ଏହି ସମସ୍ୟାରୁ ମୁକ୍ତି ପାଇଁ ଭିବିଜି-ରାମ-ଜି ଜିଲାରେ କାର୍ଯ୍ୟକାରୀ ହେଉଛି। ତେବେ ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସକ ଏହି ଯୋଜନା ପ୍ରତି ସକରାତ୍ମକ ଭାବ ନେଇନାହାନ୍ତି। ଶ୍ରମିକଙ୍କୁ ଯୋଜନା ସହିତ ଯୋଡିବା ଅପେକ୍ଷା ଅସହଯୋଗ କରୁଛନ୍ତି। ଅପରପକ୍ଷରେ କର୍ମନିଯୁକ୍ତି ପାଇଁ ଆବେଦନ କରି ନିରାଶ ହୋଇଥିବା ଶ୍ରମିକଙ୍କୁ ଭତ୍ତା ଉପଲବ୍ଧ ହେଉନାହିଁ। ଗତ ଆର୍ଥିକ ବର୍ଷରେ ରାଜ୍ୟର ଏକମାତ୍ର କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ୧୯,୬୭୩ ଶ୍ରମିକଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ଜିଲାରେ ଯୋଜନା ପ୍ରତି ସମ୍ବେଦନଶୀଳତା ଓ ପ୍ରକଳ୍ପ ନିର୍ମାଣ ପ୍ରତି ଆନ୍ତରିକତା ନ ଥିବାରୁ ଦାଦନ ସମସ୍ୟା ସହ ବିକାଶ ପଛରେ ପଡ଼ୁଛି। ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଏହି ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର, ଗ୍ରାମାଞ୍ଚଳର ଅନ୍ୟ ଭିତ୍ତିଭୂମି, ବନ୍ୟା ନିରାକରଣ, ଜଳ ସଂରକ୍ଷଣ, ଜଳ ଉତ୍ସର ନବୀକରଣ, ରାସ୍ତା ସଂଯୋଗୀକରଣ, ଉପକୂଳ ଅଞ୍ଚଳର ଉନ୍ନତି, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳର ଉନ୍ନତିକରଣ ଆଦି କ୍ଷେତ୍ରରେ ଅର୍ଥ ବ୍ୟୟ ହୋଇଥାଏ। ଏହା ବ୍ୟତିତ ଜିଲାବାସୀ ଏହି ଯୋଜନାରେ କର୍ମନିଯୁକ୍ତି ପାଇଥାନ୍ତି। ଏହି ଯୋଜନାରେ ପ୍ରକଳ୍ପଗୁଡ଼ିକ ଶେଷ ପରେ ଜିଲାର ଉନ୍ନୟନ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୁଏ। ତେବେ କ୍ରମାଗତ ଭାବେ ପ୍ରକଳ୍ପର ସମାପ୍ତି ନ ହେବା, ଆବଶ୍ୟକ ଶ୍ରମିକଙ୍କୁ କର୍ମ ନିଯୁକ୍ତି ଦେଇ ନ ପାରିବା ଦାଦନ ସମସ୍ୟାକୁ ପ୍ରୋତ୍ସାହିତ କରୁଛି। ଏ ସମ୍ପର୍କରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ପଚାରିବାରେ ଗତ ଆର୍ଥିକ ବର୍ଷର ସମସ୍ତ ତଥ୍ୟ ହସ୍ତଗତ ହୋଇନାହିଁ। ଗତ ଆର୍ଥିକ ବର୍ଷରେ ପୂର୍ବ ବର୍ଷମାନଙ୍କ ଅପେକ୍ଷା ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ବୋଲି ସେ କହିଛନ୍ତି।

# ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ରଙ୍କ ପୁସ୍ତକ 'ମନର ସ୍ପନ୍ଦନ' ଉନ୍ମୋଚିତ


ପୁସ୍ତକ 'ମନର ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ପାଟକୁରା, ୨।୪ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଅଧୀନ ବଡ଼ବେତରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଓଡ଼ିଶା ଦିବସ ପାଳନ ଓ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ବଡ଼ବେତରା ସରପଞ୍ଚ ସଂଯୁକ୍ତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତର ସୁପ୍ରସିଦ୍ଧ ଭେଷଜ ବିଜ୍ଞାନୀ ତଥା ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ଓଡ଼ିଶାର ଗୌରବମୟ ଇତିହାସ ଓ ବିକାଶ ଉପରେ ଆଲୋକପାତ କରିଥିଲେ। ତାଙ୍କ ରଚିତ ମନୁଷ୍ୟ ଜୀବନ ଦର୍ଶନ ଉପରେ ଆଧାରିତ ପୁସ୍ତକ 'ମନର ସ୍ପନ୍ଦନ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ବିଶିଷ୍ଟ ଖବରଦାତା ଅଶୋକ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମନୀଷୀମାନଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କୃଷି ବିଜ୍ଞାନୀ ଗୁରୁପ୍ରସାଦ ତ୍ରିପାଠୀ, ସାମାଜିକ କର୍ମୀ ରମାକାନ୍ତ ମିଶ୍ର, ଅଧ୍ୟାପକ ପ୍ରଦୀପ କୁମାର ଜେନା, ସାମାଜିକ କର୍ମୀ ଶୁକଦାନନ୍ଦ ପ୍ରଧାନ ଓ ବିଜନ ରାୟ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅଭିମତ ରଖିଥିଲେ। ଏହି ଅବସରରେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ ଗ୍ରାମର ବୟୋଜ୍ୟେଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାବେଶକୁ ହରିହର ତ୍ରିପାଠୀ ସଞ୍ଚାଳନ କରିଥିଲେ। ଶେଷରେ ଗରଦପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଭୟ ମହାରାଜ ଧନ୍ୟବାଦ ଦେଇଥିଲେ।

# ବ୍ୟବସାୟୀଙ୍କ ପରଲୋକରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ



**ରାଜନଗର,୨।୪ (ଭାସ୍କର ରାଉତରାୟ)**

ରାଜନଗର ଗ୍ରାମର ଯୁବ ବ୍ୟବସାୟୀ ଜଡିକୃଷ୍ଣ ମିଶ୍ର (୫୭)ଙ୍କ ଗୁରୁବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ କିଛିଦିନ ତଳେ ନିଜ ହାର୍ଡୱେର ଦୋକାନରେ ବସିଥିବା ଅବସ୍ଥାରେ ହୃଦ୍‌ଘାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨ଦିନ ତଳେ ତାଙ୍କର ଓପନ ହାର୍ଟ ଅସ୍ତ୍ରୋପଚାର କରାଯାଇଥିଲା। ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମାର୍ଚ୍ଚ ୨୯ ତାରିଖରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଥିଲା। ସେ ହସ୍ପିଟାଲରେ ଥିବାରୁ ତାଙ୍କୁ ଏ ବିଷୟରେ ଜଣା ଯାଇ ନ ଥିଲା। ତାଙ୍କ ମୃତ୍ୟୁରେ ରାଜନଗର ବଣିକ ସଂଘ ପକ୍ଷରୁ ଅପରାହ୍ନ ୧ଟାରୁ ରାତ୍ରି ୧୦ ଟା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟୀ ଅନୁଷ୍ଠାନ ବନ୍ଦ ରଖାଯାଇଛି। ତାଙ୍କ ପରଲୋକ ଖବରପାଇ ବଣିକ ସଂଘ ସଭାପତି ବାଇଧର ସେଠୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଅନିରୁଦ୍ଧ ପରିଡ଼ା, ହୃଷୀକେଶ ସାହୁ, କମଳାକାନ୍ତ ମିଶ୍ର, ଉମେଶ ସ୍ୱାଇଁ ପ୍ରମୁଖ ବ୍ୟବସାୟୀ ତାଙ୍କର ଶେଷ ଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ବଡ଼ପୁଅ ସ୍ୱୟଂଭୁ ମୁଖାଗ୍ନି ଦେଇଥିଲେ। ଗାଁ ଶ୍ମଶାନରେ ଶେଷକୃତ ସମ୍ପର୍ଣ୍ଣ କରାଯାଇଥିଲା। ତାଙ୍କ ପରଲୋକରେ ରାଜନଗର ବିଧାୟକ ଧ୍ରୁବ ସାହୁ, ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତି ସଭ୍ୟା ସୁମିତ୍ରା ସେଠୀ, ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଅଗ୍ନିଶମ, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପାନୀୟଜଳକୁ ଗୁରୁତ୍ୱ


ବ୍ଲକ୍ ଅଧୀନ ମା' ରାମଚଣ୍ଡୀ ମନ୍ଦିର ପରିସରରେ ଜମ୍ବୁ ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ମହାକାଳପଡ଼ା, ୨।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ଜମ୍ବୁ ମହୋତ୍ସବ ପାଳନ ପାଇଁ ପ୍ରଶାସନ ପ୍ରସ୍ତୁତି ବୈଠକ
- ସ୍ଥାନ ପରଖିଲେ ଜିଲାପାଳ
- ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀଙ୍କ ଝାମୁଯାତ୍ରାରେ ଐତିହାସିକ ଜମ୍ବୁ ମହୋତ୍ସବ ପାଳନ କରିବାକୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ନ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ପ୍ରତିବର୍ଷ ମା'ଙ୍କ ଝାମୁଯାତ୍ରା ପଣା ସଂକ୍ରାନ୍ତି ଦିନରୁ ଆରମ୍ଭ ହୁଏ। ଏହା ଚଳିତ ବର୍ଷ ୫ ଦିନ ଧରି ସରକାରୀ ଭାବେ ଐତିହାସିକ ଜମ୍ବୁ ମହୋତ୍ସବ ପାଳନ ହେବା କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ସମ୍ପର୍କିତ ମା'ଙ୍କ ପୀଠରେ ଆଲୋଚନା ହୋଇଥିଲା। ଏଥିରେ ଜିଲାପାଳ ରଘୁରାମ ଆର୍. ଆୟର ଅଧ୍ୟକ୍ଷତା କରିଥିବାବେଳେ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହ ଅଲୋଚନା କରିଥିଲେ। ବିଶେଷକରି ପାନୀୟଜଳ ଓ ପରିମଳ, ବିଦ୍ୟୁତ୍, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ, ଟ୍ରାଫିକ୍ ନିୟନ୍ତ୍ରଣ ପ୍ରମୁଖ ମୌଳିକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରେ ମନ୍ଦିର ପରିସରରେ ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ବୈଠକ ପରେ ଜମ୍ବୁ ମହୋତ୍ସବ ସ୍ଥାନକୁ ଜିଲାପାଳ ଓ ଅଧିକାରୀମାନେ ମହୋତ୍ସବସ୍ଥଳରେ ପହଞ୍ଚି ନିରୀକ୍ଷଣ କରିଥିଲେ। ଉପସ୍ଥିତ ଥିବା ଜିଲାସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ରାଜସ୍ୱ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲାପାଳ ଅରୁଣ କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋରଞ୍ଜନ ରାଉତ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା , ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ , ଜମ୍ବୁ ସାମୁଦ୍ରିକ ଥାନା ଅଧିକାରିଣୀ ଅନିତା ରାଣୀ ସ୍ୱାଇଁଙ୍କ ସମେତ ଯୁବନେତା ପ୍ରଶାନ୍ତ କୁମାର ସେଠୀ, ରଞ୍ଜନ ଚୌଧୁରୀ, ତରୁଣକାନ୍ତି କାଞ୍ଜିଲାଲ, ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକ ସମାବେଶ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୨।୪ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ମହିପାଳସ୍ଥିତ ଟେଲିକମ ପଡିଆରେ କୃଷକ ବିକାଶ ସମିତି ପକ୍ଷରୁ କୃଷକ ସମ୍ମିଳନୀ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ଏହାର ପ୍ରସ୍ତୁତି ବୈଠକ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାବେଶର ରୂପରେଖ ଓ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ସଭାପତି ସାହୁ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷି ଅର୍ଥନୀତି ଉପରେ ପର୍ଯ୍ୟବେସିତ। ଏହି ଅର୍ଥନୀତିକୁ ଚଳଚଞ୍ଚଳ କରାଯାଇ ପାରିଲେ ଜିଲା ବିକାଶ ସମ୍ଭବ। ପ୍ରତିବର୍ଷ ସମିତି ପକ୍ଷରୁ ସମାବେଶ ମାଧ୍ୟମରେ କୃଷକଙ୍କୁ ସଚେତନ କରାଯାଉଛି। ଚଳିତବର୍ଷ ସମାବେଶରେ କୃଷି କ୍ଷେତ୍ରକୁ ଦିଗଦର୍ଶନ ଦେଉଥିବା ରାଜନେତା, ପ୍ରଶାସନିକ ଅଧିକାରୀ, କୃଷି ବିଶେଷଜ୍ଞ, ଗବେଷକ ଓ ଯୁବ କୃଷି ଉଦ୍ୟୋଗୀଙ୍କୁ ସମାବେଶରେ ସାମିଲ କରାଯାଉଛି। ଏଥିସହିତ ସଫଳ ଚାଷୀ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ପ୍ରୋତ୍ସାହିତ କରିବାକୁ ଯୋଜନା ରହିଛି। ଏହି ସମାବେଶରେ ଅବିଭକ୍ତ କଟକ ଜିଲାର କୃଷକମାନେ ସାମିଲ ହେବ ବୋଲି ସଭାପତି ସାହୁ ସୂଚନା ଦେଇଛନ୍ତି। ଏହି ବୈଠକରେ ସମ୍ପାଦକ ମନୋଜ କୁମାର ସାହୁ, ଉପସଭାନେତ୍ରୀ ପାର୍ବତୀ ନାୟକ, ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ରଞ୍ଜନ କୁମାର ସେଠୀ, ଅଭୟ ସାମଲ, ମହେଶ୍ୱର ଜେନା, ରବୀନ୍ଦ୍ର ଧଳ, ନିର୍ଦ୍ଦେଶିକା ମାନସୀ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନନ୍ତ ଆଶ୍ରମରେ ପଦ୍ମଶ୍ରୀ ବାବା ବଳିଆଙ୍କ ପ୍ରବଚନ



**ରାଜନଗର,୨।୪ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ଅନନ୍ତ ସେବା ଆଶ୍ରମରେ ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ଗୁରୁବାର ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ ଦୀକ୍ଷାନ୍ତ ପ୍ରବଚନ ମାଧ୍ୟମରେ ମଧ୍ୟ ପ୍ରାଚୀର ଯୁଦ୍ଧ ବିଭୀଷିକାର କରୁଣ ପରିଣତି ବିଷୟରେ ସାରା ବିଶ୍ୱବାସୀଙ୍କୁ ସୂଚାଇ ଦେଇଛନ୍ତି। ହିଂସା, ବିଭୀଷିକା, ଜିଦ, ଅହଂକାର ପାଇଁ କେତେଯେ ନିରୀହ ଜୀବନ ଆହୁତି ଦେବାକୁ ପଡୁଛି ତାର ଉତ୍ତର କାହା ପାଖରେ ନାହିଁ। ଏଥିପାଇଁ ଶାନ୍ତି ଲୋଡ଼ା। ମାନବବାଦକୁ ସମ୍ମାନ ଜଣାଇ ଯୁଦ୍ଧର ପରିସମାପ୍ତି ହେବା ଜରୁରୀ। ଆଜିର ଯୁବତୀଯୁବକ ନିଶା, ମାଦକ ଦ୍ରବ୍ୟଠାରୁ ଦୁରେଇ ରହି ଏକ ସୁସ୍ଥ ସମାଜ ଗଢି ତୋଳିବାକୁ ସଂକଳ୍ପ ନେବାର ସମୟ ଆସିଛି। ବିଶ୍ୱତାପନ ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁ ମଣିଷ ଏତେ ଅଣନିଃଶ୍ୱାସୀ ହେଇଲାଣି ଯେ ଜୀବନ ବଞ୍ଚାଇବା ଦୁର୍ବିସହ ହୋଇପଡ଼ିଲାଣି। ସଭିଏଁ ଗଛଟିଏ ଲଗାଇ ଆମ ପର ପିଢ଼ି ପାଇଁ ସବୁଜ ସବୁଜିମାରେ ଧରିତ୍ରୀ ମା'ର କୋଳକୁ ପୂର୍ଣ୍ଣ କରିବା ଆମର ମାନବିକତାକୁ ଜାଗ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ପ୍ରକୃତିର ଉପାସନା ଭିତରକନିକାର ବିଭବ, ଏହାର ଜୀବଜନ୍ତୁ, ବୃକ୍ଷଲତା ଆମର ଜାତୀୟ ସମ୍ପତ୍ତି। ଏହାର ସୁରକ୍ଷା ଜରୁରୀ ବୋଲି ବାବା ବଳିଆ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର, ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

# ରାମନବମୀ ମହୋତ୍ସବରେ ପ୍ରବଚନ




**ଆଳି,୨।୪(ବନମାଳୀ ସେନାପତି )**

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତ ରାମନବମୀ ମହୋତ୍ସବ ନିମନ୍ତେ ଉତ୍ସବମୁଖର ରହିଛି। ପଞ୍ଚାୟତର ମାଣିକପାଟଣା, ଗୋପାଳଜୀଉପାଟଣା, କୁଡ଼ିପାଟଣାର କେନ୍ଦ୍ରସ୍ଥଳରେ ଅବସ୍ଥିତ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ମନ୍ଦିରରେ ପବିତ୍ର ରାମ ନବମୀ ପାଳନ ଅବସରରେ ଚଳଚଞ୍ଚଳ ହେବା ସହିତ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଛି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଚରିତ ମାନସ ସହ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ହୋମଯଜ୍ଞ ମନ୍ଦିରରେ ହେଉଥିବା ବେଳେ ଗୁରୁବାରଠାରୁ ତ୍ରିଦିନାତ୍ମକ ଯଜ୍ଞ ଆରମ୍ଭ ହୋଇଛି। ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କର ରାଜଭିଷେକ ସହିତ ରାଜଧୀରାଜ ବେଶ ଦର୍ଶନ କରିବା ନିମନ୍ତେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ପ୍ରାୟ ଏକ ଶହ ପ୍ରକାରର ନୈବେଦ୍ୟ ପ୍ରଭୁଙ୍କ ନିକଟରେ ସମର୍ପିତ ହେବା ସହ ଶ୍ରଦ୍ଧାଳୁମାନେ ମନ୍ଦିର ପ୍ରାଙ୍ଗଣରେ ଦୀପ ଜାଳି ପୂଜାର୍ଚ୍ଚନା କରୁଥିବାରୁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ୩ ଗ୍ରାମର ବରିଷ୍ଠ ନାଗରିକ ଓ ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ୯ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ଚାଲୁରହିଛି।

# ବଦଳିଲେ ନିର୍ବାହୀ ଅଧିକାରୀ ସୀମା ଜେନା

**ଜଗତ୍‌ସିଂହପୁର, ୨।୪ (ପ୍ରମୋଦ କୁମାର ନାୟକ)**

**ଜଗତ୍‌ସିଂହପୁର ପୌର ପରିଷଦ**
- ତାଙ୍କ ସ୍ଥାନରେ ଯୋଗଦେବେ ସନ୍ଦିପ ସିଂହ

ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନାଙ୍କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଗୃହ ଓ ନଗର ଉନ୍ନୟନ ବିଭାଗରେ ଅବସ୍ଥାପିତ ତଥା ତା ପୂର୍ବରୁ କେନ୍ଦ୍ରାପଡ଼ା ଟ୍ୟାକ୍ସ ରିକଭରୀ ଅଫିସର(ଟିଆର୍‌ଓ) ଥିବା ସନ୍ଦୀପ ସିଂହଙ୍କୁ ନିଯୁକ୍ତି ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସେଣ୍ଟ୍ରାଲି ରିଲିଭ ବିଜ୍ଞପ୍ତି ପ୍ରକାଶ ପାଇବାର ୬ ଘଣ୍ଟା ଭିତରେ ଜେନା ଜଗତ୍‌ସିଂହପୁର ଛାଡିଛନ୍ତି। କିନ୍ତୁ ନୂଆ ନିର୍ବାହୀ ଅଧିକାରୀ ସିଂହ ଗୁରୁବାର ଯୋଗ ଦେଇନାହାନ୍ତି। ଜେନାଙ୍କ ଏହି ବଦଳିକୁ ନେଇ ଚର୍ଚ୍ଚା ଜୋର ଧରିଛି। କିଛି ଦିନ ହେବ ପରିଷଦ ସଫେଇ ଓ ମାନବ ସମ୍ବଳ ଯୋଗାଇବା ପାଇଁ ହୋଇଥିବା ଟେଣ୍ଡର ଓ ନୂଆ ସଂସ୍ଥାକୁ ନିଯୁକ୍ତି ଦିଆଯିବା ପ୍ରସଙ୍ଗକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦୀର୍ଘ ୬ ବର୍ଷ କାଳ ଏହି ଦାୟିତ୍ୱ ତୁଲାଇ ଆସୁଥିବା ସଂସ୍ଥାର ମାର୍ଚ୍ଚ ୩୧ ତାରିଖରେ କାର୍ଯ୍ୟକାଳ ସରି ଯାଇଥିବାବେଳେ ପୁଣି କିଛି ଦିନ କାମ କରିବାକୁ ସୁଯୋଗ ଦିଆଯିବା ପ୍ରସଙ୍ଗକୁ ନେଇ ଏଭଳି ବିବାଦ ଦେଖା ଦେଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ତତ୍କାଳ ନିର୍ବାହୀ ଅଧିକାରୀ ଜେନାଙ୍କୁ ବଦଳି କରାଯିବା ନୂଆ ଆଭାସ ଦେଇଛି।

# ମାହାଳ ପଞ୍ଚମୁଖୀ ହନୁମାନ ପୀଠରେ ଜଳଦାନ ବ୍ୟବସ୍ଥା

**ପାଟକୁରା,୨।୪ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ୍ ବଙ୍ଗାଳପୁର ପଞ୍ଚାୟତ ମାହଳଠାରେ ଥିବା ପଞ୍ଚମୁଖୀ ହନୁମାନ ପୀଠ ନିକଟରେ ବାଟୋଇଙ୍କ ପାଇଁ ଗୁରୁବାର ଜଳଦାନ ବ୍ୟବସ୍ଥା କରାଯାଇଛି। ଆଞ୍ଚଳିକ ପେନ୍‌ସନ୍ ଭୋଗୀ ସଂଘ ଓ ପତିତପାବନ ମହାପାତ୍ର ସ୍ମାରକୀ ପାଠାଗାର ପକ୍ଷରୁ ଏହି ଜଳଦାନ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ଦୁର୍ଯ୍ୟୋଧନ ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମାହଳ ଶାଖାର ପରିଚାଳକ ସୁରେଶ ଚନ୍ଦ୍ର ପୃଷ୍ଟି ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଙ୍ଗାଳପୁର ସରପଞ୍ଚ ଅମୀୟ କୁମାର ଜେନା ଓ ଖବରଦାତା ସୁବାସ ସାମଲ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାପାତ୍ର, ପାଠାଗାର ସଭାପତି ପୁଷ୍ପେନ୍ଦ୍ର ସ୍ୱରୂପ ମହାପାତ୍ର, ସମ୍ପାଦିକା ମନସ୍ୱିନୀ ପଟ୍ଟନାୟକ, ସଂଘର ବରିଷ୍ଠ ସଭ୍ୟ ନିରଞ୍ଜନ ପ୍ରଧାନ, ବଂଶୀଧର ସାମଲ, ସୁଲଭ ଚନ୍ଦ୍ର ରାଉତ, ସୁରେନ୍ଦ୍ର ବାରିକ୍, ପଞ୍ଚମୁଖୀ ହନୁମାନ ମନ୍ଦିର ପରିଚାଳନା ସମିତିର ସଦସ୍ୟଙ୍କ ସମେତ ପ୍ରକାଶ ଜେନା, କୀର୍ତ୍ତନ ସେଠୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହି ଜଳଦାନ କାର୍ଯ୍ୟକ୍ରମ ଏକ ମାସ ଧରି ଚାଲିବ ବୋଲି ସଂଘ ଓ ପାଠାଗାର ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥିମାନେ ପଞ୍ଚମୁଖୀ ହନୁମାନ ପୀଠ ନିକଟରେ ଜଳଦାନ କାର୍ଯ୍ୟ ଉଦ୍‌ଘାଟନ କରୁଛନ୍ତି।

# ଉନ୍ନୟନମୂଳକ, ବ୍ଲକରେ ଯାତାୟାତରେ ବାଧା

**ମହାକାଳପଡ଼ା, ୨।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**


ବ୍ଲକ ପରିସରରେ ବେଆଇନ ପଥର ବୋଝେଇ ହାଇୱା ଥିବାରୁ ଯାତାୟାତ ବାଧାପ୍ରାପ୍ତ।

**ପଥର ବୋଝେଇ ୧୧ ହାଇୱା ଜବତ ଘଟଣା**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ସାମୁଦ୍ରିକ ଝଡ଼, ସୁନାମି, ଭୂକମ୍ପ ପ୍ରବଣରୁ ସୁରକ୍ଷା ପାଇଁ ଜନବସତି ପାର୍ଶ୍ୱରେ ସୁଉଚ୍ଚ ମାଟି ବନ୍ଧ ନିର୍ମାଣରେ ପଥର ପ୍ୟାକିଂ କାର୍ଯ୍ୟ ହେଉଛି। ବ୍ଲକ ଅଧୀନ ସ୍ଥାନୀୟ ରଡ଼ିଆ, କଂସାର, ବଡ଼ଦାଣ୍ଡୁଆ, ବଗ ଗହନ, ବଟିଘର, ଖରିନାସୀ, ଜମ୍ବୁ, ସୁନିତି, ବାବର ଆଦି ଅଞ୍ଚଳରେ ରାଜ୍ୟ ସରକାରଙ୍କ ନଦୀ ତଟବନ୍ଧ (ଜଳସମ୍ପଦ) ବିଭାଗ ପକ୍ଷରୁ ବହୁ କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ବେଆଇନ ଭାବେ ନଦୀରୁ ବାଲି ଓ ପାହାଡ଼ରୁ ପଥର ବୋଝେଇ ହାଇୱାଗୁଡ଼ିକ ବିନା କାଗଜପତ୍ରରେ ଖୁଲମଖୁଲା ଚାଲାଣ କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ଖଣି ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଚଢ଼ାଉ କରାଯାଇ ୧୧ଟି ହାଇୱା ଜବତ ପରେ ବ୍ଲକ ପରିସରରେ ରଖାଯାଇଛି। ବ୍ଲକ ପରିସରରେ ଜବତ ହାଇୱା ଅଟକ ରଖିବା ଯୋଗୁ ଆସୁଥିବା ଜନସାଧାରଣ ଯାତାୟାତ ଓ ପାର୍କିଂ ସମସ୍ୟା ରହୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ କହିଛନ୍ତି। ନଦୀ ବନ୍ଧ ନିର୍ମାଣରେ ପଥର ବୋଝେଇ ଗାଡ଼ି ଅଟକ ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ନଦୀକୂଳିଆ ଅଞ୍ଚଳର ଲୋକମାନେ କହିଛନ୍ତି। ବେଆଇନ ନଦୀ ବାଲି ଓ ପଥର ଚାଲାଣ ଯୋଗୁ ସରକାର ରାଜସ୍ୱ ହରାଉଛନ୍ତି ବୋଲି ବୁଦ୍ଧିଜୀବୀ ନରୋତ୍ତମ ପାର୍ଥ ସାରଥୀ ଓ ନବ ନିର୍ମାଣ କୃଷକ ସଙ୍ଗଠନର ନେତା ଅଙ୍କୁର ପଲେଇ କହିଛନ୍ତି।

ସୂଚନା ଯୋଗ୍ୟ, ଜିଲା ଖଣି ବିଭାଗ, ମହାକାଳପଡ଼ା ପୋଲିସ ପକ୍ଷରୁ ଜାନୁଆରୀ ୧୮ରେ ୮ ଟି ପଥର ବୋଝେଇ ହାଇୱାକୁ ଥାନା ଅଧୀନ ଅଳାଇଲୋ-ଓରତ ମୁଖ୍ୟ ରାସ୍ତାରେ ଜବତ କରାଯାଇଥିଲା। ପରେ ଜବତ ହାଇୱାଗୁଡ଼ିକ ଓଭର୍ ଲୋଡ୍ କରିବା ଓ ଆବଶ୍ୟକ କାଗଜପତ୍ର ଅଭାବ ଯୋଗୁ ବ୍ଲକ ପରିସରରେ ପୋଲିସ ଅଟକ ରଖିଛି। ସେହିଭଳି ଏହି ଗାଡ଼ିଗୁଡ଼ିକ ଜବତର ୨ ସପ୍ତାହ ପରେ ଅନ୍ୟ ୩ଟି ଗାଡ଼ିକୁ ସ୍କ୍ୱାଡ ଜବତ କରିଥିଲା। ଏ ସମ୍ପର୍କରେ ମହାକାଳପଡ଼ା ଥାନା ଅଧିକାରୀ ମାନସ କୁମାର ମଲିକଙ୍କୁ ପଚାରିବାରେ ଜବତ ଗାଡ଼ିଗୁଡ଼ିକ ବିନା କାଗଜ ପତ୍ର ଓ ଓଭର ଲୋଡ ଯୋଗୁ କେସ୍ କରାଯାଇ କୋର୍ଟଙ୍କୁ ଅବଗତ କରାଯାଇଛି। ଆଇନ ଅନୁସାରେ କୋର୍ଟରୁ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ରିଲିଜ୍ ଅର୍ଡର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। କିଛିଦିନ ପୂର୍ବରୁ ୨ଟି ଅଟକ ହାଇୱା କୋର୍ଟରୁ ରିଲିଜ୍ ଅର୍ଡର ମିଳିଛି, ଅବଶିଷ୍ଟ ୯ଟି ଗାଡ଼ି ଅଟକ ରହିଛି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର ଆୟରଙ୍କ ମତାମତ ନେବାରେ ଜବତ ହୋଇଥିବା ପଥର ବୋଝେଇ ହାଇୱାଗୁଡ଼ିକ ଖବର ନାହିଁ। ଆଇନ ଅନୁସାରେ ଜବତ ଗାଡ଼ିଗୁଡ଼ିକର କାଗଜ ପତ୍ର ଯାଞ୍ଚ ପରେ ରିଲିଜ୍ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପଥର କ୍ୱାରି ଲିଜ୍ ନ ଦେବାକୁ ଦାବିପତ୍ର

ଧରାକୋଟ,୨।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ତହସିଲ ଅନ୍ତର୍ଗତ ଆମ୍ବଡା ବଣ ପଥର କ୍ୱାରୀକୁ ଚଳିତ ବର୍ଷ ଲିଜ ନ ଦେବା ପାଇଁ ବାହାରପୁର ପଞ୍ଚାୟତ ଗୋପାଳପୁର ଓ ମାଧପୁର ଗାଁ ଲୋକେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇ ଗାଁ ନିକଟରେ ରହିଥିବା ଆମ୍ବଡାବଣ ପଥର କ୍ୱାରୀରେ ପଥର ଉତ୍ତୋଳନ ବେଳେ ବ୍ଲାଷ୍ଟିଂ କରାଯାଉଥିବାରୁ ବାସଗୃହ ଗୁଡିକରେ ଫାଟ ସୃଷ୍ଟି ହେଲାଣି । ଜୀବନ ରକ୍ଷା. ଜୀବିକାର ନିରାପତ୍ତା ଦୃଷ୍ଟିରୁ ପଥର କ୍ୱାରୀକୁ ଲିଜ ନ ଦେବା ପାଇଁ ଉଭୟ ଗ୍ରାମବାସୀ ଜିଲାପାଳ, ଭଞ୍ଜନଗର ଉପ ଜିଲାପାଳ, ଖଣି ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀ, ବଡଗଡ ଥାନା ଅଧିକାରୀ ଓ ଧରାକୋଟ ବିଡିଓଙ୍କୁ ମଧ ଦାବିପତ୍ର ପ୍ରଦାନ କରିଛନ୍ତି।

### ପାଣି ଟାଙ୍କିରେ ଚଢ଼ିଲେ ଛାତ୍ର

ଖଜୁରିପଡ଼ା,୨।୪ ( ବିଦୁର ବେହେରା) ଖଜୁରିପଡ଼ା ବ୍ଲକ୍ ପିରିକୁଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠପଢୁଥିବା ବେଳେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ କୋମଳମତି ଛାତ୍ରମାନେ ଗୁରୁବାର ପ୍ରାୟ ୨୫ ଫୁଟ ଉଚ୍ଚତା ବିଶିଷ୍ଟ ପାଣି ଟାଙ୍କି ଉପରକୁ ଚଢ଼ି ପୋଷାକ ଶୁଖାଇବା ସହ ଖେଳୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଶିକ୍ଷକ ଓ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ସତ୍ତ୍ୱେ ପିଲାମାନେ ଏଭଳି ଦୁଃସାହସିକ କାର୍ଯ୍ୟ କିପରି କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମେହେର କହିଛନ୍ତି, ହଷ୍ଟେଲ ସିସିଏଙ୍କୁ ଏ ବିଷୟରେ ପଚାରି ବୁଝାଯିବ।

### ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଛତ୍ରପୁର,୨।୪(ଦିଲୀପ ସାମଲ): ଛତ୍ରପୁର ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାମନ୍ତରାୟ ସଂଘର ନୂଆ ସଭାପତି ଏଲ. ଗୋପାଳ ରାଓ, ଉପସଭାପତି ପ୍ରଦୀପ କୁମାର ପଲାଇ, ସାଧାରଣ ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅପସରା ଜାନ, ଲାଇବ୍ରେରୀ ସେକ୍ରେଟାରୀ ଏନ. ଗୋପୀ, ସହ ସମ୍ପାଦିକା କେ. ବିଜୟଲକ୍ଷ୍ମୀ ଦେବୀ ଓ କାର୍ଯ୍ୟକାରୀ ସଦସ୍ୟା ମମତା ସେଠୀଙ୍କୁ ଶପଥ ପାଠ କରାଇଥିଲେ। ଏଥିସହିତ ସଂଘର ପୂର୍ବ ଗୌରବ, ଶୃଙ୍ଖଳା ଏବଂ ଆଇନର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ନୂଆ ସଭାପତି ରାଓ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସହଯୋଗ କାମନା କରିଥିଲେ।

### କାର୍ଯ୍ୟ ଖସଡ଼ା ପ୍ରସ୍ତୁତିରେ ବିଧାୟକଙ୍କ ହସ୍ତକ୍ଷେପକୁ ବିରୋଧ

ଚିକିଟି,୨।୪ (ପ୍ରକାଶ ଚନ୍ଦ୍ର ସାହ) ଚିକିଟି ବ୍ଲକ ଅନ୍ତର୍ଗତ ୧୭ ପଞ୍ଚାୟତର ବିକଶିତ ଗାଁ ବିକଶିତ ଓଡ଼ିଶାରେ ଆସିଥିବା ସରକାରୀ ଯୋଜନାର କାର୍ଯ୍ୟ ଖସଡ଼ା ପ୍ରସ୍ତୁତିରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ହସ୍ତକ୍ଷେପ କରିଥିବା ନେଇ ଅସନ୍ତୋଷ ଦେଖା ଦେଇଛି। ଏନେଇ ଗୁରୁବାର ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ନେତୃତ୍ୱରେ ଅର୍ଦ୍ଧାଧିକ ସରପଞ୍ଚ, ସମିତିସଭ୍ୟ, ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ବିଜେଡି ଯୁବନେତା ସୁରେନ୍ଦ୍ର ମଣ୍ଡଳ, ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କୁ ଘେରାଉ କରିଥିଲେ। ବିଡ଼ିଓ ଏନେଇ କୌଣସି ସମାଧାନ ନ କରିବାରୁ ଜିଦ ରେ ଅଟଳ ରହିଥିଲେ। ଏହାପରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିଲା । ଜିଲାପାଳ ଏହାର ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ବିଡିଓଙ୍କ ପ୍ରକୋଷ୍ଠରୁ ଫେରିଥିଲେ। ଏନେଇ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ଉତ୍ତେଜନା ଲାଗି ରହିଛି। ଗ୍ରାମ ସଭାରେ ନିର୍ଦ୍ଧାରିତ କରାଯାଇ ଥିବା ପ୍ରକଳ୍ପର ଖସଡ଼ାକୁ ବିଧାୟକ ତାଙ୍କ ସମର୍ଥକଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଦଳାଇ ଦିଆଯାଇ ଥିବାରୁ ସାଧାରଣ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସହ ଯୋଗାଯୋଗ କରାଯାଇ ଥିଲେ ମଧ ତାଙ୍କର ମତାମତ ମିଳି ପାରି ନାହିଁ। ବିଡ଼ିଓ ବିବେକାନନ୍ଦ ମିଶ୍ର ଏହାକୁ ଅସ୍ୱୀକାର କରିବା ସହ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ଖସଡ଼ା ପଠାଯାଇ ଥିବା କହିଛନ୍ତି।

# ଶେଷ ପର୍ଯ୍ୟାୟରେ ହେବ ଛତ୍ରପୁର ମହୋତ୍ସବ

## ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ

ଛତ୍ରପୁର,୨।୪(ଦିଲୀପ ସାମଲ):



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ କର୍ମଚାରୀମାନେ।

ଛତ୍ରପୁର ସହରର ଆରାଧ୍ୟା ଦେବୀ ମା ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ମେ ୪ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଯାତ୍ରା କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ୨ ବର୍ଷକୁ ଥରେ ହେଉଥିବା ମା ରାମାୟାଣାମ୍ମାଙ୍କ ଯାତ୍ରା ପାଇଁ ସହର ଏବେଠୁ ଚଳଚଞ୍ଚଳ ହୋଇପଡିଲାଣି। କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ମା'ଙ୍କ ଯାତ୍ରାକୁ ଆହୁରୀ ଆକର୍ଷଣୀୟ କରିବା ନିମନ୍ତେ ଲୋକଙ୍କ ମନୋରଞ୍ଜନ ପାଇଁ ଯାତ୍ରାର ଶେଷ ୭/୮ ଦିନ ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ । ଏଥିନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯାତ୍ରା କମିଟି, ପୋଲିସ ପ୍ରଶାସନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ହୋଇଥିଲା। ଏଥିରେ ଜିଲାପାଳ ଭି. କୀର୍ତ୍ତି ଭାସନ ଅଧକ୍ଷତା କରିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ବୈଠକରେ ଯୋଗଦେଇ ମାଙ୍କ ଯାତ୍ରା ଏବଂ ଛତ୍ରପୁର ମହୋତ୍ସବ କିପରି ଜାକଜକମରେ ହେବ ସେଥିପାଇଁ ପରାମର୍ଶ ଦେଇଥିଲେ । ଛତ୍ରପୁର ଉପଜିଲାପାଳ ଶିବଶିଷ ବରାଳ ଯାତ୍ରାକୁ କିପରି ଠିକ ଭାବେ ପରିଚାଳନା କରାଯିବ ସେ ସମ୍ବନ୍ଧରେ କହିଥିଲେ। ମା ରାମାୟାଣାମ୍ମା ଠାକୁରାଣୀଙ୍କ ଯାତ୍ରା କମିଟିର ମ୍ୟାନେଜର ସିଏଚ. ଦୟାନନ୍ଦ ରେଡ୍ଡୀ ଓ ଆସିଷ୍ଟାଣ୍ଟ ମ୍ୟାନେଜର ଏମ. ସମରେନ୍ଦ୍ର ସେନାପତି ଚଳିତ ବର୍ଷ ମାଙ୍କ ଯାତ୍ରା କିପରି ଆଡ଼ମ୍ବର ସହକାରେ ହୋଇପାରିବ ଏବଂ ମାଙ୍କ ଘଟ ପରିକ୍ରମା ସହିତ ଛତ୍ରପୁର ମହୋତ୍ସବରେ ସମସ୍ତ ସହଯୋଗ କାମନା କରିଥିଲେ । ମହୋତ୍ସବରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ଶ୍ରଦ୍ଧାଳୁଙ୍କ ଭିଡ଼କୁ ନେଇ ସିସି କ୍ୟାମେରା ବ୍ୟବସ୍ଥା ଆଦି ନେଇ ଆଲୋଚନା ହୋଇଥିଲା । ଏହା ସହିତ ରାମଦୋଳି, ମିନା ବଜାର, ଆଲୋକିକରଣ, କଳାକୁଞ୍ଜ, ତୋରଣ ଏବଂ ପଟୁଆରରେମା'ଙ୍କ ଘଟ ପରିକ୍ରମା ବେଳେ ପୋଲିସ ବ୍ୟବସ୍ଥା ଉପରେ ମଧ କୁହାଯାଇଛି । ବୈଠକରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ପ୍ରଧାନ, ଅତିରିକ୍ତ ଛତ୍ରପୁର ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା,ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସାବ୍ୟସାଚି ମଲ୍ଲ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଇଓ ପ୍ରସନ୍ନ କୁମାର ଦାଶ, ଯାତ୍ରା କମିଟି ସମ୍ପାଦକ ରାଜୁ ରେଡ୍ଡୀପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗ ର ଅଧିକାରୀ, ଟାଟା, ଆଇଆରଇଏଲ, ଗୋପାଳପୁର ବନ୍ଦର ଓ ଗ୍ରାସୀମ କମ୍ପାନୀର ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଯାତ୍ରାର ସମୀକ୍ଷା କଲେ ଜିଲାପାଳ

ପୁରୁଷୋତ୍ତମପୁର,୨।୪(ସବିତା ମିଶ୍ର) ଆରାଧ୍ୟ ଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସରିଥିବା ବେଳେ ୪ଟି ମଙ୍ଗଳବାର ଯାତ୍ରାକୁ ନେଇ ସମୀକ୍ଷା ବୈଠକ ଗୁରୁବାର ତାରାତାରିଣୀ ପୀଠରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଭି.କିର୍ତ୍ତୀୱାସନ ଯୋଗଦେଇ ଯାତ୍ରାରେ କିଭଳି ସମସ୍ତ କାର୍ଯ୍ୟକୁ ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରଗଲା ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏପରିକି ଯାହା କିଛି ତ୍ରୁଟି ପରିଲିକ୍ଷିତ ହୋଇଛି ଆଗାମୀ ବର୍ଷରେ ତାହା ସମ୍ପୂର୍ଣ୍ଣରୁପେ ସଜାଡି ଦିଆଯିବ ବୋଲି ଜିଲାପାଳ କହିଥିଲେ। ଏଥିରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ଛତ୍ରପୁର ଉପଜିଲାପାଳ ଶୁଭାଶିଶ ବରାଳଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା ଯାତ୍ରାରେ ମୁଖ୍ୟ ଦାୟିତ୍ୱ ବହନକରି ସୁଚାରୁ ରୁପେ ସମ୍ପାଦନ କରିଥିବାରୁ ତାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରବେଶ ଉତ୍ସବ

ପାରଳାଖେମୁଣ୍ଡି,୨।୪ (ଗିରିଧାରୀ ପରିଚ୍ଛା) ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ଶିକ୍ଷାବର୍ଷ ଶୁଭାରମ୍ଭ ଅବସରରେ ପ୍ରଥମ ଦିନ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଛାତ୍ରୀଛାତ୍ରଙ୍କର ମଙ୍ଗଳ କାମନା ପୂର୍ବକ ବିଦ୍ୟାଳୟରେ ଗାୟତ୍ରୀ ଯଜ୍ଞ ଆୟୋଜନ କରାଯାଇଥିଲା। ପିଲାମାନେ ଶୁଦ୍ଧବସ୍ତ୍ର ପରିଧାନ କରି ଫୁଲ, ଧୂପ, ଦୀପ ଧରି ବିଦ୍ୟାଳୟକୁ ଆସିଥିଲେ। ଗାୟତ୍ରୀ ପରିବାରର ଉମାଚରଣ ପଟ୍ଟନାୟକ ତଥା କର୍ମକର୍ତ୍ତା ଦେବୀ ପ୍ରସାଦ ପଟ୍ଟନାୟକ, ପ୍ରଭୁ ପ୍ରସାଦ ପଟ୍ଟନାୟକଙ୍କ ସହଯୋଗରେ ଗାୟତ୍ରୀ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଭିଭାବକ କୈଳାଶ ବିଶ୍ୱାଳ ଓ ଲିଲି ବିଶ୍ୱାଳ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ ପଣ୍ଡାଙ୍କ ନେତୃତ୍ୱରେ ତଥା ଅନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ୧୩ ଦିନିଆ ଦଣ୍ଡଯାତ୍ରା ଶୁଭାରମ୍ଭ



ମା'ଦକ୍ଷିଣ କାଳୀ ଦଣ୍ଡଯାତ୍ରା।

ଗଞ୍ଜାମ,୨।୪(ବିଦ୍ୟାଧର ସାହୁ) ଗଞ୍ଜାମ ସହର କଲେଜ ରୋଡ୍‌ସ୍ଥିତ ମା'ଦକ୍ଷିଣକାଳୀଙ୍କ ୧୩ ଦିନିଆ ଦଣ୍ଡଯାତ୍ରା ଗୁରୁବାର ଶୁଭାରମ୍ଭ ହୋଇଛି। ମା'ଙ୍କ ଘଟ ଓଡ଼ିଆ ଢମଣାସାହିସ୍ଥିତ ବାବା ରାମଲିଙ୍ଗେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା' ବାହାରକୁ ବାହାରିଛନ୍ତି। ପ୍ରଥମ ଦିନରେ ନିଜ ସାହିରେ ମଧ୍ୟରାତ୍ରରେ ରାମ ଲିଙ୍ଗେଶ୍ୱର ନାଟ୍ୟକଳା ସଂସଦ ଦ୍ୱାରା ମହାନ୍ ପୌରାଣିକ ନାଟକ 'କାନ୍ଦଇ ଭାଉଜ ହସେ ଦିଅର' ପରିବେଷଣ ହେବ ବୋଲି ମୁଖ୍ୟ ପରିଚାଳକ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ଅଧିକାରୀ ଭୀମା ରେଡ୍ଡୀ, ମୁଖ୍ୟ ପରିଚାଳକ ସନ୍ତୋଷ ସାହୁ, ପ୍ରଭାତ ସାହୁ ପ୍ରମୁଖ ମା'ଙ୍କୁ ନେଇ ଗାଁ ଗାଁ ବୁଲିବେ। ମେରୁ ସଂକ୍ରାନ୍ତିରେ ଦାମୋଦରପୁର ଗ୍ରାମ କଲେଜ ରୋଡ୍‌ରେ ଅବସ୍ଥିତ ମା'ଦକ୍ଷିଣକାଳୀଙ୍କ ମନ୍ଦିର ନିକଟରେ ମେରୁ ଯାତ୍ରା ଅନୁଷ୍ଠିତ ହେବ।

## ସରିଲା ମା' ତାରାତାରିଣୀଙ୍କ ଚୈତ୍ର ପର୍ବ

# ସ୍ୱ ଆସ୍ଥାନକୁ ଫେରିଗଲେ ଦେବଦେବୀ



ସେବାୟତମାନେ ହାଣ୍ଡିରେ ପଣାକୁ ନେଉଛନ୍ତି।

ପୁରୁଷୋତ୍ତମପୁର,୨।୪(ସବିତା ମିଶ୍ର): ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମା' ତାରାତାରିଣୀଙ୍କ ପୀଠରେ ମାସେ ବ୍ୟାପୀ ଚାଲିଥିବା ଚୈତ୍ର ପର୍ବ ଗୁରବାର ପୂର୍ଣ୍ଣମୀରେ ସରିଛି। ଯାତ୍ରାକୁ ନିମନ୍ତ୍ରିତ ହୋଇ ଆସିଥିବା ସର୍ବ ଦେବାଦେବୀ ରତ୍ନଗିରି ପାହାଡ଼ ଛାଡି ସ୍ୱଆସ୍ଥାନକୁ ଯାଇଛନ୍ତି। ଚୈତ୍ର ମାସର ଶେଷ ଦିନରେ କ୍ଷିର, ଘିଅ, ନବାତ ଭଳି ବିଭିନ୍ନ ପ୍ରକାର ସାମଗ୍ରୀରେ ପ୍ରସ୍ତୁତ ପଣାକୁ ମା'ଙ୍କ ନିକଟରେ ଲାଗି କରାଯାଇଛି। ପରେ ସେହି ପଣାହାଣ୍ଡିକୁ ପରମ୍ପରା ଅନୁଯାୟୀ ବାହାରକୁ ନେଇ ଭାଙ୍ଗି ଦିଆଯାଇଛି। ତାରାତାରିଣୀଙ୍କ ଚୈତ୍ର ଯାତ୍ରା ପାଇଁ ଦୋଳ ପୂର୍ଣ୍ଣମୀଠାରୁ ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଦେବାଦେବୀମାନେ ରତ୍ନଗିରି ପାହାଡ଼ସ୍ଥିତ ମା'ଙ୍କ ପୀଠରେ ଏକମାସ ଧରି ରହିଥାନ୍ତି । ଚୈତ୍ର ମଙ୍ଗଳବାର ଯାତ୍ରା ସରିବା ପରେ ପୂର୍ଣ୍ଣମୀରେ ରତ୍ନଗିରି ଛାଡି ଚାଲି ଯାଇଥାନ୍ତି। ଶେଷ ଦିନରେ ପଣା ପାଇ ସର୍ବଦେବାଦେବୀ ସନ୍ତୁଷ୍ଟ ହୋଇଥାନ୍ତି । ମନ୍ଦିର ଦ୍ୱାର ଫିଟାହୋଇ ମାଜଣା, ମଙ୍ଗଳ ଆଳତି, ସିଙ୍ଗାର, ଅବକାଶ ଆଦି ପରମ୍ପରା ଅନୁସାରେ ସମସ୍ତ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା କରାଯାଇ ମା' ତାରା ତାରିଣୀ ଦୁଇ ଭଉଣୀଙ୍କୁ ସେବାୟତ ମାନେ ରାଜରାଜେଶ୍ୱରୀ ବେଶରେ ସଜ୍ଜିତ କରାଇବା ପରେ ସାହାଣ ମେଲା ହୋଇଥିଲା। ପରେ ପଣା ଲାଗି ହୋଇଥିଲା।

# ୯୦ ଗ୍ୟାସ୍ ସିଲିଣ୍ଡର ଜବତ

ମୋହନା,୨।୪(ମନ୍ମଥ ମିଶ୍ର) ମୋହନା ବ୍ଲକରେ ରନ୍ଧନ ଗ୍ୟାସର ଅଭାବ ଦେଖାଯିବା ସହ କଳାବଜାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜିଲା ସ୍କ୍ୱାର୍ଡ଼ ଦଳ ସହିତ ସହକାରୀ ସିଏସଓ ସୁହାଂସା ଭୋଇ, ପୃଥ୍ୱୀରାଜ ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକ ସତ୍ୟନାରାୟଣ ଭୋଇ ମିଳିତ ଭାବେ ବିରିକୋଟ ପଞ୍ଚାୟତ ବିରିକୋଟର ହୃଷିକେଶ ପାଇକଙ୍କ ଘରେ ଚଢ଼ାଉ କରି ୯୦ଟି ଘରୋଇ ସିଲିଣ୍ଡର ଜବତ କରିଥିଲେ। ସେଥିମଧ୍ୟରୁ ଗ୍ୟାସ ଭର୍ତ୍ତି ହୋଇଥିବା ଏଚ୍‌ପି ୩୪ଟି, ଖାଲି ସିଲିଣ୍ଡର ୧୪ଟି ,ଇଣ୍ଡେନର ୫ଟି ଗ୍ୟାସ ଭର୍ତ୍ତି ଓ ୨୪ଟି ଖାଲି ସିଲିଣ୍ଡର, ଭାରତ ସିଲିଣ୍ଡର ୧୩ଟି ରହିଥିଲା। ହୃଷିକେଶ ଏହାର କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଏ ନେଇ ମାମଲା ରୁଜୁ ହେବ ବୋଲି ପୋଲିସ କହିଛି। ବିଭିନ୍ନ ସ୍ଥାନରେ ଖୁଲମଖୁଲା ଭାବେ ଘରୋଇ ସିଲିଣ୍ଡର ବ୍ୟବହାର କରାଯାଉ ଥିବା ବେଳେ ପ୍ରସାଶନର ନିଘା ନାହିଁ। ହୋଟେଲ, ଉଠା ଜଳଖିଆ ଦୋକାନ ଗୁଡିକୁ କମରସିଆଲ ଗ୍ୟାସ ସିଲିଣ୍ଡର ଏ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇନାହିଁ। ତେଣୁ ବାଧହୋଇ ଘରୋଇ ଗ୍ୟାସ ବ୍ୟବହାର କରୁଥିବା ଉଠା ଜଳଖିଆ ଦୋକାନୀ କହିଛନ୍ତି ।

# ତ୍ରିଲୋଚନଙ୍କ ବଳିଦାନକୁ ଭୁଲିବନି ପୋଲିସ

ଭଞ୍ଜନଗର,୨।୪(ବାବୁଲା ପ୍ରଧାନ) ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଶହୀଦ ଯବାନମାନଙ୍କୁ ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି । ଏହିକ୍ରମରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଗୁରୁବାର ୧୯୯୮ରେ ଶହୀଦ ହୋଇଥିବା ଭଞ୍ଜନଗର ଥାନା ସାନକୋଦଣ୍ଡା ପଞ୍ଚାୟତ ବଡପଥରା ଗ୍ରାମର ତ୍ରିଲୋଚନ ବିଷୋୟୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିପାଶା ପାତ୍ରୁଲ,ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଏସଡିପିଓ ଡ.ଦୀପକ କୁମାର ମିଶ୍ର ଓ ଭଞ୍ଜନଗର ଥାନା ଅଧିକାରୀ ଜିବନାନନ୍ଦ ଜେନାଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ। ଏସ ପି ଶହୀଦ ତ୍ରିଲୋଚନଙ୍କ ବାସଭବନକୁ ଯାଇ ତାଙ୍କ ଫଟୋ ଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ ସହ ପରିବାରବର୍ଗଙ୍କୁ ଭେଟି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ତ୍ରିଲୋଚନଙ୍କ ବଳିଦାନକୁ ଓଡ଼ିଶା ପୋଲିସ କେବେ ଭୁଲିବ ନାହିଁ। ଶହୀଦଙ୍କ ପରିବାରକୁ ବିଭିନ୍ନ ସରକାରୀ ସହାୟତା ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏସପି କହିଛନ୍ତି।

# ବାର୍ଷିକୋତ୍ସବ ଉତ୍କର୍ଷିକା ଉଦ୍‌ଘାଟିତ

ଗୋପାଳପୁର,୨।୪(ନବୀନ ରାଜ ଆଚାରୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ କନିଷି ହାଟ ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତ୍ତର ଶିକ୍ଷା ଗବେଷଣା ପ୍ରତିଷ୍ଠାନରେ ବାର୍ଷିକ ଉତ୍ସବ ଉତ୍କର୍ଷିକା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ମନୋଜ କୁମାର ପ୍ରଧାନ ସଭାପତିତ୍ୱରେ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଗଣେଶ୍ୱର ମାଝୀ, ମୁଖ୍ୟବକ୍ତା ଭାବେ କଳିଙ୍ଗା ମହାବିଦ୍ୟାଳୟ ଜି.ଉଦୟଗିରିର ଅଧ୍ୟାପକ ଡ଼.ନଳିନୀ କୁମାର ପାଣିଗ୍ରାହୀ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ବ୍ରହ୍ମପୁର ଗଣିତ ବିଭାଗର ସହକାରୀ ପ୍ରଫେସର ଡ.ସୁଧାନନ୍ଦ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବରପୁତ୍ର ସନ୍ଥକବି ଭୀମଭୋଇଙ୍କ ବାଣୀ ଓ ଫଟୋ ଜାତିସଂଘ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ସ୍ଥାନିତ ହେବା ଆମ ବିଜ୍ଞତା ତଥା ସୃଜନୀ ସର୍ବ ଜନବିଦିତ ଓ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଆମର ନୈତିକ ମୂଲ୍ୟବୋଧ ଓ ଭାରତୀୟ ଜ୍ଞାନ ପରମ୍ପରାକୁ କୁହାଯାଇଥିଲା। ପରିଷଦ ଉପଦେଷ୍ଟା ପ୍ରଫେସର ଦେବେନ୍ଦ୍ର ସେଠୀ ପ୍ରତିଷ୍ଠାନର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ସଭାପତି ରାଜରୋଶନ ଜେନା ଛାତ୍ର ସଂସଦର ଆଭିମୁଖ୍ୟ ଓ ସାଧାରଣ ସମ୍ପାଦକ କେ.ସୂର୍ଯ୍ୟ ପ୍ରତାପ ରାଓ ବିବରଣୀ ପାଠ କରିଥିଲେ। ସହକାରୀ ପ୍ରଫେସର ଡ଼.ରାମଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା ଓ ଡ଼.ସୁରଞ୍ଜିତା ମୁନି ଧନ୍ୟବାଦ ଦେଇଥିବା ବେଳେ ବିଇଡି ଦ୍ୱିତୀୟ ବର୍ଷ ଛାତ୍ରୀ ସଞ୍ଜନା ଓ ଏମଇଡି ଦ୍ୱିତୀୟ ବର୍ଷ ଛାତ୍ର ଜଗନମୟ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପ୍ରଫେସର ମନୋଜ କୁମାର ପ୍ରଧାନଙ୍କ ଦ୍ୱାରା ରଚିତ ଓ ସୁମନ ପଟ୍ଟନାୟକ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଅତୃପ୍ତ ଦେବତା' ମଞ୍ଚସ୍ଥ ହୋଇଥିଲା।

# ଭାଜପା ନେତା ରାଜୀବଙ୍କୁ ଧକ୍କାମାରିଲେ ବିଧାୟକ

## ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଖୋର୍ଦ୍ଧା,୨।୪(ପ୍ରଭାତ ପାଣିଗ୍ରାହୀ) ଖୋର୍ଦ୍ଧାରେ ଗୁରୁବାର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ୨୪ଘଣ୍ଟିଆ ପାନୀୟଜଳ ପ୍ରକଳ୍ପ ଏବଂ ପୌର ପରିଷଦ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇଥିଲେ। ଏହି ସମୟରେ ଖୋର୍ଦ୍ଧାର ବରିଷ୍ଠ ଭାଜପା ନେତା ରାଜୀବ ଲୋଚନ ଷଡ଼ଙ୍ଗୀ ମଧ ଉପସ୍ଥିତ ଥିଲେ। ତେବେ କୌଣସି କାରଣକୁ ନେଇ ବିଧାୟକ ଏବଂ ଭାଜପା ନେତା ରାଜୀବଙ୍କ ମଧରେ ଉଚ୍ଚବାଚ ହୋଇଥିଲା। ଏଥିରେ ବିଧାୟକ ଉତ୍‌କ୍ଷିପ୍ତ ହୋଇ କ'ଣ ବଡ଼ ନେତା ଦେଖାଇ ହେଉଛ କହି ଧକ୍କାମାରି କାର୍ଯ୍ୟକ୍ରମ ସ୍ଥଳରୁ ବାହାର କରିଦେଇଥିଲେ ବୋଲି ରାଜୀବ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏମ୍‌ପିଙ୍କୁ ଏକ ଅଭିଯୋଗ ଜଣାଇବାକୁ ଉପସ୍ଥିତ ଥିବା ବେଳେ ବିଧାୟକ ହଠାତ୍ ତାଙ୍କୁ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ ବୋଲି ରାଜୀବ କହିଛନ୍ତି। ଦୀର୍ଘ ୪୦ବର୍ଷ ହେବ ଭାଜପାରେ କାମ କରୁଛି। ଏମ୍‌ପି ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଅସମ୍ମାନ କରାଯିବା ସତ୍ତ୍ୱେ ଏମ୍‌ପି କିଛି ନ କହି ନୀରବ ରହିବା ସ୍ୱାଭିମାନକୁ ବାଧା ଦେଇଛି। ଏ ସମ୍ପର୍କରେ ଗାଜପା ରାଜ୍ୟ ସଭାପତିଙ୍କୁ ଲିଖିତ ଭାବେ ଜଣାଇବି। କାର୍ଯ୍ୟକ୍ରମସ୍ଥଳରେ ବିଧାୟକ ଧକ୍କା ମାରିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ବୋଲି ରାଜୀବ କହିଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ବିଧାୟକ ଜଗଦ୍ଦେବଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ସାନଖେମୁଣ୍ଡି ବିଧାୟକ



ଧରାକୋଟ,୨।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ବଳରାମପୁର ପଞ୍ଚାୟତରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ୯ଟି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ବଳରାମପୁରରେ ବିଧାୟକ ପହଞ୍ଚିବା ପରେ ପ୍ରଥମେ ଗୋପୀନାଥ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ । ଏହାପରେ ନୂତନ ଭାବେ ନିର୍ମିତ ବଳରାମପୁର ଗ୍ରାମପଞ୍ଚାୟତ ଭବନ, ପଞ୍ଚାୟତ ସଭାଗୃହ, କର୍ମଚାରୀ ଭବନ, ମିନି ବ୍ୟାଙ୍କ, ରାଧାକୃଷ୍ଣ ପାଠାଗାର ଗୃହ, ମିଶନ ଶକ୍ତି ଗୃହ, କଲ୍ୟାଣ ମଣ୍ଡପ, ଯାତ୍ରୀ ବିଶ୍ରାମାଗାର ଓ ଉସ୍ତା ଗ୍ରାମରେ ଏକ ବଜାର ଗୃହ ଉଦ୍‌ଘାଟନ କରିଥିଲେ। ବିଡିଓ ସଂଗ୍ରାମ କେଶରୀ ଜେନା,ପୂର୍ବତନ ବ୍ଲକ ଅଧକ୍ଷା ମିନତି ରାଣୀ ସ୍ୱାଇଁ, ଏବିଡିଓ ସୁଶିଲ ପଟ୍ଟନାୟକ,ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ,କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଚନ୍ଦ୍ର ନାୟକ,ସରପଞ୍ଚ ଗୀତାଞ୍ଜଳି ମଲ୍ଲିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ। ଧରାକୋଟ ଅଞ୍ଚଳର ପ୍ରସିଦ୍ଧ କୁଲାଗଡ ଦଣ୍ଡକାଳୀଙ୍କୁ ଦର୍ଶନ କରି ବିଧାୟକ ଫେରିଥିଲେ ।

# ବିକାଶ କାର୍ଯ୍ୟ ଠପ୍, ବିଲ୍ ପାଇଁ ନାକେଦମ ଠିକାଦାର

## ଖଜୁରିପଡ଼ା ବ୍ଲକ୍‌ରେ କର୍ମଚାରୀ ଅଭାବ

ଖଜୁରିପଡ଼ା, ୨।୪ (ବିଦୂର ବେହେରା) ଖଜୁରିପଡ଼ା ବ୍ଲକ୍‌ରେ କର୍ମଚାଟୀ ଅଭାବରୁ ବିକାଶମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଫଳରେ ସାଧାରଣ ଜନତା ଓ ଠିକାଦାରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଜିପିଓ ଚକ୍ରଧର ମହାରଣା କହିଛନ୍ତି, ବ୍ଲକ୍‌ରେ ୧୪ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ରହିବା ଜାଗାରେ ମାତ୍ର ୫ ଜଣ ଅଛନ୍ତି। ଜଣେ ଜେଇ, ଜଣେ ଏଇ, ଜଣେ ଏଇଇ ବ୍ଲକର କାମ ଚାଲିଛି। ବହୁଦିନ ହେବ ଏବିଡିଓ ପଦବୀ ଖାଲିପଡ଼ିଛି। ବ୍ଲକ୍‌ରେ ପିଅନ ଏବଂ ସଫେଇ କର୍ମଚାରୀ ନ ଥିବାରୁ ବ୍ଲକ୍ କାର୍ଯ୍ୟାଳୟ ଭିତରେ ଅଳିଆ ଆବର୍ଜନା ପଡ଼ିରହୁଛି। ବିଶେଷ କରି ଆବଶ୍ୟକୀୟ ଯନ୍ତ୍ରୀ ନ ଥିବା ଯୋଗୁ ବିଭିନ୍ନ କାର୍ଯ୍ୟର ମାପଚୁପ ଓ ବିଲ୍ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ବିଲ୍ ପାଇଁ ଠିକାଦାରମାନେ ମାସ ମାସ ଧରି ବ୍ଲକ୍‌କୁ ଦୌଡ଼ି ନୟାନ୍ତ ହେଉଛନ୍ତି। କାମରେ ବ୍ୟବହୃତ ସାମଗ୍ରୀ ବାକିରେ ଆଣିବା ସହିତ ଶ୍ରମିକ ମଜୁରି ଦେବା ପାଇଁ ଟଙ୍କା ଧାର କରଜ କରି ଶେଷରେ ଠିକ୍ ସମୟରେ ଶୁଝି ନ ପାରି ହଇରାଣ ହେଉଛନ୍ତି। ଅନେକ ସମୟରେ ବିଲ ତ୍ୱରାନ୍ୱିତ ନ ହେବା ଫଳରେ ଗ୍ରାମାଞ୍ଚଳଗୁଡ଼ିକରେ ବିଭିନ୍ନ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହୁଛି। ବ୍ଲକ୍ କାମ କରିବାକୁ ଠିକାଦାରମାନେ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଦୂରଦୂରାନ୍ତରୁ ଅନେକ ଲୋକେ ନିଜର ବ୍ୟକ୍ତିଗତ ତଥା ସରକାରୀ କାର୍ଯ୍ୟ ପାଇଁ ଆସି କର୍ମଚାରୀ ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏନେଇ ବିଡିଓ ଶୁଭ ଦତ୍ତାତ୍ରେୟ ବାହିନୀପତି କହିଛନ୍ତି, କର୍ମଚାରୀ ଯୋଗାଇ ଦେବା ପାଇଁ ଅନେକ ଥର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କେବଳ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ବ୍ଲକ୍‌ରେ ଯେଉଁଭଳି ଭାବେ କର୍ମଚାରୀ ପଦବୀ ଖାଲିପଡ଼ିଛି ସେଥିରେ ଜଣେ ଅଧିକାରୀଙ୍କ ପକ୍ଷେ ସମସ୍ତ କାମ ଠିକ୍ ସମୟରେ ସାରିବା ଅସମ୍ଭବ। ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ। ନଚେତ୍ ବ୍ଲକରେ ବିକାଶ କାର୍ଯ୍ୟ ଧିମେଇ ଯିବାର ଆଶଙ୍କା ରହୁଛି।



# ଆରମ୍ଭ ହେଲା ହିଙ୍ଗୁଳାଙ୍କ ଯଜ୍ଞ ଉତ୍ସବ

## କାଳୀବେଶରେ ଭକ୍ତଙ୍କୁ ଦର୍ଶନଦେଲେ ମା'



କାଳୀ ବେଶରେ ମା' ହିଙ୍ଗୁଳା।



ମା' ହିଙ୍ଗୁଳାଙ୍କ ଯଜ୍ଞ ପାଇଁ ଆୟୋଜିତ କଳସ ଶୋଭାଯାତ୍ରା।

**ରସୁଲପୁର,୨।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଇଅଁପଡ଼ିଆରେ ବିରାଜମାନ ହୋଇଥିବା ମା' ହିଙ୍ଗୁଳାଙ୍କ ୬୭ତମ ଯଜ୍ଞ ଉତ୍ସବ ଗୁରୁବାର ପ୍ରତ୍ୟୁଷରୁ ଆରମ୍ଭ ହୋଇଛି। ମା' ହିଙ୍ଗୁଳା ଭକ୍ତଙ୍କୁ କାଳୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଯଜ୍ଞୋତ୍ସବ ଅବସରରେ ଗାଁରେ ନାନା ପୂଜାବିଧି ପାଳନ କରାଯାଉଛି। ଭୋରୁ ଗାଁ ଦାଣ୍ଡ ପଣାପାଣି ଭଳି ପାରମ୍ପରିକ ଦୃଶ୍ୟରେ ଝଟକୁଛି। ରାତ୍ରି ସମୟରେ ପାକଶାଳା ବନ୍ଦ ରହୁଛି। ଯଜ୍ଞ ଉତ୍ସବ ଅବସରରେ ଘରେ ଆମିଷ ଦ୍ରବ୍ୟକୁ ନିଷେଧ କରାଯାଇଛି। ସକାଳ ଓ ସନ୍ଧ୍ୟାରେ ମା'ଙ୍କ ପୀଠରେ ଭକ୍ତଙ୍କ ଅଜସ୍ର ଭିଡ ଜମୁଛି। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡିକରୁ ମା'ଙ୍କ ପୀଠକୁ ଭକ୍ତଙ୍କ ଧାଡ଼ି ଲମ୍ୱୁଛି।

ଯଜ୍ଞ ଉତ୍ସବ ସକାଶେ ବୁଧବାର ରାତିରେ ନିକଟ ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସକୁ ଏକ ପଟୁଆରରେ ବାଜା, ବାଣ, ଭଜନକୀର୍ତ୍ତନର ତାଳେତାଳେ ମା'ଙ୍କ ପୀଠରେ ପହଞ୍ଚାଯାଇଥିଲା। କୈଳାସ ଖୁଣ୍ଟିଆ, ତାଙ୍କ ଧର୍ମପତ୍ନୀ ସାବିତ୍ରୀ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଣ୍ଡିତ କେଶବ ରଥଙ୍କ ନେତୃତ୍ୱରେ ୫ଜଣ ବ୍ରାହ୍ମଣ କଳସ ପୂଜାର୍ଚ୍ଚନା କରିବା ପରେ ତାହାକୁ ମଣ୍ଡପ ଉପରେ ବିରାଜମାନ କରାଇଥିଲେ। ବୁଧବାର କୁଣ୍ଡମଣ୍ଡଳ ସ୍ଥାପନ, ଯଜ୍ଞକୁଣ୍ଡ ଶୁଦ୍ଧିକରଣ କାର୍ଯ୍ୟ କରାଯାଇଥିଲା। ଯଜ୍ଞଉତ୍ସବର ପ୍ରଥମ ଦିବସରେ ମା'ଙ୍କ ନିକଟରେ ପାରମ୍ପାରିକ ଷୋଡ଼ଶ ଉପଚାର ପୂଜା କରାଯିବା ସହ ମା'ଙ୍କୁ ବଡ଼ସିଂହାର ବେଶରେ ଭୁଷିତ କରାଯାଇ ଭୋଗନୈବେଦ୍ୟ ଆଦି ଅର୍ପଣ କରାଯାଇଥିଲା। ପରେ ଯଜ୍ଞମଣ୍ଡପରେ ଅଗ୍ନି ସଂଯୋଗ କରାଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ପୀଠର ପୁରୋହିତ ଦିଲୀପ ପତି, ପୂର୍ଣ୍ଣଚନ୍ଦ୍ର ପତି ମା'ଙ୍କୁ କାଳୀ ବେଶରେ ଭୂଷିତ କରି ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ମା'ଙ୍କ ଏହି ଦୁଲର୍ଭ ବେଶ ଦର୍ଶନ ପାଇଁ ସନ୍ଧ୍ୟାରେ ୫୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଭାବରେ ଯାତ୍ରା ପରିବେଷଣ କରାଯାଇଥିଲା। ଯାତ୍ରା ପଡ଼ିଆରେ ମିନାବଜାର ସହ ବିଭିନ୍ନ ପ୍ରକାରର ଦୋଳି ପଡ଼ିଛି। ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ ମିନାବଜାର ବୁଲି ସାମଗ୍ରୀ କିଣାକିଣି କରିଥିଲେ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାରେ ମା' ହିଙ୍ଗୁଳା ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଭୋଟକା, ରସୁଲପୁର, ରାହାମ୍ଭା, ବେରୁଦା, ବାହାଦଲାପୁର, ଗନ୍ଧଣ, ତଣ୍ଡରା, ମଲପଡା ଆଦି ପଞ୍ଚାୟତର ୨୯ଖଣ୍ଡ ସହଯୋଗୀ ଗ୍ରାମର ମୁରବୀ, ଯୁବକ ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କ ସକାଶେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଢ଼ା ପରିକ୍ରମା ସକାଶେ କମିଟି ପକ୍ଷରୁ ସୁ-ବନ୍ଦୋବସ୍ତ କରାଯାଇଛି ବୋଲି କମିଟି ସଭାପତି ଅଶ୍ୱିନୀ ଦାସ, ସମ୍ପାଦକ ଧନେଶ୍ୱର ସାହୁ ସୂଚନା ଦେଇଛନ୍ତି।

# ଯାଜପୁର ଆର୍‌ଟିଓ ପକ୍ଷରୁ ଗାଡ଼ି ଯାଞ୍ଚ



**କଳିଙ୍ଗନଗର,୨।୪(ଶୁଭାଶିଷ ରାଉତ):**

ଯାଜପୁର ଆର୍‌ଟିଓ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳେ ଯାଜପୁର ରୋଡ୍ ଶଙ୍ଖଚିଲା ମଧ୍ୟରେ ଗାଡ଼ି ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବାକୁ ବାଇକ୍ ଆରୋହୀଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଗାଡ଼ି ଚାଳନା ସମୟରେ ନିଶାସେବନ ନ କରିବା ପାଇଁ ସଚେତନ କରାଯାଇଛି। ଯାଞ୍ଚବେଳେ ବେପରୁଆ ଗାଡ଼ିଚାଳନା, ବିନା ହେଲମେଟରେ ବାଇକ୍ ଚାଳନା, ମଦ୍ୟପାନ କରି ଗାଡ଼ି ଚାଳନା, ଲାଇସେନ୍ସ ନ ଥାଇ ଗାଡ଼ି ଚାଳନା ଓ ଫିଟନେସ ନ ଥାଇ ଚାଲିଥିବା ମୋଟ୍ ୩୨ ଗାଡ଼ିରୁ ପ୍ରାୟ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆସିଷ୍ଟାଣ୍ଟ ଏମ୍‌ଭିଆଇ ପ୍ରଦୀପ୍ତ କିଶୋର ବେହେରା ସୂଚନା ଦେଇଛନ୍ତି। ଏହି ଯାଞ୍ଚରେ ଜୁନିୟର ଏମ୍‌ଭିଆଇ ପ୍ରତିଶ୍ରୁତି ମଲ୍ଲିକ ଓ ଏଟିଏସଆଇ ରାଜେଶ ମଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ। ବ୍ୟାସନଗର ଅଞ୍ଚଳରେ ଦୈନିକ ବେପରୁଆ ଗାଡ଼ିଚାଳନା ଯୋଗୁ ଦୁର୍ଘଟଣା ବଢୁଥିବାରୁ ଯାଜପୁର ଆର୍‌ଟିଓ ଅଧିକାରୀଙ୍କ ଏଭଳି ଯାଞ୍ଚକୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି।

# ୧୯୮୪ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁ ମିଳନରେ ସାମିଲ ବାଣୀପୀଠ ୧୯୮୪ ମାଟ୍ରିକ ବ୍ୟାଚ ଶିକ୍ଷାର୍ଥୀ ଓ ଅନ୍ୟମାନେ।

**କାଏମା,୨।୪(ଶିବ ପ୍ରସାଦ ମହାନ୍ତି):**

ଧର୍ମଶାଳା ବାଣୀପୀଠ ୧୯୮୪ ମାଟ୍ରିକ ବ୍ୟାଚ ଶିକ୍ଷାର୍ଥୀଙ୍କ ଏକ ବନ୍ଧୁ ମିଳନ ଜାରକା ଶାନ୍ତିବଜାର ସ୍ଥିତ ସମ୍ରାଟ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଶିକ୍ଷକ ସୁକଦେବା ପତି, ଅନିଶୁର ରହେମନ, ଶିକ୍ଷୟିତ୍ରୀ ଇନ୍ଦିରା ଦାସ ଉପସ୍ଥିତ ରହି ସେ ସମୟର ଶିକ୍ଷକତା ଜୀବନର ଅନୁଭୂତି ବଖାଣିଥିଲେ। ଶିକ୍ଷାର୍ଥୀ ସୁଦିପ୍ତ ସ୍ୱାଇଁ, ପ୍ରମୋଦ ଦାସ, ପ୍ରଫୁଲ୍ଲ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏହି ବ୍ୟାଚ୍‌ର ଶିକ୍ଷାର୍ଥୀ ସୁବାସ ଦାସ, ଅଭିମନ୍ୟୁ ବିଶ୍ୱାଳ, ସେକ୍ ହାଫିଜ, ପ୍ରତିମା ଦାସ, ସେକ୍ ଜାଫର, ଅକ୍ଷୟ ମଲ୍ଲିକ, ରମାକାନ୍ତ ମୁଦୁଲି, ବିନାୟକ ସାମଲ, ନନ୍ଦକିଶୋର ମହାନ୍ତି, ବାଇଧର ମଲ୍ଲିକ, ଚମ୍ପାବତି ସାମଲ, ସଞ୍ଜୀବ ସାମନ୍ତରାୟ, ପ୍ରଦ୍ୟୁମ୍ନ ନାୟକ, ଅରୁଣ ଜେନା, ସାଇସ୍ତା ଜମାଲ, ମଞ୍ଜୁ ମହାନ୍ତି, ବିଷ୍ଣୁ ଜେନା, ବିଚିତ୍ରା ନନ୍ଦ ସାହୁ, ରତ୍ନାକର ବେହେରା, ଦିଲୀପ ମହାଳିକ, ଧୀରେନ୍ଦ୍ର ରାଉତ, ସଞ୍ଜୟ ଦାସ, ଅଶୋକ ଖୁଣ୍ଟିଆ, ସୁଦାମ ମହାନ୍ତି, ଆଦିକନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ।

# ମୋ ପୋଷାକ, ମୋ ପରିଚୟ କାର୍ଯ୍ୟକ୍ରମ

**ବ୍ୟାସନଗର,୨।୪ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗୁରୁବାର ମୋ ପୋଷାକ, ମୋ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟି ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଭାତ ସ୍ୱାଇଁ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡ଼ିଶାର ପାରମ୍ପରିକ ବସ୍ତ୍ର ସମ୍ବନ୍ଧରେ ସଚେତନତାର ବାର୍ତ୍ତା ଦେବାପାଇଁ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଓଡ଼ିଆ ପାରମ୍ପରିକ ବସ୍ତ୍ର ପରିଧାନ କରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ଚିତ୍ରୋତ୍ତଳନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ବବ୍ରୁବାହନ ଜେନା, ବ୍ରଜକିଶୋର ମିଶ୍ର, ଅଜୟ ମହାକୁଡ଼, ମୁଖ୍ୟ ଲିପିକ ଶରତ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସନାତନ ଦାସ ଧନ୍ୟବାଦ ଦେଇଥିଲେ।



ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୋ ପୋଷାକ, ମୋ ପରିଚୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ।

# ଚଣ୍ଡିଖୋଲ ଏନ୍‌ଏସି ପାଇଁ ଜନଗଣନା ଆରମ୍ଭ

**ଚଣ୍ଡିଖୋଲ/ବଡ଼ଚଣା,୨।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ନୂତନଭାବେ ଘୋଷଣା ହୋଇଥିବା ଚଣ୍ଡିଖୋଲ ଏନ୍‌ଏସି ପାଇଁ ବଡ଼ଚଣା ବ୍ଲକ ପରିସରରେ ଜନଗଣନାର ଶୁଭାରମ୍ଭ ହୋଇଛି। ଏନ୍‌ଏସି ପକ୍ଷରୁ ପ୍ରଥମ ନାଗରିକଭାବେ ୧୧ ନମ୍ବର ୱାର୍ଡର ପ୍ରମୋଦ ଜେନାଙ୍କୁ ପଞ୍ଜୀକୃତ କରାଯାଇଛି। ଏଥିରେ ବଡ଼ଚଣା ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ଏନ୍‌ଏସି ଅଧିକାରୀ ରବୀନ୍ଦ୍ର ନାଥ ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ଗୋଲାପ ଫୁଲ ପ୍ରଦାନ କରି ସ୍ୱାଗତ କରିଥିଲେ। ଜନଗଣନା ଅଧିକାରୀ ମାନସ ରଞ୍ଜନ ଦାଶ, ସୁବର୍ଣ୍ଣ କେଶରୀ ମିଶ୍ର ସମସ୍ତଙ୍କ ନାମ ଓ ତଥ୍ୟ ଜନଗଣନାରେ ପଞ୍ଜୀକରଣ କରିଥିଲେ। ସମରେନ୍ଦ୍ର ମହାଲା, ତାପସ ମିଶ୍ର, ଦିଗାମ୍ବର ମହାପାତ୍ର, ବିମଳ ବେହେରା, ମନୋଜ ପଣ୍ଡା, ସୁବ୍ରତ ନାୟକ, ଶ୍ରୀକାନ୍ତ ବେହେରା, ଗୌତମ ମୁଖି ପ୍ରମୁଖ ଯୋଗଦେଇ ଜନଗଣନାରେ ନିଜର ନାମ ପଞ୍ଜୀକରଣ କରିଥିଲେ।

**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka

# ଭାଜପା ଯୁବ ସଂଗଠକଙ୍କୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା



**କାଏମା,୨।୪(ଶିବ ପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ଯୁବ ସଂଗଠକ ଗୌତମ କୁମାର ସାହୁଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିସହିତ ତାଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଛି। ଏନେଇ ସେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରି ଗ୍ରାମର ଗୌତମ ତାଙ୍କ ଓଡି୨୯ଆର୍ ୫୦୦୫ କାର୍‌ରେ ଜାରକାରୁ ପନ୍ତୁରି ଗ୍ରାମକୁ ଯାଉଥିଲେ। ନାକପୋଲ ବଙ୍ଗାଳୀ ସାହି ନିକଟରେ ୬ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ୩ଜଣ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ଏକ ପୋଲ ନିକଟରେ ଅଟକାଇ ତାଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ପାଖରେ ଥିବା ଟଙ୍କା ଲୁଟ କରି ଫେରାର ହୋଇ ଯାଇଥିଲେ ବୋଲି ଗୌତମ ଅଭିଯୋଗରେ ଦର୍ଶାଇଛନ୍ତି।

# ଦର୍ପଣ ତହସିଲର ୬ କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ଆଦାୟ

**ବଡ଼ଚଣା,୨।୪(ଦିଲୀପ କୁମାର ମହାନ୍ତି):**

ଯାଜପୁର ଜିଲା ବଡ଼ଚଣା ବ୍ଲକ୍‌ର ଦର୍ପଣ ତହସିଲ କାର୍ଯ୍ୟାଳୟ ୧୬ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ଚଳିତ ବର୍ଷ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ଆଦାୟ କରିଛି। ଏହି ତସିହଲ କାର୍ଯ୍ୟାଳୟ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ଆଦାୟ କରି ରାଜ୍ୟ ସରକାର ଦେଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିଛି। ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆର୍ଥିକ ବର୍ଷ ୨୦୨୫-୨୬ରେ ଖଜଣା, ପଥ କର, ଜଳକରରେ ୯୭ ଲକ୍ଷ ୩୬ ହଜାର ୭୪ ଟଙ୍କା ଆଦାୟ କରାଯାଇଛି। ଜମିଜମା କିସମ ପରିବର୍ତ୍ତନରେ ୩୨ ଲକ୍ଷ ୪୬ ହଜାର ୭୨୦ ଟଙ୍କା ଇ-ଚାଲାଣ ଦ୍ୱାରା ଆଦାୟ ହୋଇଛି। ସରକାରଙ୍କ ବିଭିନ୍ନ ବିଭାଗରୁ ୪ କୋଟି ୯୪ ଲକ୍ଷ ୮୬ ହଜାର ୭୯୬ ଟଙ୍କା ଆଦାୟ କରାଯାଇଛି। ଇ-ଚାଲାଣ ମାଧ୍ୟମରେ ଖଜଣା ଓ ଜଳ କର, ପଥ କରରେ ଜିଲାର ସବୁ ତହସିଲ ମିଶି ୧ କୋଟି ୭୪ ଲକ୍ଷ ୧୩ ହଜାର ୫୧୧ ଟଙ୍କା ଆଦାୟ କରିଥିବା ବେଳେ କେବଳ ଦର୍ପଣ ତହସିଲଦାର ୪୯ ଲକ୍ଷ ୬୫ ହଜାର ୯୧୧ ଟଙ୍କା ଆଦାୟ କରି ରିପୋର୍ଟ ଲେଖା ହେଲାବେଳକୁ ଜିଲାରେ ପ୍ରଥମ ସ୍ଥାନ ହାସଲ କରିଛି। ୨୦୨୪-୨୫ରେ ୫ କୋଟି ୬୩ ଲକ୍ଷ ୨୬ ହଜାର ୩୫୭ ଟଙ୍କା ଆଦାୟ ହୋଇଥିଲା। ଚଳିତ ବର୍ଷ ୨୦୨୫-୨୬ରେ ୬ କୋଟି ୮୦ ଲକ୍ଷ ୬୯ ହଜାର ୬୮ ଟଙ୍କା ଆଦାୟ କରାଯାଇଛି। ବଡ଼ଚଣା ରାଜସ୍ୱ ନିରୀକ୍ଷକ ବିରଜା ପ୍ରସାଦ ରାୟ ୧୨ ଲକ୍ଷ ୭ ହଜାର ୨୨୮ ଟଙ୍କା ଆଦାୟ କରି ଦର୍ପଣ ତହସିଲରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏଥିରେ ୨ ରାଜସ୍ୱ ପରିଦର୍ଶକ ସହଯୋଗ କରିଥିଲେ। ଏହି ସଫଳତା ପାଇଁ ବଡ଼ଚଣାର ଜନତା, ୧୬ ରାଜସ୍ୱ ନିରୀକ୍ଷକ, ସହ କର୍ମଚାରୀ ଏବଂ ତହସିଲରେ କାର୍ଯ୍ୟରତ କର୍ମଚାରୀଙ୍କୁ ତହସିଲଦାର ତ୍ରିପାଠୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ

**ଦଶରଥପୁର,୨।୪ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ମଙ୍ଗଳପୁର ସେଣ୍ଟ୍ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲା ଲ୍ୟାଣ୍ଡ ସେଟେଲମେଣ୍ଟ କମିଶନର ଅକ୍ଷୟ କୁମାର ମଲ୍ଲିକ, ମୁଖ୍ୟବକ୍ତାଭାବେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ, ସମ୍ମାନିତ ଅତିଥିଭାବେ ଦଶରଥପୁର ବିଇଓ ଶାନ୍ତନୁ କୁମାର ମଲ୍ଲିକ, ସୁବ୍ରତ ଆଇଟିଆଇ ଅଧ୍ୟକ୍ଷ ସୀତାକାନ୍ତ ଓଝା




ସେଣ୍ଟ୍ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ରଚିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଦୀପାଞ୍ଜଳି ବାରିକ ଓ ସଂଘମିତ୍ରା ଧଳ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ପାତ୍ର, ଗିରିଜା ମିଶ୍ର, ବିଶ୍ୱଜିତ ବେହୁରିଆ, ଅକ୍ଷତା ମହାନ୍ତି, ପ୍ରଜ୍ଞାପରମିତା ଜେନା, ସ୍ମିତା ନାୟକ, ଅପରାଜିତା ଭୋଇ, ସଂଗୀତା ଦାଶ, ନୀଳିମା ପଲାଇ, କାହ୍ନୁଚରଣ ମିଶ୍ର, ଶୈଳେଶ ମହାପାତ୍ର, ସୁରେଶ ବେହେରା ଓ ଭାଗ୍ୟଶ୍ରୀ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई०–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | *RWD/ CHAIBASA/ 05/2023-24* | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | *30208200* | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ



ଜିଲା ମହୋତ୍ସବରେ ମଞ୍ଚାସୀନ ଅତିଥି।

## ଜିଲା ମହୋତ୍ସବ 'କଲ୍ଲୋଳ'ର ୨ୟ ସନ୍ଧ୍ୟା

ଜଗତ୍‌ସିଂହପୁର, ୨।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ମହାନ୍। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ଏହି ଅଞ୍ଚଳର ଏକ ଅଂଶ ଆଇଓସିଏଲ୍ ହୋଇଥିବାରୁ ଅତ୍ୟନ୍ତ ଗର୍ବର କଥା। ଜିଲା ତଥା ରାଜ୍ୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଆଇଓସିଏଲ୍ ପ୍ରତିଶ୍ରୁତିବଦ୍ଧ। ଗୁରୁବାର ଜିଲା ମହୋତ୍ସବ କଲ୍ଲୋଳର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇ ଆଇଓସିଏଲ୍ ପାରାଦୀପ ବିଶୋଧନାଗାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ଏହା କହିଛନ୍ତି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମହୋତ୍ସବରେ ସେ କହିଛନ୍ତି, ଆଇଓସିଏଲ୍ ପାରାଦୀପର ନିକଟବର୍ତ୍ତୀ ଗାଁର ଲୋକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଚେଷ୍ଟିତ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ଯନ୍ତ୍ରପାତି ଆଦି ଯୋଗାଯାଇ ସହଯୋଗର ହାତ ଜିଲାର ୨୯ ବିଦ୍ୟାଳୟର ୪୮ ସ୍ମାର୍ଟ କ୍ଲାସରୁମ୍ ପାଇଁ ସହାୟତା ଯୋଗାଇ ଦିଆଯାଇଛି। ରାଜ୍ୟର ଅନୁସୂଚିତ ଜନଜାତି ଅଞ୍ଚଳ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଉଦ୍ୟମ କରାଯାଉଛି। ସୋଲାର ଷ୍ଟ୍ରିଟ୍ ଲାଇଟ୍, ପାନୀୟ ଜଳ ଓ ଇ ରିକ୍ସା ଯୋଗାଇଦେବା କ୍ଷେତ୍ରରେ ସହଯୋଗ ରହିଥିବା ବସୁ କହିଛନ୍ତି। ଜଗତ୍‌ସିଂହପୁର ଜିଲା ପରିଷଦ ମୁଖ୍ୟ ବିକାଶ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାର ସାଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ କଲ୍ଲୋଳ ଆୟୋଜନ ହେଉଥିବା କହିଥିଲେ। ଏଥିସହ ଅନ୍ୟ ଜିଲା ପରି ଜଗତ୍‌ସିଂହପୁରରେ ପଲ୍ଲିଶ୍ରୀ ମେଳା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବାର ଦ୍ୱାରା ଭଲ ଉତ୍ପାଦ ଷ୍ଟଲଗୁଡ଼ିକରେ ବିକ୍ରି ହେଉଥିବାରୁ ପ୍ରତ୍ୟେକ କିଣିବା ପାଇଁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ଉତ୍ସବରେ ପୌରୋହିତ୍ୟ କରି କଲ୍ଲୋଳ ଜିଲାର ଅସ୍ମିତା ବୋଲି କହିବା ସହ ମହୋତ୍ସବକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲାର ସଂସ୍କୃତି, ସାହିତ୍ୟ ଓ ପରମ୍ପରା ଆଦିକୁ ଗୋଟିଏ ପ୍ଲାଟଫର୍ମରେ ଦେଖିବା ପାଇଁ ଏହି ମହୋତ୍ସବ ସୁଯୋଗ ଦେଇଛି। ଓଡ଼ିଶାର ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନା କ୍ଷେତ୍ରରେ ଜିଲାର ସୁନାମ ରହିଛି। ମା' ଶାରଳାଙ୍କ ଏହି ପବିତ୍ର ମାଟି ଅନେକ ବରପୁତ୍ରଙ୍କୁ ଜନ୍ମ ଦେଇଛି। ତେଣୁ ଆମର ଇତିହାସକୁ ମନେପକାଇ ପରବର୍ତ୍ତୀ ପିଢ଼ିଙ୍କୁ ଏ ସମ୍ପର୍କରେ ଜଣାଇବା ପାଇଁ ପ୍ରତ୍ୟେକ ଆଗେଇ ଆସିବା ଉଚିତ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଦିଲୀପ ଜେନା ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ଏବଂ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ବିଧାୟକଙ୍କ ନାଁ ଭୁଲିଗଲେ ଏମ୍‌ପି

ଜଗତ୍‌ସିଂହପୁର, ୨।୪ (ପ୍ରମୋଦ କୁମାର ନାୟକ)

ବୁଧବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା ଦିବସ ଓ ଜିଲା ମହୋତ୍ସବ କଲ୍ଲୋଳ। ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ କେତେକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥିଲା। ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଉପସ୍ଥିତ ଅତିଥିମାନଙ୍କୁ ସମ୍ବୋଧନ କଲାବେଳେ ହଠାତ୍ ଏଭଳି କିଛି କହି ଦେଇଥିଲେ, ଯାହା ଶୁଣି ଉପସ୍ଥିତ ଲୋକେ ବିସ୍ମିତ ହୋଇଯାଇଥିଲେ। ଏମ୍‌ପି ତରାଇ ମଞ୍ଚାସୀନ ସମ୍ମାନିତ ଅତିଥି ତଥା ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ନାଁ ଉଚ୍ଚାରଣ ବେଳେ ସାରଦା ପ୍ରସନ୍ନ ସ୍ୱାଇଁ କହିବା ନିଆରା ପରିବେଶ ସୃଷ୍ଟି କରିଥିଲା। ଜେନା ଜଗତ୍‌ସିଂହପୁର ଜିଲାର ଜଣେ ଜଣାଶୁଣା ରାଜନେତା ଭାବେ ପରିଚିତ। ଏମ୍‌ପି ତରାଇ ମଧ୍ୟ ଜଗତ୍‌ସିଂହପୁର ଜିଲାର ବାସିନ୍ଦା। ଏମ୍‌ପି ତରାଇ ଭାଜପା ଓ ଜେନା ବିଜେଡିର ନେତା ହୋଇଥିଲେ ସୁଦ୍ଧା ଉଭୟ ପରସ୍ପରକୁ ଜାଣିଥିଲେ ମଧ୍ୟ କେଉଁ କାରଣରୁ ଏଭଳି ତ୍ରୁଟି ହେଲା ସେନେଇ ନାନା କଥା ଚର୍ଚ୍ଚା ଚାଲିଛି।

### ମଞ୍ଚରେ ଜିଲାର ବିକାଶ ଚିତ୍ର, ଚେୟାର ଫାଙ୍କା

ଓଡ଼ିଶା ଦିବସ ଓ ଜିଲା ମହୋତ୍ସବ କଲ୍ଲୋଳର ଦ୍ୱିତୀୟ ସନ୍ଧ୍ୟା ମଞ୍ଚରେ ଜିଲାର ବିକାଶ ଚିତ୍ର ପ୍ରତିଫଳିତ ହୋଇଥିବାବେଳେ ତଳେ ଚେୟାର ଫାଙ୍କା ପଡ଼ିବା ନିଆରା ବାର୍ତ୍ତା ଦେଇଛି। ଉଦ୍‌ଘାଟନୀ ଦିବସରେ ବହୁ ସଂଖ୍ୟକ ଅତିଥି ହୋଇ ଯାଇଥିବାରୁ ସଭା ସରିବାରେ ବିଳମ୍ବ ହୋଇଥିଲା। ଏହି କାରଣରୁ ଅପରାହ୍ନରୁ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ଓ ଅନ୍ୟମାନେ ସଭା ସରିବା ପୂର୍ବରୁ ପଳାଇ ଯାଇଥିଲେ। କେବଳ ଏତିକି ନୁହେଁ, ରାଜନଗର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଭରଦରାଜ ରାଓଁକର ଏବଂ ଜଗତ୍‌ସିଂହପୁର ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲେ ସୁଦ୍ଧା କୌଣସି କାରଣବଶତଃ ସେମାନେ ଉପସ୍ଥିତ ରହିପାରି ନ ଥିଲେ।

## ମା' କୁତାମଚଣ୍ଡୀଙ୍କ ଝାମୁଯାତ୍ରା



ନାଉଗାଁ, ୨।୪ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତ ଅଧୀନ ଦେବୀଦୋଳସ୍ଥିତ ପ୍ରାଚୀନ ମା'କୁତାମଚଣ୍ଡୀଙ୍କ ପୀଠରେ ପ୍ରସିଦ୍ଧ ଝାମୁଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମା'ଙ୍କ ମନ୍ଦିରକୁ ରଙ୍ଗବେରଙ୍ଗର ପୁଷ୍ପ ଓ ଆଲୋକମାଳରେ ସଜ୍ଜିତ କରାଯାଇଛି। ପ୍ରାତଃ ସମୟରୁ ମା'ଙ୍କ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୀଠରେ ପୁରାତନ କାଳରୁ କାଳିଶି ପ୍ରଥା ରହିଆସିଛି। ମା'ଙ୍କ କାଳିଶି ଭାବେ ରବୀନ୍ଦ୍ର ରାଉଳ ନୀତି ନିୟମାନୁସାରେ ମା'ଙ୍କ ଆଶୀର୍ବାଦ ଭିକ୍ଷା କରି ଖାଲିପାଦରେ ନିଆଁ ଉପରେ ଚାଲିବା ଦୃଶ୍ୟ ସମସ୍ତ ଶ୍ରଦ୍ଧାଳୁଙ୍କୁ ଚକିତ କରିଛି। ଏହି ଦୃଶ୍ୟ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଝାମୁଯାତ୍ରାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରୁ ଉଠା ଦୋକାନୀମାନେ ବିଭିନ୍ନ ପ୍ରକାର ଦୋକାନ ପକାଇଛନ୍ତି। ଏନେଇ ବିଭିନ୍ନ ଚଟ୍‌ପଟି ଖାଦ୍ୟ, ଘରକରଣା ସାମଗ୍ରୀ ଦୋକାନ ନିକଟରେ ଜନଗହଳି ହେଉଛି। କାର୍ଯ୍ୟକ୍ରମରେ ପୂଜକଭାବେ ବସନ୍ତ କୁମାର ପାଢ଼ୀ, ସୁଶୀଲ କୁମାର ପାଢ଼ୀ, ଉପେନ୍ଦ୍ର ପାଢ଼ୀ, ଚିତ୍ତରଞ୍ଜନ ପାଢ଼ୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ନାଉଗାଁରେ ସାରା ଓଡ଼ିଶା ପ୍ରତିବାଦ ଦିବସ ପାଳନ




ନାଉଗାଁ, ୨।୪ (ସୁଧା ବେହୁରା)

ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚ ଉପସଭାପତି ତଥା ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ(ଏଆଇକେକେଏମ୍‌ଏସ୍)ର ସର୍ବଭାରତୀୟ ନେତା ପ୍ରକାଶ ମଲ୍ଲିକଙ୍କୁ ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବେ ଗିରଫ କରାଯାଇଥିବା ଅଭିଯୋଗ କରି ଏଆଇକେକେଏମ୍‌ଏସ୍‌ର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏନେଇ ଏପ୍ରିଲ ୨ରେ ସାରା ଓଡ଼ିଶାରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକ ଅନ୍ତର୍ଗତ ମୁଣ୍ଡାଳ-କଣ୍ଟୁଣିଆ ସଂଯୋଗ ରାସ୍ତାର ଓରଣ୍ଡ ଛକରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏଆଇକେକେଏମ୍‌ଏସ୍‌ର ଜଗତସିଂହପୁର ଜିଲା ସଙ୍ଗଠକ ମହେଶ୍ୱର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକ କମିଟି ସଭାପତି ବସନ୍ତ ମଲ୍ଲିକ, ପୂର୍ଣ୍ଣିମା ଦାସ, ସୁର୍ଣ୍ଣଲତା କାଣ୍ଡୀ, ରଶ୍ମିରେଖା ନାୟକ ପ୍ରମୁଖ ସାମିଲ ହୋଇ ଅବିଳମ୍ବେ ବିନା ସର୍ତ୍ତରେ ପ୍ରକାଶ ମଲ୍ଲିକଙ୍କୁ ଖଲାସ କରାନଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

କୁଜଙ୍ଗ, ୨।୪ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ମହାସାହିସ୍ଥିତ ଅନନ୍ତ ହରି କ୍ଷେତ୍ର ଶ୍ରୀଜଗନ୍ନାଥ ଜୀଉ ବଡ଼ମଠରେ ଗୁରୁବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକର ତାରିଣୀ ସୁପ୍ରେଶିଆଲିଟି ହସ୍ପିଟାଲ ଓ ମଠ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚିକିତ୍ସା ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅସ୍ତ୍ରୋପଚାର ନିମନ୍ତେ କଟକ ନିଆଯାଇଛି। ଏହି ଅବସରରେ ରଜନୀ ଦେବୀ ଜରାଶ୍ରମର ଅନ୍ତେବାସୀ ଏବଂ ଅଞ୍ଚଳର କିଛି ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବଡ଼ମଠ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ବଲ୍ଲଭ ଚରଣ ପାଣି, ବିଶ୍ୱନାଥ ପାଣି, ସାମାଜିକ କର୍ମୀ ପ୍ରଶାନ୍ତ ମହାପାତ୍ର, କିଶୋର କୁମାର ଶତପଥୀ, ମଞ୍ଜୁଲତା ରାଉତ, ଗୋଲେଖ ଚନ୍ଦ୍ର ବେହେରା, କେଶବ ଚନ୍ଦ୍ର ବେହେରା, ଯୋଗଗୁରୁ ତାପସ ରଞ୍ଜନ ପତି, ସାମାଜିକ କର୍ମୀ ମମତା ସ୍ୱାଇଁ, ଖବରଦାତା ବିଭୂତି ଭୂଷଣ ଦାସ, ଦୁଷ୍ମନ୍ତ ମାଝୀ, ଦେବାଶିଷ ଅକ୍ଷୟ ମହାନ୍ତି , ମାନସ ମହାନ୍ତି, ଶ୍ରୀକାନ୍ତ ଦାସ, ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସ୍ୱଗଣନା ପୋର୍ଟାଲରେ ବିଶିଷ୍ଟ ନାଗରିକଙ୍କ ତଥ୍ୟ ପ୍ରଦାନ

ନାଉଗାଁ, ୨।୪ (ସୁଧା ବେହୁରା)



ନାଉଗାଁ ବ୍ଲକରେ ୧ ଏପ୍ରିଲରୁ ସ୍ୱଗଣନା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିବସରେ ବିଶିଷ୍ଟ ନାଗରିକମାନେ ସ୍ୱଗଣନା ପୋର୍ଟାଲରେ ବିଭିନ୍ନ ପ୍ରଶ୍ନାନୁଯାୟୀ ତଥ୍ୟ ପ୍ରଦାନ କରିଛନ୍ତି। ବ୍ଲକର ବିଶିଷ୍ଟ ନାଗରିକଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ କୁହୁକିନୀ ରାଉତରାୟ, ଆଇନଜୀବୀ ଗୌରୀଶଙ୍କର ସେଠୀ, ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅଶୋକ କୁମାର ସାହୁ ପ୍ରମୁଖ ମୋବାଇଲ ଆପ୍ ମାଧ୍ୟମରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦେଇ ନିଜେ ନିଜର ତଥ୍ୟ ସ୍ୱଗଣନା ପୋର୍ଟାଲରେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନଗଣନାର କ୍ଷେତ୍ର ପ୍ରଶିକ୍ଷକ ସୁପରଭାଇଜର, ଜନଗଣନାକାରୀମାନେ ସହଯୋଗ କରୁଥିବାବେଳେ ତହସିଲଦାର ଅକ୍ଷୟ କୁମାର ବଡୁ ଓ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡା ସହାୟତା କରିଥିଲେ।

## ପାଟକୁରା ଲୋକନାଥ ମହାବିଦ୍ୟାଳୟରେ ଓଡ଼ିଶା ଦିବସ

ପାଟକୁରା, ୨।୪ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ଲୋକନାଥ ମହାବିଦ୍ୟାଳୟ, କୋରୁଆରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ବିଜୟ କୁମାର ନାୟକ ସଭାପତିତ୍ୱ କରିଥିଲେ। ୧୯୩୬ ଏପ୍ରିଲ ୧ରେ ଓଡ଼ିଶା ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଭାବେ ମାନ୍ୟତା ପାଇଥିଲା। ଏଥିପାଇଁ ଯେଉଁ ମହାମନୀଷୀମାନେ ଅକ୍ଳାନ୍ତ ପରିଶ୍ରମ ଓ ତ୍ୟାଗ ସ୍ୱୀକାର କରିଥିଲେ, ସେମାନେ ଚିର ନମସ୍ୟ ବୋଲି ଅଧ୍ୟକ୍ଷ ନାୟକ କହିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ନିରୋଦ ଦାଶ, ଅଧ୍ୟାପିକା ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଅଧ୍ୟାପକ ରମେଶ ଚନ୍ଦ୍ର ମହାନ୍ତି, ଅଧ୍ୟାପକ ତୁଷାର କାନ୍ତ ପରିଡା, ଅଧ୍ୟାପକ ସୁରେନ୍ଦ୍ର ମହାରଣା ପ୍ରମୁଖ ମଞ୍ଚାସୀନ ରହି ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏଥିପାଇଁ ତ୍ୟାଗ ସ୍ୱୀକାର କରିଥିବା ମହାନ ନେତୃମଣ୍ଡଳୀଙ୍କ ସ୍ମୃତି ଚାରଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀମାନେ ଓଡ଼ିଶା ଦିବସ ସମାବେଶରେ ଉପସ୍ଥିତ ରହିଥିଲେ। ମହାମନୀଷୀଙ୍କ ସ୍ମାରକୀ ସ୍ତମ୍ଭରେ ଥିବା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ବିଦ୍ୟାର୍ଥୀ ଓ ଅଧ୍ୟାପିକାଅଧ୍ୟାପକମାନେ ମହାନ ରାଷ୍ଟ୍ର ନେତାଙ୍କୁ ସମ୍ମାନ ଜଣାଇଥିଲେ।



ରାଷ୍ଟ୍ରନେତାଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ମାନ ଜଣାଉଛନ୍ତି ବିଦ୍ୟାର୍ଥୀ, ଅଧ୍ୟାପିକାଅଧ୍ୟାପକ।

## ଓଡ଼ିଶା ଦିବସ ପାଳିତ

ପାରାଦୀପ, ୨।୪ (ଶରତ ରାଉତ)

ଆଇଓସିଏଲ୍ ତୈଳ ବିଶୋଧନାଗାର ପକ୍ଷରୁ ବୁଧବାର ସନ୍ଧ୍ୟାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତୈଳବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଓଡ଼ିଶାର ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ପରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ନେଇ ଓଡିଆ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ପାରାଦୀପ ପୌରପାଳିକା ପକ୍ଷରୁ ଓଡିଶା ଦିବସ ପାଳନ କରାଯିବା ସହ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ,ଉପାଧ୍ୟକ୍ଷା ଛବିଲତା ରାଉତ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ପରଲୋକ

କୁଜଙ୍ଗ, ୨।୪ (ମନୋଜ ପ୍ରଧାନ)



କୁଜଙ୍ଗ ପାରାଦୀପର ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ(୬୭)ଙ୍କ ଗୁରୁବାର ପୂର୍ବାହ୍ନରେ ହୃଦ୍‌ଘାତରେ ପରଲୋକ ଘଟିଛି। ଉକ୍ତଖବର ପ୍ରଚାରିତ ହେବାମାତ୍ରେ ବିଭିନ୍ନ ମହଲରେ ଶୋକରଛାୟା ଖେଳିଯାଇଛି। ସେ ଅଞ୍ଚଳର ଜଣେ ବରିଷ୍ଠକର ପରାମର୍ଶଦାତା ଭାବେ ଜଣାଶୁଣା ଥିଲେ। ସେ ଅତୀତରେ କୁଜଙ୍ଗ ଓକିଲ ସଂଘ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପରେ ନୂତନ ଭାବେ ଗଠିତ ପାରାଦୀପ ଓକିଲ ସଂଘର ସଭାପତି ହୋଇଥିଲେ। ସଦ୍ୟ ସମାପ୍ତ ଓକିଲ ସଂଘ ନିର୍ବାଚନରେ ପାରାଦୀପ ଓକିଲ ସଂଘ ସମ୍ପାଦକଭାବେ ନିର୍ବାଚିତ ହୋଇଥିଲେ। ଗୁରୁବାର ପୂର୍ବାହ୍ନ ୧୧ଟାରେ କୁଜଙ୍ଗସ୍ଥିତ ବାସଭବନରେ ଥିଲାବେଳେ ଛାତିରେ ଯନ୍ତ୍ରଣା ହେବାରୁ ହେମନ୍ତଙ୍କୁ ପରିବାର ଲୋକେ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ହେମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ଖବର ପ୍ରଚାରିତ ହେବା ମାତ୍ରେ ଓକିଲ ସଂଘର ପୂର୍ବତନ ସଭାପତି ଅମୃତ ଦାସ, ସୁଶାନ୍ତ ପଟ୍ଟନାୟକ, ରମେଶ ଚନ୍ଦ୍ର ଦାସ, ସତ୍ୟାନନ୍ଦ ବିଶାଳ, ନଳିନୀ ରଞ୍ଜନ ଦାସ, ନବ ନିର୍ବାଚିତ ସଭାପତି ଆଇନଜୀବୀ ସଞ୍ଜୟ ବେହେରା, ସମ୍ପାଦକ ରଞ୍ଜିତ ବିଶ୍ୱାଳଙ୍କ ସମେତ ସମସ୍ତ ଆଇନଜୀବୀ ଓ ସାମାଜିକ କର୍ମୀ ବୈଷ୍ଣବ ଚରଣ ଦାସ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସନ୍ଧ୍ୟାରେ ଗ୍ରାମ୍ୟ ଶ୍ମଶାନ ମହାନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ରୁଦ୍ରାଭିଷେକ ସାହୁ ମୁଖାଗ୍ନି ଦେଇଥିଲେ।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -UDD/DNP/01/2026-27Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, - Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer, Nagar Parishad, Dumka


# ଏରସମା: ସ୍ୱଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ



ଏରସମା, ୨।୪ (ଦୀପ୍ତି ଖଣ୍ଡୁଆଳ)

ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ସ୍ୱଗଣନା କାର୍ଯ୍ୟକ୍ରମ ଏରସମା ବ୍ଲକରେ ଆରମ୍ଭ କରାଯାଇଛି। ବ୍ଲକର ୨୫ଟି ପଞ୍ଚାୟତ ପାଇଁ ସ୍ୱଗଣନା କାର୍ଯ୍ୟକ୍ରମର ଦାୟିତ୍ୱରେ ସହକାରୀ ଚାର୍ଜ ଅଫିସର ଦେବେନ୍ଦ୍ର ନାଥ ପାଲ ରହିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଲୋକ ପ୍ରତିନିଧିଭାବେ ୨ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ରାନୀ ଟୁଡୁଙ୍କଠାରୁ ସ୍ୱଗଣନାର ଶୁଭାରମ୍ଭ କରାଯାଇଛି। ଏଥିରେ ୩୪ଟି ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ତଥା ଚାର୍ଜ ଅଫିସର ପାଲ, ଅଧ୍ୟାପକ ରବୀନ୍ଦ୍ର କୁମାର ଲେଙ୍କା, ଶିକ୍ଷକ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଏପ୍ରିଲ ୧୫ ପର୍ଯ୍ୟନ୍ତ ଚାଲିବ ବୋଲି ଚାର୍ଜ ଅଫିସର ପାଲଙ୍କଠାରୁ ସୂଚନା ମିଳିଛି। ଏରସମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଚ୍ଚ ଓ ନିମ୍ନ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ୪ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ପ୍ରଶିକ୍ଷକ ଭାବେ ଅଧ୍ୟାପକ ଧୀରେନ କୁମାର ପାତ୍ର, ଶିବ ସୁନ୍ଦର ମୁଦୁଲି, ରବୀନ୍ଦ୍ର କୁମାର ଲେଙ୍କା, କ୍ଷେତ୍ରବାସୀ ପ୍ରଧାନ ଯୋଗ ଦେଇ ଜନଗଣନା ପ୍ରଶିକ୍ଷଣ ଦେଉଛନ୍ତି।


**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्वति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# ବୃହତ୍ତମ ଉଷ୍ମପ୍ରସ୍ରବଣ ଅବହେଳିତ

## ପୁନରୁଦ୍ଧାର ପାଇଁ ୨ କୋଟି ମଞ୍ଜୁରକଲେ ସରକାର

ଭାପୁର, ୨।୪ (ପ୍ରଭାତ ବରାଡ)

ନୟାଗଡ଼ ଜିଲାରେ ରହିଛି ଓଡ଼ିଶାର ସର୍ବ ବୃହତ୍ ତଥା ଏସିଆ ମହାଦେଶର ଦ୍ୱିତୀୟ ଉଷ୍ମପ୍ରସ୍ରବଣ। ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ତରବାଲୋ ନିକଟସ୍ଥ ନୀଳକଣ୍ଠ ପ୍ରସାଦ ଗ୍ରାମରେ ଥିବା ଏହି ଉଷ୍ମ ପ୍ରସ୍ରବଣକୁ ନୀଳକନ୍ଦର ହଟ ସ୍ପିଙ୍ଗ ବୋଲି କୁହାଯାଏ। ଏହା ୮ ଏକର ୨ ଡେସିମିଲ ଜାଗାରେ ରହିଛି। ଯେଉଁ ସ୍ଥାନରେ ପାଦ ପକାଇଲେ ୧୦୦ମିଟର ଅଞ୍ଚଳ ମାଟି ଦୋହଲି ଯାଏ। ଯେଉଁ ସ୍ଥାନରେ ହାତ ଲଗାଇବ ପାଣି ଟକମକ ଭାବେ ଗରମ ହୋଇ ଫୁଟୁଛି। ପାଦ ପକାଇଲେ ତଳକୁ ତଳ ଦବିଯାଏ।

ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ କୁହନ୍ତି, ଶହ ଶହ ବର୍ଷ ପୂର୍ବରୁ ଏମିତି ସେହି ସ୍ଥାନରେ ଟକମକ ପାଣି ଗରମ ହୋଇ ବାମ୍ପ ବାହାରୁଥିବା ପୂର୍ବପୁରୁଷମାନେ କହନ୍ତି। ସେହି ଅଞ୍ଚଳରେ ସବୁ ସ୍ଥାନରେ ମାଟି ଦୋହୋଲୁଥାଏ। ପୂର୍ବପୁରୁଷମାନେ କହନ୍ତି ତାହା ତଳେ ବିଭିନ୍ନ ପ୍ରକାରର ଦୁର୍ଲଭ ଖଣିଜ ପ୍ରଦାର୍ଥ ରହିଛି। ସରକାର ଯଦି ଦୃଷ୍ଟି ଦିଅନ୍ତେ ତାହା ଲୋକଲୋଚନକୁ ଆସି ପାରନ୍ତା ବୋଲି ଗ୍ରାମବାସୀ ଏଥିପାଇଁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହି ଗ୍ରାମର କେତେକ ବୟୋଜ୍ୟେଷ୍ଠ ବ୍ୟକ୍ତି କହନ୍ତି, ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ସେହି ସ୍ଥାନରେ ଏକ ନଳକୂପ ଖୋଳାଯାଇଥିଲା। ହେଲେ ସେଥିରୁ କେବଳ ଗରମ ପାଣି ବାହାରିଲା। ଫଳରେ ନଳକୂପ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇପାରିଲା ନାହିଁ। ଆଜି ପର୍ଯ୍ୟନ୍ତ ନଳକୂପ ପାଇଁ ଖୋଳା ଯାଇଥିବା ସ୍ଥାନରେ ଟକମକ ହୋଇ ପାଣି ଫୁଟୁଛି। ସେହି ପଡିଆରେ ହାତେ କିମ୍ବା ଦୁଇ ହାତ ଗାତ ଖୋଳିଲେ ଆଉ ଅଧିକ ଖୋଳି ହୋଇ ନ ଥାଏ। କାରଣ ହାତ ତାତି ଯାଇଥାଏ। ଏହାର ତାପମାତ୍ରା ୮୫ ଡିଗ୍ରୀ ରହିଛି। ନୀଳକଣ୍ଠ ମୌଜାର ଯୁବ ସାମାଜିକ କର୍ମୀ ଶ୍ରୀକାନ୍ତ କୁମାର ନାୟକ କହନ୍ତି, ଏହା ହେଉଛି ଏସିଆର ଦ୍ୱିତୀୟ ବୃହତ୍ତମ ଉଷ୍ମପ୍ରସ୍ରବଣ ତଥା ଓଡ଼ିଶାର ସର୍ବ ବୃହତ୍ତମ ଉଷ୍ମପ୍ରସ୍ରବଣ। ହେଲେ ତରବାଲୋ ଓ ନୀଳକଣ୍ଠ ଦୁଇ ମୌଜାର ବିବାଦ ଆଜି ପର୍ଯ୍ୟନ୍ତ ଲାଗି ରହିଛି। ପୂର୍ବ ପୁରୁଷମାନଙ୍କର ଏହି ଏରିଆ ପାଇଁ ଦୀର୍ଘ ବର୍ଷ ହେଲା ଉଚ୍ଚ ନ୍ୟାୟାଳୟରେ କେସ୍ ଚାଲୁ ରହିଛି। ସେଥିପାଇଁ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଦୁଇ ଗ୍ରାମର ବିବାଦ ପାଇଁ ଏଠାରେ କୌଣସି ଉନ୍ନତି ହୋଇପାରୁ ନାହିଁ। ବୁଦ୍ଧିଜୀବୀମାନେ କହିଛନ୍ତି, ସେଠାରେ ଗୋଟିଏ ବଡ଼ କୂଅ ସମେତ ମୋଟ ପାଞ୍ଚୋଟି କୂଅର ପାଣି ସଦାସର୍ବଦା ଫୁଟୁଥାଏ। ଏହି କୂଅର ଫୁଟୁଥିବା ପାଣିରେ ନାନା ପ୍ରକାର ଖଣିଜ ପଦାର୍ଥ ମିଶିଥିବା ବେଳେ କିଛି ଔଷଧୀୟ ଗୁଣ ରହିଛି। କାରଣ ଏହି ପାଣିରେ ସ୍ନାନ କରିବା ଦ୍ୱାରା ବିଭିନ୍ନ ଚର୍ମରୋଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଉଷ୍ମପ୍ରସ୍ରବଣ ସମ୍ପର୍କରେ ୧୯୭୫ରେ ଜଣାପଡିଥିଲା। କିମ୍ବଦନ୍ତୀ ଅନୁଯାୟୀ ଏହି ବାଟଦେଇ ୮ଟି ଶଗଡ଼ ଗାଡ଼ି ମାଲ ନେଇ ଯାଉଥିବା ବେଳେ ଶଗଡର ଗୁଳାଗୁଡ଼ିକ ମାଟି ଭିତରେ ପଶି ଆଉ ବାହାରି ପାରି ନ ଥିଲା। ସେହିଦିନଠାରୁ ଏହାର ନାମ ମା' କିଆଶୁଣୀ ଦହଲ ରଖିଥିଲେ। ମା' କେତକୀଶୁଣୀ ଏଠାରେ ପୂଜା ପାଉଥିବା ମଧ୍ୟ କହିଛନ୍ତି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଅନାବନା ଘାସ ଓ କିଆବଣ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି। ଏସିଆର ଦ୍ୱିତୀୟ ଉଷ୍ମପ୍ରସ୍ରବଣ ହେଲେ ସରକାରଙ୍କ ଏଥିପାଇଁ ନାହିଁ ଆନ୍ତରିକତା। ସରକାର ଯଦି ଏହାର ଉନ୍ନତୀକରଣ ପାଇଁ ପଦକ୍ଷେପ ନେଇ କାର୍ଯ୍ୟ କରନ୍ତେ ତା'ହେଲେ ଓଡ଼ିଶାର ବୃହତ୍ତମ ଉଷ୍ମପ୍ରସ୍ରବଣ ନୀଳକଣ୍ଠ ପ୍ରସାଦ ପର୍ଯ୍ୟଟନ ସ୍ଥଳର ମାନ୍ୟତା ପାଇ ପାରନ୍ତା। ଏହି ଉଷ୍ମପ୍ରସ୍ରବଣ ଐତିହ୍ୟ ବିଷୟରେ ଜନସାଧାରଣ ଅନେକ କିଛି ଜାଣି ପାରନ୍ତେ। କେତେକ ଗ୍ରାମବାସୀ ନାମ ଗୋପନ ରଖି କହିଥିଲେ, ରାଜନୀତି ପାଇଁ ଆଜି ଏହି ଉଷ୍ମପ୍ରସ୍ରବଣ ଅବହେଳିତ। ଭାପୁର ବ୍ଲକର ଜନସାଧାରଣ, ବୁଦ୍ଧିଜୀବୀମାନେ ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାଯୋଗ୍ୟ, ଗୁରୁବାର ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସ ଅବସରରେ ଏହି ଉଷ୍ମ ପ୍ରସ୍ରବଣ ଲାଗି ରାଜ୍ୟ ସରକାର ୨କୋଟି ଟଙ୍କା ମଞ୍ଜୁର କରିଥିବା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଏହା ଘୋଷଣା କରିଛନ୍ତି।



ଅବହେଳିତ ଉଷ୍ମ ପ୍ରସ୍ରବଣ ।

# ବିଶ୍ୱ ସ୍ୱପରାୟଣତା ଦିବସ ପାଳିତ



ଅତିଥିମାନେ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରୁଛନ୍ତି।

## ଦିବ୍ୟାଙ୍ଗ ଉପକରଣ ବଣ୍ଟନ

ରଣପୁର, ୨।୪ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଏନ୍ଏସି କଲ୍ୟାଣ ମଣ୍ଡପଠାରେ ଗୁରୁବାର ଅଭିଷ୍ଟ ଚାରିଟେବୁଲ ଟ୍ରଷ୍ଟ, ମହାବୀର ବିକଳାଙ୍ଗ ସହାୟତା ସମିତି ଏବଂ ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରେଶନ ଫର୍ ଦିବ୍ୟାଙ୍ଗ ସଂଘର ମିଳିତ ସହଭାଗିତାରେ ବିଶ୍ୱ ସ୍ୱପରାୟଣତା ଦିବସ ପାଳନ ଓ ଦିବ୍ୟାଙ୍ଗ ଉପଯୋଗୀ ଶିକ୍ଷା ସାମଗ୍ରୀ, ଶ୍ରାବଣ ଯନ୍ତ୍ର, ଆଶାବାଡ଼ି ଓ ହୱିଲଚେୟାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଷ୍ଟ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ଏଲି ପାଢ଼ୀ ଜୈନଙ୍କ ପ୍ରଚେଷ୍ଟାରେ ସଫଳ ହୋଇଯାଇଛି। ପ୍ରାରମ୍ଭିକ ବକ୍ତବ୍ୟରେ ଅଟିଜିମ ଏକ ସ୍ନାୟବିକ ତ୍ରୁଟିଯୁକ୍ତ ଶାରୀରିକ ବିକାଶ ଯେଉଁଥିରେ ଅନ୍ୟ ଲୋକମାନଙ୍କ ସହିତ ସାମାଜିକ ଭାବ ବିନିମୟ ଓ ଯୋଗାଯୋଗ ସମସ୍ୟା ଦେଖାଯାଏ। ସୀମିତ ତଥା ପୁନଃପୌନିକ ବ୍ୟବହାର ଦେଖାଯାଏ। ଅଟିଜିମର ନିରାକରଣ ବିଷୟରେ ପାଢ଼ୀ ବିସ୍ତୃତ ଆଲୋଚନା କରିଥିଲେ। ରଣପୁର ଏନ୍ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ବିଡ଼ିଓ ମନୋଜ କୁମାର ନାୟକ, ତହସିଲଦାର ଆର୍ଯ୍ୟ କୁମାର ସର୍ବଦାମନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶର ପାଣିଗ୍ରାହୀ, ମହାବୀର ବିକଳାଙ୍ଗ ସହାୟତା ସମିତି ଅଧ୍ୟକ୍ଷ ବାଙ୍କାନିଧି ସାମଲ, ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର୍ ଦିବ୍ୟାଙ୍ଗ ସଂଘ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, କଳିଙ୍ଗ ଯୁବସେନା ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସ, ସମାଜିକକର୍ମୀ ବିଭୁ ପ୍ରସାଦ ରାୟ ଯୋଗଦେଇ ଅଟିଜିମ କଣ, ତାହାର ନିରାକରଣ ଓ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଏହି ଅବସରରେ ପ୍ରାୟ ୩୦ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ସତନ୍ତ୍ର ଶିକ୍ଷା ସାମଗ୍ରୀ,୩୬ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ଓ ୨୩ ଶ୍ରବଣ ବାଧିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ୧୦୦ ଦିବ୍ୟାଙ୍ଗଙ୍କୁ ସମାଜରେ ସ୍ୱାବଲମ୍ବୀ ଦିଗରେ ଆବଶ୍ୟକ ଉପକରଣ ପ୍ରଦାନ କରାଯାଇଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଥିଲା।

# ଅର୍ଥନୈତିକ ଅପରାଧ ଶାଖା ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ



ଭାପୁର ବ୍ଲକରେ ଅର୍ଥନୈତିକ ଅପରାଧ ଶାଖା ଅଧିକାରୀମାନେ ଫାଇଲ ଯାଞ୍ଚ କରୁଛନ୍ତି।

## ଭାପୁର ବ୍ଲକ: ୨୦୬ କୋଟି ଦୁର୍ନୀତି

ଭାପୁର,୨।୪(ପ୍ରଭାତ ବରାଡ)

ଭାପୁର ବ୍ଲକରେ ଗୁରୁବାର କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ଡିଏସ୍‌ପିଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ପହଞ୍ଚି ୨୦୬ କୋଟି ଦୁର୍ନୀତିର ଫାଇଲ ତନାଘନା କରୁଥିବା ଦେଖିବାକୁ ମିଳିଛି। ତଦନ୍ତକାରୀ ଡିଏସ୍‌ପି ନମିତା ସାହୁ, ଇନ୍ସପେକ୍ଟର ଅକ୍ଷୟ କୁମାର ଗୁମାନସିଂ ସାମିଲ ହୋଇ ୨୦୧୭ ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଅଭିଯୋଗ ହୋଇଥିବା ସମସ୍ତ ଫାଇଲ ଦେଖିଥିଲେ। ଚାରି ତାରିଖ ପର୍ଯ୍ୟନ୍ତ ଫାଇଲ ଦେଖିବା ସହ ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଡାକି ପଚାରିବେ ବୋଲି ସୂଚନା ଦେଇଛନ୍ତି।

ନୟାଗଡ ଜିଲା ଭାପୁର ଅଞ୍ଚଳରେ ହୋଇଥିବା ବହୁ କୋଟି ଟଙ୍କାର ଦୁର୍ନୀତି ତଦନ୍ତ ସମୟରେ ଏଭଳି ଆଖି ଖୋସି ଦେଲା ଭଳି ତଥ୍ୟ ସାମ୍ନାକୁ ଆସିଥିଲା। ଭାପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ ଦସ୍ତଖତ ମାଧ୍ୟମରେ ୮୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ହରିଲୁଟ କରିଥିବା ଅଭିଯୋଗ କରିଥିଲେ। ଲୋକାୟୁକ୍ତରେ ନଂ ୪୪/୨୦୨୨ରେ ମାମଲା ରୁଜୁ କରି ତଦନ୍ତ ବେଳେ ୪ ବର୍ଷରେ ୨୦୬ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହରିଲୁଟ କରିଥିବା ସ୍ପେଶାଲ ଅଡିଟ ଟିମ୍ ସ୍ପଷ୍ଟ କରିଥିଲେ। ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ଏ ନେଇ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ ମଧ୍ୟ କରାଯାଇଥିଲା। ଲୋକାୟୁକ୍ତ ଏହି ଦୁର୍ନୀତି ପ୍ରସଙ୍ଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଦୁର୍ନୀତି ପ୍ରସଙ୍ଗରେ ନଂ. ୯/୨୫ରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ଲୋକାୟୁକ୍ତ ତଦନ୍ତ ନିର୍ଦ୍ଦେଶ ଦେବାପରେ ଅସାଧୁ ରାଜନେତା ଓ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ ପକ୍ଷରୁ ଓଡ଼ିଶା ଦିବସ

ଓଡ଼ଗାଁ,୨।୪ (ନାରାୟଣ ପାଣିଗ୍ରହୀ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ ପକ୍ଷରୁ ମେଡିକାଲ ଛକ ସ୍ଥିତ ପରିଷଦ କାର୍ଯ୍ୟାଳୟଠାରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦ ସଭାପତି ରାମେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ ଓ ସମିତି ସଭ୍ୟା କନକ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରଦେଶ ଗଠନରେ ତ୍ୟାଗ ସ୍ୱୀକାର କରିଥିବା ସମସ୍ତ ବରପୁତ୍ରମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ପରେ ପରିଷଦର ସମସ୍ତ ସଦସ୍ୟ ଓ ପରିବାରଙ୍କୁ ଏକତ୍ରିତ କରି ଏକ ଯନ୍ତାଳ ଭୋଜିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ମନୋଜ କୁମାର ନାୟକ,ବରିଷ୍ଠ ସଭ୍ୟ ଶ୍ୟାମ ସୁନ୍ଦର ଚୌଧୁରୀ, ବାଞ୍ଛାନିଧି ଜେନା,ରଜତ କୁମାର ମହାପାତ୍ର,ନିରଞ୍ଜନ ମହାପାତ୍ର,ସୁରେଶ ପ୍ରଧାନ, ସୁବାସ ଚନ୍ଦ୍ର ସାହୁ,ରାମକୃଷ୍ଣ ଦାସ,ଶିବପ୍ରସାଦ ଖରେଇଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିବା ଜଣାପଡ଼ିଛି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ।

# ଦୁର୍ଘଟଣାରେ ପୂର୍ବତନ ସମିତି ସଭ୍ୟଙ୍କ ମୃତ୍ୟୁ

ଭାପୁର, ୨।୪ (ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ କଇଁଫୁଲିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସନ୍ତୋଷ କୁମାର ସାହୁ (୫୬)। ନିଜ ଅଟୋରେ ବୁଧବାର ଭୁବନେଶ୍ୱରରୁ କଇଁଫୁଲିଆକୁ ଫେରୁଥିଲେ। ଗ୍ରାମରେ ଦଣ୍ଡପର୍ବ ପାଳିବାକୁ ଆସୁଥିଲେ। ତମାଣ୍ଡ ନିକଟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଭାବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ବୁଧବାର ରାତିରେ ଗ୍ରାମରେ ମୃତଦେହ ପହଞ୍ଚିଥିଲା। ସେ ୨୦୦୨ରୁ ୨୦୦୭ ମସିହା ପର୍ଯ୍ୟନ୍ତ କଇଁଫୁଲିଆ ପଞ୍ଚାୟତର ସମିତି ସଭ୍ୟଥିଲେ।



ସନ୍ତୋଷ କୁମାର ସାହୁ

# ୪୧ ସିଲିଣ୍ଡର ଜବତ, ମାମଲା ରୁଜୁ କଲା ଯୋଗାଣ ବିଭାଗ

ଦିଗପହଣ୍ଡି,୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ୍ ଅଞ୍ଚଳରେ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାର ଅଭିଯୋଗରେ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ ଏବଂ ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଖାଦ୍ୟ ଯୋଗାଣ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ଦିଗପହଣ୍ଡି ବ୍ଲକ୍ ବି.ତୁରୁବୁଡ଼ି ଗ୍ରାମରେ ଯୋଗାଣ ବିଭାଗ ଅଧିକାରୀ ବୃନ୍ଦ ଅତର୍କିତ ଚଢ଼ାଉ କରି ବେଆଇନ ଭାବେ ରନ୍ଧନ ଗ୍ୟାସ ସିଲିଣ୍ଡର ମହଜୁଦ କରି ବେଆଇନ ଭାବେ କଳାବଜାରରେ ଖାଉଟିଙ୍କୁ ବିକ୍ରି କରୁଥିବା ଟି.ଲକ୍ଷ୍ମୀ ନାରାୟଣ ପାତ୍ର ଓରଫ ମିଟୁ ପାତ୍ରଙ୍କ ଠାରୁ ସମୁଦାୟ ୨୮ ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର୍ ଜବତ କରିଛନ୍ତି। ମିଟୁ ନିଜ ଡାଲା ଅଟୋରେ ଗ୍ୟାସ୍ ସିଲିଣ୍ଡର ବୋଝେଇ କରି ବିକ୍ରୀ ପାଇଁ ନେଉଥିବା ବେଳେ ଏହି ଚଢାଉ ହୋଇଥିଲା। ଯୋଗାଣ ଅଧିକାରୀ ବୃନ୍ଦ ମିଟୁଙ୍କ ଘର ଓ ଅଟୋ ରୁ ୨୮ ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରିଥିବା ବେଳେ କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ଗ୍ରାମର ଚିତ୍ର ଜେନାଙ୍କ ଘରୁ ୧୧ ଟି ଖାଲି ସିଲିଣ୍ଡର ଜବତ କରିଥିଲେ।


**Office of the Executive Officer**
**Nagar Parishad, Dumka**

**e-Procurement Notice**

e-Tender reference no. -**UDD/DNP/01/2026-27**Dated –02.04.2026

| | | |
|---|---|---|
| 01 | Name of the work | Operation and Maintenance of 20 MLD WTP & 33 KV Power substation at Shristi paharKurwa with Intake well, Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26,Excluding the energy cost. Shristi paharKurwa with Intake well Gang way MCC room, 33 KV Power substation approach road at Baskichak, Raw water rising mains 600 mm dia D.I. K-9 from Baskichak to WTP & Clear water rising main from WTP to Shristi paharKurwa (Mass Balanced Reservoir) and Clear water rising mains 600 mm dia D.I. K-9 to D.C chawk Dumka & 400mm dia. D.I. K-9 D.C Chawk Dumka to 3 nos. ESRs & 500mm dia. to 100mm dia. D.I K-7 distribution network, 2 nos. ESR & 2 no GSR 1 no MBR & 315 KVA Transformer and Pump house at Shiv Pahar under Dumka urban water supply scheme for the year 2025-26. Excluding the energy cost. |
| 02 | Estimated Cost | Rs. 1,36,19,995.00 |
| 03 | Earnest Money | Rs. 2,73,000.00 |
| 04 | Time of Completion | One Year |
| 05 | Last date/Time for receipt of Bid | 25.04.2026at 5.00 P.M. |
| 06 | Date of Pre Bid meeting | 10.04.2026 at 1.00 P.M. |
| 07 | Date of opening of Tender | 27.04.2026 at 11.00 A.M. |
| 08 | Date of publication of Tender on Web Site | 04.04.2026 at 5.00 P.M. |
| 09 | Name & Address of office inviting Tender | Executive Officer, Nagar Parishad, -Dumka |
| 10 | Contract no of procurement office | 8434887113 |
| 11 | Helpline no. of e-procurement cell | 7091145629 |

Further details can be seen on website – http://jharkhandtenders.gov.in

PR 376507 Urban Development and Housing(25-26)#D

Executive Officer,
Nagar Parishad, Dumka


# ନିଆରା ପରମ୍ପରା: ମହିଷାସୁଣୀ ପୀଠରେ ହାଣ୍ଡିଭଙ୍ଗା ଉତ୍ସବ

ଖଣ୍ଡପଡ଼ା,୨।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ମହୁଲପଡ଼ା ଗ୍ରାମରେ ବିରାଜିତ ମା'ମହିଷାସୁଣୀ ଆଖପାଖ ଅଞ୍ଚଳର ଇଷ୍ଟଠାକୁରାଣୀ ଭାବରେ ପରିଚିତ ଓ ପ୍ରସିଦ୍ଧି ଲାଭ କରିଛନ୍ତି। ଏହି ପୀଠରେ ସମ୍ପ୍ରତି ପାଳିତ ହୋଇଯାଇଥିବା ମାନସିକ ପର୍ବ ହାଣ୍ଡିଭଙ୍ଗା ଉତ୍ସବ ଏକ ନିଆରା ପରମ୍ପରା। ତେବେ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ଅଭାବ ଯୋଗୁ ଲୋକେ ନଳକୂପର ଫ୍ଲୋରାଇଡ଼ଯୁକ୍ତ ପାଣି ବ୍ୟବହାର କରି ନାନା ରୋଗରେ ପୀଡିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ କରୁଥିବା ସେବାସୀ ରମେଶ ରଣା, ବାସିନ୍ଦା ଆନନ୍ଦ କୁମାର ଜେନା ଓ ବିପିନ ବିହାରୀ ପୃଷ୍ଟି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମହାବିଷୁବ ସଂକ୍ରାନ୍ତି ପରେ ଆରମ୍ଭ ହୋଇଥାଏ ବୈଶାଖୀ ବ୍ରତ। ଇତି ମଧ୍ୟରେ ତେବେ ଏହା ପୂର୍ବରୁ ଚୈତ୍ର ପୂର୍ଣ୍ଣମୀ ଅବସରରେ ମହୁଲପଡା ଓ ଏହାର ଆଖପାଖ ଅଞ୍ଚଳର ଲୋକେ ହାଣ୍ଡିଭଙ୍ଗା ଉତ୍ସବ ପାଳନ କରିଥାନ୍ତି। ଚୈତ୍ର ମାସ ଶେଷ ଓ ବୈଶାଖମାସର ପ୍ରାରମ୍ଭରେ ପ୍ରତ୍ୟେକ ବର୍ଷ ପରି ପାରମ୍ପରିକ ରୀତିରେ ହାଣ୍ଡିଭଙ୍ଗା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ମା'ମହିଷାସୁଣୀ ପୀଠରେ ଅହୋରାତ୍ର ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥାଏ। ବିଶେଷ କରି ମହୁଲପଡା ଗ୍ରାମର ଗୃହିଣୀମାନେ ଚୈତ୍ର ପୂର୍ଣ୍ଣମୀ ସକାଳୁ ସ୍ନାନ କରି ଘରୁ ରୋଷେଇ ସାମଗ୍ରୀମାନ ନେଇ ମା'ମହିଷାସୁଣୀଙ୍କ ପାଖରେ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମ ଦେବତୀ ମା'ମହିଷାସୁଣୀ ମନ୍ଦିର ବେଢାରେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ଭୋଗ ରୋଷେଇ କରିଥିଲେ।

କାର୍ଯ୍ୟକ୍ରମରେ ମହୁଲପଡା, ଦରଦା,ଜଗନ୍ନାଥ ପ୍ରସାଦ ଏବଂ ଆଖପାଖ ଅଞ୍ଚଳର ଶତାଧିକ ଗୃହିଣୀ ଯୋଗ ଦେଇଥିଲେ। ରୋଷେଇ ଶେଷ ହେବା ପରେ ମନ୍ଦିର ପୂଜକ ମା'ଙ୍କ ପୂଜା ସାରି ପ୍ରଥା ଅନୁସାରେ ପ୍ରତ୍ୟେକଙ୍କ ମାଟି ହାଣ୍ଡିରୁ ପ୍ରସ୍ତୁତ ଅନ୍ନ ଭୋଗକୁ ମା'ଙ୍କ ଉଦ୍ଦେଶ୍ୟରେ ପୂଜା କରିଥିଲେ। ପରେ ପୂଜାରୀ, ଗୃହିଣୀମାନେ ଘରୁ ଆଣିଥିବା ଅନ୍ୟାନ୍ୟ ଧାତୁ ପାତ୍ରରେ ସମ୍ପୃକ୍ତ ଅନ୍ନ ପ୍ରସାଦକୁ କାଢି ଦେଇଥିଲେ। ସମସ୍ତଙ୍କ ଅନ୍ନ ଭୋଗ ମାଟି ହାଣ୍ଡିରୁ ଖାଲି ହେବା ପରେ ମହିଳାମାନେ ରୋଷେଇ ହୋଇଥିବା ଖାଲି ମାଟି ହାଣ୍ଡି ଓ ଏକ କାଠ ଫାଳିଆ ନେଇ ମନ୍ଦିର ନିକଟ ଏକ ପୁଷ୍କରିଣୀ ଏବଂ ରାସ୍ତା କଡରେ ସମ୍ପୃକ୍ତ ହାଣ୍ଡିକୁ କାଠଫାଳିଆରେ ବାଡେଇ ଭାଙ୍ଗି ଠାକୁରାଣୀଙ୍କ ପୁଷ୍କରିଣୀରେ ବୁଡି ସ୍ନାନ କରିବାର ପରମ୍ପରା ରହିଛି। ମାତ୍ର ପୋଖରୀରେ ପାଣି ନ ଥିବାରୁ ଚଳିତ ବର୍ଷ ମହିଳା ଏବଂ ପୁରୁଷ ମାନେ ମାଟି ହାଣ୍ଡିକୁ ଅନ୍ୟତ୍ର ନେଇ ଭାଙ୍ଗିଥିବା ପରିଲକ୍ଷିତ ହୋଇଥିଲା। ଅପରାହ୍ଣ ପ୍ରାୟ ୧.୩୦ରେ ଏହି ହାଣ୍ଡିଭଙ୍ଗା ଉତ୍ସବ ଶେଷ ହୋଇଥିଲା। ପୂର୍ଣ୍ଣମୀଠାରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ଗ୍ରାମବାସୀ ଗ୍ରାମର ଶ୍ରୀମଦ୍ ଭଗବତ୍ ଚୈତନ୍ୟ ଠାକୁରଙ୍କୁ ନିମନ୍ତ୍ରଣ କରି ମା'ମହିଷାସୁଣୀ ପୀଠରେ ସ୍ଥାପନା କରିଥିଲେ। ପରେ ସେଠାରେ ଯଜ୍ଞ ଆୟୋଜନ ହୋଇଥିଲା। ପୂର୍ଣ୍ଣମୀ ଅବସରରେ ଶରଣକୁଳ ଅଞ୍ଚଳର ସାଂସ୍କୃତିକ କାର୍ଯ୍ୟକ୍ରମ ଭାଗବତ ପ୍ରସଙ୍ଗ ସତୀ ଅନସୂୟା ନାଟକ ପରିବେଷଣ ହୋଇଥିଲା।

ଗ୍ରାମ ସଭାପତି ସୁବଳ ପ୍ରଧାନ, ପୂର୍ବତନ ସଭାପତି ଭାଗୀରଥି ନାୟକ, କମିଟି ସଦସ୍ୟ ଦୀନବନ୍ଧୁ ବେହେରା, ଆନନ୍ଦ ଚନ୍ଦ୍ର ସ୍ୱାଇଁ, କାର୍ତ୍ତିକ ପୃଷ୍ଟି ଓ କୃଷ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କୁହନ୍ତି, ପ୍ରତ୍ୟେକ ବର୍ଷ ଏହି ମେଳା ପାଳିତ ହେବା ଦ୍ୱାରା ଗ୍ରାମରେ ଏକତା ଓ ସଂହତି ବୃଦ୍ଧି ଘଟୁଛି। ସମସ୍ତଙ୍କ ମନରେ ହସ ଖୁସି ପରିଲକ୍ଷିତ ହେଉଛି।



ମହିଳାମାନେ ପ୍ରସାଦ ରନ୍ଧନ କରୁଛନ୍ତି।


**झारखण्ड सरकार, ग्रामीण कार्य विभाग**
**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, चाईबासा**

**ई० अल्पकालीन पुनर्निविदा आमंत्रण सूचना**

ई0–पुनर्निविदा संख्या :– 03/RII/2023-24/RWD/EE/CHAIBASA दिनांक : 02/04/2026

कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रू0 में) | | कार्य समाप्ति की अवधि |
|---|---|---|---|---|---|
| 1 | RWD/ CHAIBASA/ 05/2023-24 | ग्राम बिकुली से रंबागसाई तक पथ निमार्ण कार्य लम्बाई 3.22कि0मी। | 30208200 | तीन करोड़ दो लाख आठ हजार दो सौ रू0 मात्र | 15 माह |

1. वेबसाईट में निविदा प्रकाशन की तिथि :– 06.04.2026
2. ई–निविदा प्राप्ति की अंतिम तिथि एवं समय :– 15.06.2026 अपराह्न 05:00 बजे तक।
3. निविदा खोलने की तिथि एवं समंय :– 16.06.2026 अपराह्न 05:00 बजे।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से On-Line Mode से स्वीकार की जायेगी।
5. निविदा आमंत्रित करने वाले पदाधिकारी का नाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, चाईबासा, राजस्थान भवन के समीप, टुंगरी रोड चाईबासा– 833201
6. ई निविदा प्रकोष्ठ का दूरभाष सं0– 06582– 359406

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमंडल, चाईबासा

PR 376589 West Singhbhum (26-27)_D

# ବ୍ରାହ୍ମଣୀ ନଦୀ ଜଳ ପ୍ରଦୂଷଣ: ପାନୀୟ ଜଳ ପାଇଁ ବଡ଼ ବିପଦ

■ ବିଭାଗ କାର୍ଯ୍ୟଶୈଳୀ ଅତ୍ୟନ୍ତ ନିମ୍ନମାନର
■ ପାନୀୟଜଳ ବିଶୋଧନ ଉପରେ ଆଶଙ୍କା

**ପଟ୍ଟାମୁଣ୍ଡାଇ, ୨।୪(କଳ୍ପତରୁ ନାୟକ)**


ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନର୍ଦ୍ଦମା ପାର୍ଶ୍ୱରେ ପାଣି ପାଇପ୍ ଲାଇନ୍ ପକାଯାଉଛି ।

ଓଡ଼ିଶାରେ ନଦୀ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀଜଳ ଅତିମାତ୍ରାରେ ପ୍ରଦୂଷିତ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟରୁ ଜଣାପଡିଛି। ଅଞ୍ଚଳରେ ଏହି ନଦୀଜଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ବୈଷୟିକ ଜ୍ଞାନକୌଶଳରେ ଫିଲଟ୍ରେଶନ, କ୍ଲୋରିନେଶନ ଏବଂ ଆର୍‌ଓ (ରିଭର୍ସ ଓସମୋସିସ୍) ପଦ୍ଧତି ବ୍ୟବହାର କରି ଜଳରେ ଥିବା କଠିନତା ଏବଂ କେମିକାଲ ଦୂର କରିବା ସହ ବ୍ୟାକ୍ଟେରିଆ, ଅପରିଷ୍କାର ପଦାର୍ଥ ଏବଂ କୀଟାଣୁ ଦୂର କରି ଏହାକୁ ପାନୀୟ ଉପଯୋଗୀରେ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରଖାଯାଇଛି। ମାତ୍ର ବିଭାଗୀୟ ସରକାରୀ ବାବୁମାନଙ୍କ କାର୍ଯ୍ୟଶୈଳୀ, ଅପରାଗତା, ଅବହେଳା ଓ ମାରିଖିଆ ମନବୃତ୍ତି ପାଇଁ ପାନୀୟ ଜଳ ବିଶୋଧନ ଉପରେ ଆଶଙ୍କା ପ୍ରକାଶ ପାଉଛି। ଅଞ୍ଚଳର ଧନଜୀବନ ପ୍ରତି ବିପଦକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି।

ସାମାଜିକ କର୍ମୀ ଜୟଦେବ ଗିରି, ଦାଶରଥି ସାହୁ, ଦୋଳଗୋବିନ୍ଦ ସାହୁ ପ୍ରମୁଖ କହିଛନ୍ତି, ପ୍ରକୃତିର ଅନନ୍ୟ ଉପହାର ହେଉଛି ଜଳ। ସେଥିନେଇ ଜଳ ହିଁ ଜୀବନ ବୋଲି କୁହାଯାଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଦିନକୁଦିନ ଜଳ ସଙ୍କଟ ଦେଖାଦେଉଛି। ଏ ନେଇ ସରକାର ପ୍ରଦୂଷିତ ବ୍ରାହ୍ମଣୀ ନଦୀ ପାଣିକୁ ବିଶୋଧନ କରି ୩୧ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ଜଳ ପ୍ରକଳ୍ପ କରୁଛନ୍ତି। ବିଡ଼ମ୍ବନା ଯେ, ଏଥିନେଇ କାର୍ଯ୍ୟ କରୁଥିବା ବିଭାଗ କାର୍ଯ୍ୟଶୈଳୀ ଅତ୍ୟନ୍ତ ନିମ୍ନମାନର ଓ ମନମୁଖି କାମ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଯଦି ପାଇପ ବିଛା କାର୍ଯ୍ୟଗୁଡିକ ନର୍ଦ୍ଦମା, ନୟନଯୋରୀ ଭିତରେ ପଡିବ ଏବଂ ପାନୀୟ ଜଳ ପ୍ରଦୂଷିତ ହେବା ନେଇ ଲୋକେ ଦାବି କରି ଆସୁଥିଲେ ମଧ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ପ୍ରଦୂଷିତ ବ୍ରାହ୍ମଣୀନଦୀ ପାଣି ବିଶୋଧନ ଉପରେ ବିଭାଗ କି ପ୍ରକାର ଧ୍ୟାନ ଦେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ବିଭାଗ ଏପରି କାର୍ଯ୍ୟ କରେ ତେବେ ଦୂଷିତ ଜଳର ପ୍ରଭାବରେ ବହୁ ଧନ ଜୀବନ ହାନି ହେବ। ଏହାର ଉଦାହରଣ ଭାବେ ପୁରୀ ଜିଲା କଣାସ ବ୍ଲକରେ ଦୟାନଦୀର ଦୂଷିତ ଜଳ ଯୋଗୁ ଜଣ୍ଡିସ ବ୍ୟାପି ଥିଲା। ପରିବେଶବିତ୍ ଆତ୍ରତାଣ ପାତ୍ର କହିଛନ୍ତି, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ରିପୋର୍ଟ ଅନୁଯାୟୀ ସମଗ୍ର ଦେଶରେ ୩୫୦ ନଦୀ ପ୍ରଦୂଷିତ ହୋଇଛି। ଓଡ଼ିଶାରେ ୧୯ଟି ନଦୀ ଭିତରେ ବ୍ରାହ୍ମଣୀ ନଦୀ ଜଳ ମଧ୍ୟ ଅତିମାତ୍ରାରେ ପ୍ରଦୂଷିତ ହୋଇଛି। ପ୍ରଦୂଷଣ କାରଣରୁ ଏହି ନଦୀଗୁଡ଼ିକର ଜଳରେ ବାୟୋ କେମିକାଲ ଅକ୍ସିଜେନ୍ ଡିମାଣ୍ଡ ବା ଜୈବ ରାସାୟନିକ ଅମ୍ଳଜାନ (ବିଓଡି) ବହୁ ମାତ୍ରାରେ ବଢ଼ିଯାଉଛି। ବିଓଡିସ୍ତର ପ୍ରତି ଲିଟର ଜଳରେ ୧ରୁ ୨ ମିଲିଗ୍ରାମ୍ ରହିଲେ ତାହା ବ୍ୟବହାର ଉପଯୋଗୀ ହୋଇଥାଏ। ଏହାଠାରୁ ଅଧିକ ରହିଲେ ତାହାକୁ ପ୍ରଦୂଷିତ ବୋଲି ଧରାଯାଏ। ତେବେ ବ୍ରାହ୍ମଣୀ ନଦୀର ବିଓଡି ୩ରୁ ୬ ମିଲିଗ୍ରାମ୍ ଉପରେ ରହିଥିବା ସିପିସିବି ରିପୋର୍ଟରେ କୁହାଯାଇଛି। ଏଣୁ ସରକାର ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟଶୈଳୀ ଉପରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କୁ ପଚାରିବାରେ ଯେଉଁ ଜାଗାରେ ପାଇପ ବିଛାରେ ଅନିୟମିତା ଦେଖିବାକୁ ମିଳିଛି ତାହାର ସମାଧାନ କରାଯାଉଛି ବୋଲି ସେ କହିଛନ୍ତି।

# ଭୁଲ୍ ଇଞ୍ଜେକଶନ ନେଇ ରୋଗୀ ମୃତ୍ୟୁ ଅଭିଯୋଗ


ଡାକ୍ତରଙ୍କ ସହ ମୃତ ରୋଗୀଙ୍କ ସମ୍ପର୍କୀୟ ଆଲୋଚନା କରୁଛନ୍ତି ।

**ଯାଜପୁରଟାଉନ,୨।୪ (ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭୁଲ୍ ଇଞ୍ଜେକଶନ ନେବାଯୋଗୁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ମୃତକ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଗୋପୀନାଥପୁର ଅଞ୍ଚଳର ମନ୍ଦି ପରିଡ଼ା। ସେ ଗତ ବୁଧବାର ରାତିରେ ପେଟ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରାତିରେ କୌଣସି ଚିକିତ୍ସା କରାଯାଇ ନ ଥିଲା। ଗୁରୁବାର ସକାଳେ ଡାକ୍ତର ଆସି ତାଙ୍କୁ ଦେଖିବା ପରେ ନର୍ସଙ୍କୁ ଇଞ୍ଜେକଶନ ଦେବାକୁ କହିଥିଲେ। ନର୍ସ ଇଞ୍ଜେକଶନ ଦେବାର କିଛି ସମୟ ପରେ ମହିଳାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସା ଅବହେଳା ଓ ଭୁଲ୍ ଇଞ୍ଜେକଶନ କାରଣରୁ ମହିଳାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପୁଅ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସା ଅଧିକାରୀ(ଏଡିଏମ୍‌ଓ)ଡା. ମନୋଜ କୁମାର ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଯଦି ଦାୟିତ୍ୱରେ ଥିବା ଡାକ୍ତର କିମ୍ବା ନର୍ସଙ୍କ ଅବହେଳା ରହିଥିବେ ତଦନ୍ତ ପରେ ପଦକ୍ଷେପ ନିଆଯିବ। ଏହି ଘଟଣାକୁ ନେଇ ଦୀର୍ଘ ସମୟ ଧରି ମେଡିକାଲ ପରିସରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଯାଜପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

# ପ୍ରେମିକାଠୁ ଅଲଗା ହୋଇ ଝୁଲିପଡ଼ିଲେ ପ୍ରେମିକ

**ନାଉଗାଁ, ୨।୪(ସୁଧା ବେହୁରା):**

ନାଉଗାଁ ଥାନା ତିରୁଣା ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମର ଜଣେ ଯୁବକ ପ୍ରେମଜନିତ କାରଣରୁ ଝୁଲିପଡ଼ିଛନ୍ତି ବୋଲି ପକେଟରୁ ମିଳିଥିବା ହାତ ଲେଖା ନୋଟ୍‌ରୁ ଜଣାପଡ଼ିଛି। ସେ ହେଲେ ଉକ୍ତ ଗ୍ରାମର ନାଗୁ ଦାସଙ୍କ ପୁତ୍ର ରାକେଶ (୨୮)। ପରିବାର ଲୋକଙ୍କ ସୂଚନା ମୁତାବକ, ରାକେଶ ସବୁଦିନ ପରି ବୁଧବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ। ତେବେ ପରିବାର ଲୋକେ ରାତିରେ ଶୋଇବା ପରେ ସେ ଗୁହାଳୁ ଆସି ରଶି ଲଗାଇ ଝୁଲିପଡ଼ିଥିଲେ। ପରିବାର ଲୋକେ ଏହା ଦେଖିବାପରେ ତାଙ୍କୁ ନେଇ ନାଉଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ରାକେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ରାକେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାକେଶଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅପମୃତ୍ୟୁ ମାମଲା (ନଂ.୬/୨୦୨୬) ରୁଜୁ କରାଯାଇଛି। ପ୍ରାଥମିକ ତଦନ୍ତ ସମୟରେ ରାକେଶଙ୍କ ପକେଟରୁ ଏକ ହାତ ଲେଖା ନୋଟ୍ ମିଳିଛି। ସେଥିରେ ଦର୍ଶାଯାଇଛି ଯେ, ରାକେଶ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ମାତ୍ର ଯୁବତୀଙ୍କ ପରିବାର ଲୋକ ଜାତିକୁ ନେଇ ତାଙ୍କୁ ବିରୋଧ କରିବା ସହ ଉଭୟଙ୍କୁ ଅଲଗା କରିଦେଇଥିଲେ। ତାଙ୍କ ବିନା ରାକେଶ ବଞ୍ଚିପାରିବେ ନାହିଁ ବୋଲି ହାତ ଲେଖା ନୋଟ୍‌ରେ ଉଲ୍ଲେଖ କରିଛନ୍ତି। ଉକ୍ତ ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ଦେବାଶିଷ ପଣ୍ଡା କହିଛନ୍ତି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଅଟକ

**ରାଜନଗର, ୨।୪ (ଭାସ୍କର ରାଉତରାୟ)**

ରାଜନଗର ଥାନା ଅଞ୍ଚଳରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗୁରୁବାର ଧରି ଥାନାରେ ଅଟକ ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଥାନା ଅଞ୍ଚଳର ଜଣେ ଯୁବତୀ ପାଖ ଗାଁରେ ହେଉଥିବା ଯଜ୍ଞ ଦେଖିବାକୁ ମଙ୍ଗଳବାର ଯାଇଥିଲେ। ଯଜ୍ଞସ୍ଥଳରେ ପ୍ରସାଦ ସେବନ କରିବା ସମୟରେ ଜଣେ ଯୁବକ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଯଜ୍ଞରୁ ଘରକୁ ଫେରିବା ସମୟରେ ଯୁବକ ଜଣଙ୍କ ତାଙ୍କୁ ପିଛାକରି ଅଶ୍ଳୀଳ ଇଙ୍ଗିତ କରିଥିଲେ। ଯୁବତୀ ଜଣକ ବିରୋଧ କରିବାରୁ ଯୁବକ ତାଙ୍କୁ ମାଡ଼ି ବସି ବଳାତ୍କାର କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଲୋକମାନେ ଆସି ତାଙ୍କୁ ଉଦ୍ଧାରକରି ଘର ଲୋକଙ୍କୁ ଖବର ଦେଇଥିଲେ। ଏ ନେଇ ପୀଡ଼ିତାଙ୍କ ମା’ ମଙ୍ଗଳବାର ରାତି ୧୧ଟାରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣକ ତାଙ୍କ ଝିଅଙ୍କୁ ବଳାତ୍କାର କରିବା ସହ ବେକରୁ ଚେନ୍ ଟାଣି ନେଇଛନ୍ତି। ବଳାତ୍କାରର ଶିକାର ହେବା ପରେ ଝିଅ ମାନସିକ ଆଘାତ ପାଇବା ସହ ନିଜକୁ ଅସୁରକ୍ଷିତ ମନେକରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଦଫା ୭୯, ୬୪ (୧), ୩୦୩ (୨), ୩୫୧ ବିଏନ୍‌ଏସ୍‌ରେ ନଂ. ୧୩୩/୨୬ରେ ମାମଲା ରୁଜୁକରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଆଇଆଇସି ନରେଶ କୁମାର ସାହୁ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦନ


@ ରଞ୍ଜିତା


@ ଶଙ୍କର


@ ଶଶିକାନ୍ତ


@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଇଁଛ ତୀର୍ଥସ୍ଥଳୀ ଗହୀରମଥା ଏବେ ଖାଁ ଖାଁ

## ମା’ କଇଁଛ ଅଣ୍ଡା ନ ଦେଇ ଫେରିଯିବେ କି କର୍ମଭୂମି

**ରାଜନଗର,୨।୪ (ଭାସ୍କର ରାଉତରାୟ)**



ବିଶ୍ୱ ପ୍ରସିଦ୍ଧ କଇଁଛଙ୍କ ଅନ୍ତୁଡ଼ିଶାଳ ଗହୀରମଥା ଏବେ ଖାଁ ଖାଁ ହୋଇପଡିଛି। ଏଯାଏ କଇଁଛମାନଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ସମୟ ଗଡ଼ି ଗଡ଼ି ଯାଉଛି। ଗତ ବର୍ଷ ମାର୍ଚ୍ଚ ୬ରୁ ୧୦ ଭିତରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଶେଷ ହୋଇଥିଲା। ସବୁ ଆଶା ଆଶଙ୍କାକୁ ପଛରେ ପକାଇ ସର୍ବାଧିକ ୬ ଲକ୍ଷ କଇଁଛ ସମୂହ ଅଣ୍ଡାଦାନ କରି ରେକର୍ଡ ସୃଷ୍ଟି କରିଥିଲେ। ଚଳିତ ବର୍ଷ ଏବେ ବି ବହୁ ଲକ୍ଷ ମା’ କଇଁଛ କୂଳଠାରୁ ଅଳ୍ପ ଦୂରରେ ପାଗର ଅନୁକୂଳ ଅପେକ୍ଷାରେ ରହିଥିବା ବନ ବିଭାଗ ଅଧିକାରୀ ଡିଏଫଓ ଭରଦ୍ୱାଜ ଗାଓଁଙ୍କର ପ୍ରକାଶ କରିଛନ୍ତି। ବିଶେଷଜ୍ଞଙ୍କ ମତ କିନ୍ତୁ ଅଲଗା, ସେମାନଙ୍କର କହିବା କଥା କଇଁଛମାନେ ୧୦ରୁ ୧୨ବର୍ଷ ପରେ ଥରେ ଥରେ ଅଣ୍ଡା ନ ଦେଇ ଫେରିଯାନ୍ତି। ବର୍ତ୍ତମାନ ପ୍ରତିକୂଳ ପରିବେଶ ତାଙ୍କୁ ପ୍ରତିବନ୍ଧକର ମୁଖ୍ୟ କାରଣ ବୋଲି କୁହାଯାଉଛି। ଋଷିକୂଲ୍ୟାରେ ହୋଇଥିବା ସମୂହ ଅଣ୍ଡାଦାନ ସଂଖ୍ୟା ଖୁବ୍ ନଗଣ୍ୟ ହୋଇଥିବା ବେଳେ ଗହୀରମଥାରେ ସମୂହ ଅଣ୍ଡାଦାନକୁ ସଭିଏଁ ଅପେକ୍ଷା କରିଛନ୍ତି। ପ୍ରକୃତିର ବିବର୍ତ୍ତମାନରେ ଧୀରେ ଧୀରେ ୭ କିଲୋମିଟର ବ୍ୟାପୀ ଏହି ଗହୀରମଥା ଦ୍ୱୀପଟି ସାଗର ଗର୍ଭରେ ଲୀନହୋଇ ଏବେ ୧ କି.ମି.କୁ ସଂକୁଚିତ ହୋଇସାରିଛି। ଯାହା ପ୍ରାଣୀ ବୈଜ୍ଞାନିକଙ୍କ ମୁଣ୍ଡ ବ୍ୟଥାର କାରଣ ହେଲାଣି। ଅପରପକ୍ଷରେ ଅନ୍ଧାର ପକ୍ଷ୍ୟ ସହିତ ଦକ୍ଷିଣା ପୂର୍ବେଇ ପବନ ଆଗମନରେ ହିଁ ସମୂହ ଅଣ୍ଡାଦାନ କରିବା ସମୟ ଅନୁକୂଳ ହୋଇଥାଏ। ଚଳିତବର୍ଷ ସର୍ବାଧିକ କଇଁଛ ଅନ୍ତୁଡ଼ିଶାଳରେ ଲୀଳାଖେଳା କରିବା ପୂର୍ବରୁ ମୃତ୍ୟୁ ମୁଖରେ ପଡୁଛନ୍ତି; ଯାହାକି ପରିବେଶ ସୁରକ୍ଷା କର୍ମୀଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। ଚଳିତ ବର୍ଷ ମା’ କଇଁଛମାନେ ଗଣ ଅଣ୍ଡାଦାନରେ ସାମିଲ ହେବେ ନା ଫେରିଯିବେ ତାହା ସମୟ କହିବ।

# ବ୍ଲକ୍, ପୋଲିସ ପ୍ରଶାସନ ଉପରେ ବର୍ଷିଲେ ଅତନୁ

## ମିଥ୍ୟା ମାମଲା ରୁଜୁକରି ବାପାଙ୍କ ଶୁଦ୍ଧିକ୍ରିୟାରୁ ବଞ୍ଚିତ ବିଜେଡି କର୍ମୀ

**ମହାକାଳପଡ଼ା, ୨।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ) :**


ବ୍ଲକ୍ ବିଜେଡି କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

୨୦୨୪ ସାଧାରଣ ନିର୍ବାଚନ ପରେ ଗୁରୁବାର ପ୍ରଥମ ଥର ବ୍ଲକ୍ ବିଜେଡି କାର୍ଯ୍ୟାଳୟ ଠାରେ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ପକ୍ଷପାତିତା, ବୃହତ୍ ଶିଳ୍ପ କରିଡର ଆନ୍ଧ୍ରପ୍ରଦେଶକୁ ସ୍ଥାନାନ୍ତର, ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ନେଇ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବର୍ଷିଛନ୍ତି। ଏପରିକି ବିଜେଡିର ଆଗ ଧାଡ଼ିର କର୍ମୀମାନଙ୍କ ବିରୋଧରେ ମିଥ୍ୟ ମାମଲା ରୁଜୁକରି ଫସାଇ ଦେଉଛନ୍ତି। ଫଳରେ ରାଜଗଡ ପଞ୍ଚାୟତର ଜଣେ କର୍ମୀ ତଥା ପୂର୍ବତନ ବ୍ଲକ ଆମ୍ବା ଅଧ୍ୟକ୍ଷ ଅଶୋକ କୁମାର ମହାପାତ୍ରଙ୍କ ନାମରେ ମିଥ୍ୟା ମାମଲା ପୋଲିସ ରୁଜୁ କରିଛି। ମହାପାତ୍ରଙ୍କୁ ପୋଲିସ ଲଗାଇ ଗିରଫ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତାଙ୍କ ବାପାଙ୍କ ପରଲୋକ ପରେ ହିନ୍ଦୁଶାସ୍ତ୍ର ମତରେ ଦଶାହ ଶୁଦ୍ଧି କ୍ରିୟା ପାଳନରୁ ସେ ବଞ୍ଚିତ ହୋଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ନାୟକ ଗୁରୁତର ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ରାଜଗଡ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବିଲ୍‌କୁ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୃତ୍ୟୁଞ୍ଜୟ ରାଉତଙ୍କ ସହିତ ଅଶୋକ କୁମାର ମହାପାତ୍ରଙ୍କ ସ୍ତ୍ରୀ ସରପଞ୍ଚ ମମତା ସାମଲଙ୍କ ମଧ୍ୟରେ ୮୬ଲକ୍ଷ ଟଙ୍କା କ୍ୟାଶ୍ ବୁକ୍‌ରେ ସ୍ୱାକ୍ଷର କରିବା ପାଇଁ ବିବାଦ ଉଗ୍ରରୂପ ନେଇଥିଲା। ଫଳରେ ସରପଞ୍ଚ ସାମଲଙ୍କ ସ୍ୱାମୀ ଅଶୋକ ନିର୍ବାହୀ ଅଧିକାରୀ ରାଉତଙ୍କୁ ମାଡ଼ ମାରିବା ନେଇ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଅଶୋକଙ୍କ ବିରୋଧରେ ପୋଲିସ ଗିରଫ କରିବା ପାଇଁ ଛାନ୍‌ଭିନ କରିଥିଲେ। ଏହି କିଛିଦିନ ପୂର୍ବରୁ ଅଶୋକଙ୍କ ବାପାଙ୍କ ଦେହାନ୍ତ ପରେ ପୋଲିସ ଗିରଫ ଭୟରେ ଦଶାହ ଶୁଦ୍ଧିକ୍ରିୟା ପାଳନରୁ ବଡ ପୁଅ ଅଶୋକ ବଞ୍ଚିତ ହୋଇଛନ୍ତି। ଏହା ଅତ୍ୟନ୍ତ ଅସ୍ୱାଭାବିକ ଓ ନିନ୍ଦନୀୟ ଘଟଣା ବୋଲି ସରପଞ୍ଚ ସାମଲ ବଖାଣି ଥିଲେ। ଅପରପକ୍ଷରେ ଆଗାମୀ ୨ ସପ୍ତାହ ମଧ୍ୟରେ ନ୍ୟାୟ ନ ମିଳିଲେ ବାଧ ହୋଇ ବ୍ଲକ୍ ବିଜେଡି ପକ୍ଷରୁ ମହାକାଳପଡ଼ା ଥାନା ଅଗରେ ଆନ୍ଦୋଳନ କରିବାକୁ ପୂର୍ବତନ ମନ୍ତ୍ରୀ ନାୟକ ଚେତାବନୀ ଦେଇଛନ୍ତି। ବିଜେଡି ଲୋକମାନଙ୍କୁ ବିଭିନ୍ନ ସମୟରେ ହଇରାଣ କରାଯାଉଛି ବୋଲି ଉପସ୍ଥିତ ଥିବା ଜନ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ସମ୍ମିଳନୀରେ ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ଅପୁ ପରିଡ଼ା, ବିଜୟ ଜେନା, ମନୋଜ କୁମାର ପାତ୍ର, ସୁରଭୀ ଜେନାଙ୍କ ସମେତ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଘେରିଲେ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ

## ଅବହେଳିତ, ଅପମାନିତ ପ୍ରତିବାଦରେ ସ୍ମାରକପତ୍ର

- ଉନ୍ନୟନ କାର୍ଯ୍ୟ ବିଷୟରେ ଜଣାଉନାହାନ୍ତି
- କର୍ମଚାରୀ ରାଜ୍‌କୁ ବନ୍ଦ ନ କଲେ ବ୍ଲକ ଘେରାଉ ଚେତାବନୀ

ନୟାଗଡ଼,୨।୪(ଲୋକନାଥ ମିଶ୍ର)

ନୟାଗଡ଼ ବିଡିଓଙ୍କୁ ଗୁରୁବାର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଘେରିଛନ୍ତି। ଏପରି କି ବିଜେଡି ଜିଲା ପରିଷଦ ସଭ୍ୟମାନେ ମଧ୍ୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ଆନ୍ଦୋଳନକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା। ବ୍ଲକ କାର୍ଯ୍ୟାଳୟରେ ଚାଲିଥିବା କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ବନ୍ଦ କରିବାକୁ ବିଡିଓଙ୍କୁ ଅବଗତ କରାଇଲେ। ସେମାନଙ୍କ ପ୍ରତି କରାଯାଉଥିବା ଅବହେଳା ଓ ଅପମାନିତ କାର୍ଯ୍ୟ ସମ୍ପର୍କରେ ଫେରାଦ ହେଲେ। ସରକାର ବଦଳିବା ପରେ ପଞ୍ଚାୟତସ୍ତରର ଲୋକପ୍ରତିନିଧିଙ୍କ କ୍ଷମତା ହ୍ରାସ ହେଉଥିବାରୁ ସ୍ମାରକପତ୍ର ଦେଇ ଦାବି ପୂରଣ ନ ହେଲେ ବ୍ଲକ ଘେରାଉ କରିବାକୁ ଚେତାବନୀ ମଧ୍ୟ ଦେଇଛନ୍ତି।

ଏନେଇ ବାଲୁଗାଁ ସରପଞ୍ଚ ମନୋଜ ନାୟକ କୁହନ୍ତି, ନୟାଗଡ଼ ବ୍ଲକରେ ସରପଞ୍ଚ, ସମତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖା କରାଯାଉଛି। ସରକାରଙ୍କ ଯୋଜନା ସମ୍ପର୍କରେ ଲୋକ ପ୍ରତିନିଧିଙ୍କୁ ଜଣାଯାଉ ନାହିଁ। ପଞ୍ଚାୟତର ଗରିବାଗୁରୁବା ହିତାଧିକାରୀ ଯୋଜନାରେ ସାମିଲ ହେବା ପାଇଁ ପଞ୍ଚାୟତ ପକ୍ଷରୁ ରିପୋର୍ଟ ଦିଆ ଯାଇଥିବା ବେଳେ ସେମାନଙ୍କର ନାଁ କାଟି ଦିଆଯାଉଛି। ନୂଆ ଲୋକଙ୍କୁ ମନଇଚ୍ଛା ଚୟନ କରାଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ଯୋଜନାରୁ ବାଦ୍ ପଡୁଛନ୍ତି। ବ୍ଲକର ସରକାରୀ କର୍ମଚାରୀମାନେ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରୁଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଇଛୁ। ବିଡିଓ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନ ହେଲେ ଆମେ ବ୍ଲକ ଅଫିସ ଘେରିବୁ। ଗାଁ ଲୋକଙ୍କୁ ଆଣି ସମାବେଶ କରି ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ମୁହଁତୋଡ ଜବାବ ଦେବୁ ବୋଲି କହିଥିଲେ। ନାଟୁଗାଁ ସରପଞ୍ଚ ସାଗରବାଳା ବରାଳ କୁହନ୍ତି ସରକାର ବଦଳିବା ପରେ ଗାଁ ମୁଖ୍ୟମନ୍ତ୍ରୀ କୁହାଯାଉଥିବା ସରପଞ୍ଚ ଅଲୋଡା, ଉପେକ୍ଷିତ ଓ ଅଣଦେଖା ହୋଇଯାଇଛନ୍ତି। ଆମେ ବିଜେଡି ସମର୍ଥିତ ବୋଲି କ'ଣ ପଞ୍ଚାୟତ ସ୍ତରରେ ସରପଞ୍ଚ ଓ ସମିତି ସଭ୍ୟଙ୍କର କ୍ଷମତାକୁ ହାଇଜାକ୍ କରି ଦିଆଯିବ। ପଞ୍ଚାୟତର ଯେଉଁଠି କାର୍ଯ୍ୟର ଆବଶ୍ୟକତା ରହିଛି ସେଠାରେ ଆମେ କାମ କରିବାକୁ ସ୍ଥାନ ଚୟନ କରୁଛୁ। ତେବେ ପଞ୍ଚାୟତ ପ୍ରକଳ୍ପ ବା ଉନ୍ନୟନ କାର୍ଯ୍ୟଗୁଡିକ ଭାଜପା କର୍ମୀ ଡାଇଭର୍ଟ କରି ନେଉଛନ୍ତି। ଆମେ ଏଇଟା କରିବୁ, ସେଇଟା କରିବ ଦର୍ଶାଇ ବ୍ଲକ ତରଫରୁ ଆମକୁ କାମ କରିବାକୁ ନିର୍ଦ୍ଦେଶ ରହିଛି ବୋଲି କହି କାମ କରୁଛନ୍ତି। ସରକାରଙ୍କ ତରଫରୁ ଯାହା କାମ ଆସୁଛି ସବୁ କାମ ଭାଜପା କର୍ମୀ କରିବେ। ପଞ୍ଚାୟତରେ ବିଜେଡି ଭାଜପା କ'ଣ ଅଛି ଯେ, ଏପରି କରାଯାଉଛି। ପଚାରିଲେ କହୁଛନ୍ତି କ'ଣ ନା ଭାଜପା ସରକାର। ସରକାର ତ ସମସ୍ତଙ୍କର। ସରପଞ୍ଚ ବି ସରକାର। ଆମେତ କହୁନୁ ବିଜେଡି ବାଲା କରିବେ। ଏଭଳି କାମ କରିବାକୁ ବ୍ଲକ ତରଫରୁ କିଏ ନିର୍ଦ୍ଦେଶ ଦେଉଛୁ ଆମେ ଜାଣିନୁ କହି କ୍ଷୋଭ ପ୍ରକାଶ କରିଥିଲେ। ଆମ ଦାବି ନ ଶୁଣିଲେ ପ୍ରତି ପଞ୍ଚାୟତରୁ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆଣି ଆନ୍ଦୋଳନ କରିବୁ ବୋଲି କହିଛନ୍ତି। ମୁଥାଗାଡିଆ ସମିତି ସଭ୍ୟ ହାତୀ କୁହନ୍ତି, ଗ୍ରାଉଣ୍ଡ ଜିରୋରେ ସରପଞ୍ଚ ଓ ସମିତି ସଭ୍ୟ ରହିଲେ। ହେଲେ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ନେଇ ସରପଞ୍ଚ ଓ ସମିତି ସଭ୍ୟ ନ ଜାଣିଲେ ସରପଞ୍ଚ ଓ ସମିତି ସଭ୍ୟଙ୍କ କ୍ଷମତା ହ୍ରାସ ପାଇ ପଦମର୍ଯ୍ୟାଦା ହାନି ହେଉଛି। ଆମର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଚେୟାରମ୍ୟାନ, ଜିଲା ପରିଷଦ ଚେୟାରମ୍ୟାନ ଓ ଦଳୀୟ ବିଧାୟକ ଥାଇ ବି ଆମେ ଅଲୋଡା ହେଉଥିବାରୁ କ୍ଷୋଭ ବଢୁଛି।

ବ୍ଲକ ପ୍ରଶାସନର ମାଲିକ ବିଡିଓ ହେଉଥିବାରୁ ଆମେ ବିଡିଓଙ୍କୁ ଲୋକ ପ୍ରତିନିଧିଙ୍କର ଅସୁବିଧା ସମ୍ପର୍କରେ ଅବଗତ କରାଇଛୁ। ବିଡିଓ ଏହାର ସମାଧାନ ନ କରାଇଲେ ଆନ୍ଦୋଳନ ମାଧ୍ୟମରେ ଏହାର ଜବାବ ଦିଆଯିବ ବୋଲି କହିଥିଲେ। ସରପଞ୍ଚ ନିରଞ୍ଜନ ବିଧାର କୁହନ୍ତି, ବିକଶିତ ଗାଁ ବିକଶିତ ଓଡ଼ିଶା, ଅନ୍ତ୍ୟୋଦୟ ଗୃହ ଯୋଜନା, ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଯୋଜନା ପରି ଅନେକ ଯୋଜନା ପଞ୍ଚାୟତରେ ଚାଲିଛି। ତେବେ ସମ୍ପୃକ୍ତ ଯୋଜନା ସମ୍ପର୍କରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କୁ ଅବଗତ କରାଯାଉନି। ପଞ୍ଚାୟତର ଯୋଜନା ସମ୍ପର୍କରେ ମତାମତ ନ ନେବା ଓ ଅଣଦେଖା କରିବା ପ୍ରତି ଜନ ପ୍ରତିନିଧିଙ୍କୁ ଅପମାନିତ କରାଯାଉଛି। ଯାହାକି ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କର ପଦମର୍ଯ୍ୟାଦା ହାନି କରୁଅଛି। ଏହାର ପ୍ରତିବାଦରେ ଆନ୍ଦୋଳନ ଆରମ୍ଭ ହୋଇଛି ବୋଲି କହିଛନ୍ତି। ବିଡିଓ ଐଶ୍ୱର୍ଯ୍ୟା ଭୂୟାଁଙ୍କୁ ସରପଞ୍ଚ ଓ ସମିତି ସଭ୍ୟମାନଙ୍କର ଆନ୍ଦୋଳନ ଓ ସମସ୍ୟା ସମ୍ପର୍କରେ ପଚାରିବାରୁ ଯାହା ଲେଖୁଛ ଲେଖ। ମୁଁ କିଛି କହି ପାରିବି ନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନକୁ ଏଡାଇ ଯାଇଥିଲେ।



ବିଡିଓଙ୍କ ନିକଟରେ ସରପଞ୍ଚ ଓ ସମିତି ସଭ୍ୟମାନେ ଫରାଦ ହେଉଛନ୍ତି ।

# ୩୨ ଗ୍ୟାସ୍ ସିଲିଣ୍ଡର ଜବତ କଲା ଏନ୍‌ଫୋର୍ସମେଣ୍ଟ ଟିମ୍



ଜବତ ହୋଇଥିବା ସିଲିଣ୍ଡର ।

## ବୁକିଂ ଗ୍ୟାସ୍ ନ ଦେବାରୁ ଉତ୍ତେଜନା

ରଣପୁର, ୨।୪ (ସୁକାନ୍ତ କିଶୋର ଡାକୁଆ)

ରଣପୁର ଅଞ୍ଚଳରେ ବେଆଇନ ରନ୍ଧନ ଗ୍ୟାସ୍ କଳାବଜାର ବୃଦ୍ଧି ପାଉଛି। ଫଳରେ ଗୋଟିଏ ଗ୍ୟାସ୍‌କୁ ଦୁଇ ହଜାର ଟଙ୍କାରୁ ୩ ହଜାର ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୁରୁବାର ରଣପୁର ବ୍ଲକ ସୁନାଖଳାର ରଘୁନାଥ ସାହୁଙ୍କ ଘରେ ସ୍ଥାନୀୟ ତହସିଲଦାର, ବିଡିଓ ଏବଂ ଯୋଗାଣ ବିଭାଗ କର୍ମଚାରୀ ଚଢ଼ାଉ କରି ଇଣ୍ଡିଆନ, ଭାରତ ଓ ଏଚ୍‌ପି କମ୍ପାନୀର ୩୨ଟି ଗ୍ୟାସ୍ ସିଲିଣ୍ଡର ଜବତ କରିଛନ୍ତି । ଗୋଟେ ପଟେ ଗ୍ୟାସ୍ ସଙ୍କଟ ଦେଖାଯାଇଥିବା ବେଳେ ଏହାର ସୁଯୋଗ କେତେକ ଅସାଧୁ ବ୍ୟକ୍ତି କଳା ବଜାର କରୁଛନ୍ତି। ଆଗାମୀ ଦିନରେ ଗ୍ୟାସ୍ କଳାବଜାର ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି। ଅନ୍ୟପଟେ ସଧାରଣ ଉପଭୋକ୍ତା ଗ୍ୟାସ୍ ବୁକିଂ କରିଥିଲେ ମଧ୍ୟ ମାସମାସ ଧରି ତାଙ୍କୁ ଦିଆଯାଉ ନାହିଁ। କେତେଜଣ ଗ୍ରାହକ କିଛି ଦିନ ତଳେ ବୁକିଂ କରିଥିଲେ ମଧ୍ୟ ତାଙ୍କ ସିଲିଣ୍ଡର ସେମାନଙ୍କୁ ଦିଆହୋଇଥିବା କହିବାରୁ ହାଟସାହିଠାରେ ଥିବା ଏଜେନ୍ସି ଆଗରେ ହୋହଲା ହୋଇଥିଲା। ମାଲିକ ଆସି ବୁଝାଶୁଝା କରିବାରୁ ଗ୍ରାହକ ଶାନ୍ତ ପଡ଼ିଥିଲେ।

# ଅବକ୍ଷୟମୁଖୀ ପ୍ରାଚୀନ କଳା ସଂସ୍କୃତି, ଚଇତି ପର୍ବ

ଖଣ୍ଡପଡା,୨।୪ (ଅଜୟ କୁମାର ମହାରଣା)



ମା' ବାସୁଳୀ

କୈବର୍ତ୍ତ ସମ୍ପ୍ରଦାୟର ଆରାଧ୍ୟ ହେଉଛନ୍ତି ମା' ସିଦ୍ଧ ବାସୁଳୀ। ଘୋଡ଼ାନାଚ ବାସୁଳୀ ପୂଜାର ଅଂଶ ବିଶେଷ। ଆମ କଳା ସଂସ୍କୃତିକୁ ପରିପୁଷ୍ଟ କରିବା ଦିଗରେ ଘୋଡ଼ାନାଚର ବହୁ ଅବଦାନ ରହିଛି। ଚଇତ୍ର ଆସିଲେ ଏହି ଲୋକନାଟରେ ମୁଖରିତ ହୋଇଉଠେ ଓଡ଼ିଶାର ପୁରପଲ୍ଲୀ। କଣ୍ଟିଲୋ ଅଞ୍ଚଳ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ପାଳନ କରଥାନ୍ତି ଏହି ପର୍ବକୁ। ବାସୁଳୀ ଅର୍ଥାତ୍ ଘୋଡ଼ାକୁ ଲୋକେ ପୂଜା କରିବା ପରେ ପାରମ୍ପରିକ ଘୋଡ଼ାନାଚ ମାଧ୍ୟମରେ ଏହି ପର୍ବର ମାହାତ୍ମ୍ୟ ପ୍ରଚାର କରଥାନ୍ତି। ପ୍ରାଚୀନ କଳା ସଂସ୍କୃତିର ଏହି ଘୋଡ଼ାନାଚ ସମୟର ପରିବର୍ତ୍ତନ ଧାରାରେ ଏବେ ଅବକ୍ଷୟମୁଖୀ।

ଗୁରୁବାର ଚୈତ୍ର ପୂର୍ଣ୍ଣମୀ ତିଥିରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ଓ କଣ୍ଟିଲୋ ଫକୀରଅତବୁଦ୍ଧିପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ସିଧାମୂଳା ତଳ କେଉଟସାହି ଓ କଣ୍ଟିଲୋ କଂସାରୀ ସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡ ଦୁଆରେ ଏକ ଘୋଡ଼ା ମୁଣ୍ଡ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଶକ୍ତିରୂପିଣୀ ବାସୁଳୀଙ୍କ ପୂଜା ସହ ପାଳିତ ହୋଇଥାଏ ଏହି ସମ୍ପ୍ରଦାୟର କୌଳିକ ପର୍ବ ଚଇତି। ସବୁ ଲୋକନାଟକ ପରି ଘୋଡ଼ାନାଚ ତିନୋଟି ଭାବଧାରା ସହ ସଂଯୁକ୍ତ। ବିଶ୍ୱାସ, ଆନୁଷ୍ଠାନିକ ପୂଜା ପାର୍ବଣ ଓ ମନୋରଞ୍ଜନ। ଘୋଡାନାଚ ଏକ ସାମ୍ପ୍ରଦାୟିକ ଲୋକନାଚ ଦୃଷ୍ଟିରୁ ଏହାର ଆଧ୍ୟାତ୍ମିକ ଭିତ୍ତି ସେହି ସମ୍ପ୍ରଦାୟ ମଧ୍ୟରେ ସୀମିତ। କିନ୍ତୁ ମନୋରଞ୍ଜନ ଦିଗଟି ସର୍ବ ଲୋକାଦୃତ।

କୈବର୍ତ୍ତମାନେ ଏକାଠି ହୋଇ ବାସୁଳୀଙ୍କ ପ୍ରତୀକ ଅଶ୍ୱ ମୁଖାକୁ ସଜାଇ ଏକ ବେଦି ଉପରେ ରଖି ପୂଜା କରିବା ସମୟରେ ମା'ବାସୁଳୀଙ୍କୁ ଭୋଗ ମଧ୍ୟରେ ଫଳମୂଳ ସହିତ ଅଣ୍ଡା, ମାଛ ଓ କୁକୁଡା ବଳି ଦେଇଥିଲେ। ଅପରାହ୍ନ ପ୍ରାୟ ୨ଟାରେ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ(କାଷ୍ଠ ନିର୍ମିତ ଅଶ୍ୱ ମୁଣ୍ଡ)ଠାକୁରାଣୀଙ୍କୁ ଫୁଲମାଳରେ ସଜ୍ଜିତ କରି ବାଉଁଶରେ ନିର୍ମିତ ଘୋଡ଼ାକୁ ବେଶ କରି ଗ୍ରାମ ମଧ୍ୟରେ ପୂଜା ଓ ବନ୍ଦାଣ ପାଇଁ ବିଜେ କରା ଯାଇଥିଲା। ଏହି ପର୍ବ ଚୈତ୍ର ପୂର୍ଣ୍ଣମୀଠାରୁ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ପରମ୍ପରା ଥିଲେ ମଧ୍ୟ ଏଠାରେ ମାତ୍ର ୪ ଦିନ କାର୍ଯ୍ୟକ୍ରମ ପାଳନ କରାଯାଇଥାଏ।

ଚଇତି ପର୍ବର ପ୍ରଥମ ଦିବସ। ଏହି ଅବସରରେ ମା'ବାସୁଳୀଙ୍କୁ ଏକ ପାଟପଚୁଆରରେ ଗ୍ରାମ ପରିକ୍ରମା କରି ପ୍ରଥମେ ବାସୁଳୀ ରହୁଥିବା ଚିତ୍ତରଞ୍ଜନ ବେହେରାଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଚେରୀ ଖାଇଥିଲେ। ପରେ ବାସୁଳୀଙ୍କୁ ଗାଁ କୋଠ ଘରକୁ ବିଜେ କରାଯାଇଥିଲା। ସନ୍ଧ୍ୟାରେ ବାସେଳୀଙ୍କୁ ନୀଳମାଧବ ମନ୍ଦିର ସିଂହଦ୍ୱାରକୁ ବିଜେ କରାଯାଇ ପୂଜା କରାଯାଇଥିଲା। ଏ ଅବସରରେ ଆଜିଠାରୁ ୫ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ସଭାପତି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଏ ଅବସରରେ ବରୁଣେଇଙ୍କ ପୀଠରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି।

ସୂଚନାଯୋଗ୍ୟ, ଏହି ପର୍ବରେ ଅଶ୍ୱକୁ ବେଶ କରାଯାଇ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାନ୍ତି। ଘୋଡା ସବାର ହୋଇଥିବା ବ୍ୟକ୍ତିଙ୍କୁ ରାଉତ କୁହାଯାଏ। ରାଉତଙ୍କ ୨ ସହ ଧର୍ମିଣୀ ଘୋଡାନାଚ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ ଠାକୁରାଣୀଙ୍କ ମହିମା ସମ୍ପର୍କରେ ରାଉତଙ୍କ ପ୍ରଶ୍ନର ଉତ୍ତର ପାରମ୍ପରିକ ଗୀତ ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦନ



@ ରଞ୍ଜିତା



@ ଶଙ୍କର



@ ଶଶିକାନ୍ତ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶା ଦିବସ ପାଳିତ

# ଉତ୍କଳର କଳା, ସଂସ୍କୃତି ମହାନ୍



ଅତିଥିମାନେ ଉତ୍କଳ ଜ୍ୟୋତିକୁ ଲୋକାର୍ପିତ କରୁଛନ୍ତି।

ଖଣ୍ଡପଡା,୨।୪(ଅଜୟ କୁମାର ମହାରଣା)

ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଉତ୍କଳପୀଠ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କର ପୂଜାର୍ଚ୍ଚନା ସହ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ସମାରୋହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଜି.ଏସ.ଆର କୃଷ୍ଣମୂର୍ତ୍ତିଙ୍କ ଶୁଭକାମନା ବାର୍ତ୍ତା ଏବଂ ଶୈକ୍ଷିକ ସଂକାୟ ପ୍ରମୁଖ ପ୍ରଫେସର ରଜନୀକାନ୍ତ ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଉତ୍କଳପୀଠ ନିର୍ଦ୍ଦେଶକ ପ୍ରଫେସର ଭାରତ ଭୂଷଣ ରଥ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ମାନୀତ ଅତିଥି କୁଳସଚିବ କେ ଭେଙ୍କେଟନାରାୟଣ ରାଓ ପୁରୀ ଓ ସାକ୍ଷୀଗୋପାଳର ଦିବ୍ୟତାକୁ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଭାବରେ ଉତ୍କଳପୀଠର ମାର୍ଗଦର୍ଶକ ପ୍ରଫେସର ଜୀ. ଶଙ୍କରନାରାୟଣନ୍ ସୁଦୂର ଆନ୍ଧ୍ରପ୍ରଦେଶ ତିରୁପତି ହେଉଛି ଶ୍ରୀ ଭେଙ୍କେଟଶ୍ୱରଙ୍କର ଦିବ୍ୟ କ୍ଷେତ୍ର। ଏହି କ୍ଷେତ୍ର ସହିତ ଉତ୍କଳର ସମ୍ପର୍କ ଏବଂ କାଞ୍ଚିପୁରମ୍ ସହିତ ଉତ୍କଳର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ସାହିତ୍ୟ ସଂସ୍କୃତି ସଂକାୟ ପ୍ରମୁଖ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଉତ୍କଳ ଦିବସର ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟ ବିଦ୍ୟାଧିକାରୀ ପ୍ରଫେସର ରାଧାଗୋବିନ୍ଦ ତ୍ରିପାଠୀ ଉତ୍କଳର କଳା, ସଂସ୍କୃତିର ମହନୀୟତାକୁ ପ୍ରତିପାଦନ କରିଥିଲେ। ସୁଇମ୍ସ ମେଡିକାଲ କଲେଜର ପ୍ରଫେସର ଆଲୋକ ସାମନ୍ତରାୟ ଉତ୍କଳର ଗଣଦେବତା ଶ୍ରୀ ଜଗନ୍ନାଥଙ୍କର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ଏହି ଅବସରରେ ଅତିଥିଙ୍କ କରକମଳରେ ବାର୍ଷିକ ପତ୍ରିକା ଉତ୍କଳ ଜ୍ୟୋତି ଲୋକାର୍ପିତ ହୋଇଥିଲା। ଓଡ଼ିଶା ସରକାରଙ୍କର ଆର୍ଥିକ ସହାୟତାରେ ପ୍ରତିଷ୍ଠାପିତ ଉତ୍କଳ ପୀଠ ଏବଂ ତିରୁପତିରେ ବାସ କରୁଥିବା ଉତ୍କଳୀୟଙ୍କ ଦ୍ୱାରା ସ୍ଥାପିତ ଉତ୍କଳ ପରିଷଦର ବିବିଧ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହ ପ୍ରତିଯୋଗୀତାରେ ପୁରସ୍କାର ପାଇଥିବା ଛାତ୍ରୀଛାତ୍ରଙ୍କ ସହିତ ମାନ୍ୟଗଣ୍ୟ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ପ୍ରଫେସର ପାରମିତା ପଣ୍ଡା ସଞ୍ଚାଳନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ନିରଞ୍ଜନ ମିଶ୍ର, ପ୍ରଦୀପ କୁମାର ଦାଶ, ଡ. ତପନ କୁମାର ଘଡେଇ ଓ ଡ. ସୁଧାଂଶୁ ଶେଖର ମହାପାତ୍ର ପ୍ରମୁଖ ଏବଂ ବିଶ୍ୱ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧିକାରୀ, କର୍ମଚାରୀ, ଗବେଷିକା, ଗବେଷକ ତଥା ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପରିଶେଷରେ ଉତ୍କଳୀୟ କଳା ଓ ସଂସ୍କୃତିର ପ୍ରଦର୍ଶନ କରାଯାଇଥିଲା।

# ନୟାଗଡ଼ରେ ହେଲାନି ସକାଳୁଆ ସ୍କୁଲ

## ନିର୍ଦ୍ଦେଶନାମାକୁ ଅଣଦେଖା ପରେ ଶିକ୍ଷକଙ୍କ ଉଦ୍‌ବେଗ

### ଜିଲାପାଳଙ୍କୁ ଫେରାଦ ହେଲେ ବିଭିନ୍ନ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତା

ନୟାଗଡ଼,୨।୪(ଲୋକନାଥ ମିଶ୍ର)

ଅନ୍ୟ ଜିଲାରେ ଏପ୍ରିଲ ୨ରୁ ସକାଳୁଆ ସ୍କୁଲ ହୋଇଥିବା ବେଳେ ନୟାଗଡ଼ରେ ସରକାରୀ ନିର୍ଦ୍ଦେଶନାମାକୁ ଅଣଦେଖା କରାଯାଇଥିବା ଅଭିଯୋଗ ଉଠିଛି। ନୟାଗଡରେ ଗ୍ରୀଷ୍ମ ପ୍ରକୋପ ଓ ଗୁଳୁଗୁଳି ବଢ଼ି ଚାଲିଥିବା ବେଳେ ସ୍କୁଲ ସକାଳୁଆ ନ ହେବା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ାଇଛି। ସେପଟେ ଏପ୍ରିଲ ୨ରେ ସକାଳୁଆ ସ୍କୁଲ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଥିବାବେଳେ ଏହାକୁ ଶିକ୍ଷା ବିଭାଗ କାହିଁକି କାର୍ଯ୍ୟକାରୀ କରିଲା ନାହିଁ ବୋଲି ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି। କିଛି ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲକୁ ଏପ୍ରିଲ ୨ରେ ସକାଳୁଆ କରାଯିବ ବୋଲି କହିଥିଲେ ହେଁ ଜିଲା ଶିକ୍ଷା ଅଧିକାରୀଙ୍କ ନୀରବତା ଯୋଗୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଭଳିସ୍ଥଳେ ସ୍କୁଲକୁ ସକାଳୁଆ କରିବା ପାଇଁ କିଛି ଶିକ୍ଷକ ସଙ୍ଗଠନ ଗୁରୁବାର ଜିଲାପାଳ ମଧୁମିତା ରଥଙ୍କୁ ଭେଟି କ୍ଷୋଭ ଜଣାଇଛନ୍ତି। ନୟାଗଡ଼ ଜିଲାରେ ଏବେ ୩୮ରୁ ୪୧ ଡିଗ୍ରୀ ମଧ୍ୟରେ ତାପମାତ୍ରା ରହୁଛି। ପ୍ରଚଣ୍ଡ ଖରା ଓ ଝାଞ୍ଜି ପବନରେ ଛାତ୍ରୀ ଛାତ୍ର ସ୍କୁଲକୁ ଯାଇ ହଇରାଣ ହେଉଛନ୍ତି। ଶିକ୍ଷକ ସଙ୍ଗଠନ ପକ୍ଷରୁ ଓସ୍ତାର ନୟାଗଡ ବ୍ଲକ ସମ୍ପାଦକ ଅଭିମନ୍ୟୁ ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘ ନୟାଗଡ଼ ବ୍ଲକ ସମ୍ପାଦକ ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ଶିକ୍ଷକ ନେତା ଶେଖ୍ ଅବଦୁଲ ଖାଲିକ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ହୋଇ ଫେରାଦ୍ ହୋଇଛନ୍ତି। ଏନେଇ ଶିକ୍ଷକ ନେତା ଶିକ୍ଷକ ନେତା ଶେଖ୍ ଅବଦୁଲ ଖାଲିକ କୁହନ୍ତି, ଏପିଲ ୨ରେ ସକାଳୁଆ ସ୍କୁଲ ନ ହେବାରୁ ଗୁରୁବାର ଅପରାହ୍ନରେ ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଛୁ। ଅନ୍ୟ ଜିଲାରେ ସ୍କୁଲ ସକାଳୁଆ ହୋଇଥିବା ଚିଠି ଦେଖାଇଥିଲୁ। ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସକାଳୁଆ ସ୍କୁଲ କରିବାକୁ କହିଥିବା କହିଛନ୍ତି। ନୟାଗଡ଼ର ଅଭିଭାବକ ରାମକୃଷ୍ଣ ସାହୁ କୁହନ୍ତି, ନୂଆ ଶିକ୍ଷା ବର୍ଷ ଆରମ୍ଭ ହୋଇଛି। ତେବେ ପାଠପଢ଼ା ହୋଇନି। ତେବେ ଛାତ୍ରୀଛାତ୍ର ସ୍କୁଲକୁ ଯାଉଛନ୍ତି। ମାର୍ଚ୍ଚ ଖରାକୁ ଅନୁଧ୍ୟାନ କରି ୨୫ରୁ ସକାଳୁଆ ସ୍କୁଲ କରିବା କଥା। ହେଲେ କରାଗଲାନି। ଅନ୍ୟପକ୍ଷେ ଏପ୍ରିଲ ୨ରେ ସକାଳୁଆ ସ୍କୁଲ ପାଇଁ ସରକାରୀ ନିର୍ଦ୍ଦେଶନାମା ଥିବାବେଳେ ଜିଲାପାଳଙ୍କ ସହ ଆଲୋଚନା କରି ଜିଲା ଶିକ୍ଷା ଅଧିକାରୀ ସକାଳୁଆ ସ୍କୁଲ କରିବାକୁ ନିଷ୍ପତି ନେଇ ପାରି ଥାନ୍ତେ। ହେଲେ ଜିଲା ଶିକ୍ଷା ଅଧିକାରୀ ଚୁପଚାପ ହୋଇ ବସି ରହିଛନ୍ତି। କୌଣସି ଅଭିଭାବକ ଫୋନ କଲେ ଫୋନ ଉଠାଉ ନାହାନ୍ତି କି କଲ ବ୍ୟାକ୍ କରୁ ନାହାନ୍ତି। ଜିଲାପାଳ ପ୍ରଥମେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଚାନକ ଅନୁଧ୍ୟାନ କଲେ କଣ ଚାଲିଛି ଜାଣି ପାରିବେ ବୋଲି କ୍ଷୋଭର ସହ କହିଛନ୍ତି। ନୂଆଗାଁର ବିମଳା ନାୟକ କୁହନ୍ତି, କେତେକ ବେସରକାରୀ ଶିକ୍ଷାନୁଷ୍ଠାନ ସ୍କୁଲକୁ ସକାଳୁଆ କରି ସାରିଲେଣି। କୋର୍ଟ ମଧ୍ୟ ଚଳିତ ମାସ ୬ ତାରିଖରୁ ସକାଳୁଆ ହେବ ବୋଲି ଘୋଷଣା ହୋଇ ସାରିଲାଣି। ତେବେ ଜିଲା ଶିକ୍ଷା ବିଭାଗ ଚୁପ ବସିବା ତାର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି ବୋଲି କହିଛନ୍ତି।



ସକାଳୁଆ ସ୍କୁଲ ହେବା ନେଇ ଜିଲାପାଳଙ୍କୁ ଫେରାଦ ହେଉଛନ୍ତି ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ।



ଠିକ୍ ନିଷ୍ପତ୍ତି ନେବା ବିଷୟକୁ ମୁଁ ବିଶ୍ୱାସ କରେ ନାହିଁ, ବରଂ ନିଷ୍ପତ୍ତି ନେବା ପରେ ଏହାକୁ ଠିକ୍ କରିବାକୁ ଉଦ୍ୟମ କରେ।

– ରତନ୍ ଟାଟା





ବିଏସ୍ଇ ସେନ୍‌ସେକ୍ସ
୭୩,୩୧୯(+୧୮୬)



୧ ଡଲାର = ୯୨.୯୭ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୭.୬ ଡଲାର

# ‘ବାଏ ବ୍ୟାକ୍ ଶେୟାର’ ବ୍ୟବସ୍ଥା ଲାଗୁ କରିପାରେ ସେବି



**ମୁମ୍ବାଇ, ୨।୪**

ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ପୁଣିଥରେ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରିବ ବୋଲି ସୂଚନା ମିଳିଛି। ଏଥିପାଇଁ ଗୁରୁବାର ପ୍ରସ୍ତାବ ଦିଆଯିବା ସହ ସାମ୍ପ୍ରତିକ ସ୍ଥିତିରେ ଏହି ବ୍ୟବସ୍ଥାର ବିଭିନ୍ନ ଦିଗକୁ ତର୍ଜମା କରାଯାଉଛି। ବାଏ ବ୍ୟାକ୍ ବ୍ୟବସ୍ଥାରେ ସାଧାରଣତଃ ଷ୍ଟକ୍ ଏକ୍ସଚେଞ୍ଜ ମାଧ୍ୟମରେ ଯେକୌଣସି କମ୍ପାନୀ ଖୋଲା ବଜାରରୁ ନିଜର ବଳକା ଶେୟାର କିଣିବାକୁ ସୁଯୋଗ ମିଳିଥାଏ। ସାମ୍ପ୍ରତିକ ଟିକସ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହାର ପୁନଃ ପ୍ରଚଳନ ପାଇଁ ସେବି ପ୍ରସ୍ତାବ ଦେଇଛି। ପୂର୍ବରୁ ଟିକସ ବ୍ୟବସ୍ଥାକୁ ନେଇ ୨୦୨୫, ଏପ୍ରିଲ ୧ରେ ଏହାକୁ ବନ୍ଦ କରିଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିବାରୁ ବାଏ ବ୍ୟାକ୍ ଶେୟାର ବ୍ୟବସ୍ଥା ଲାଗୁ କରାଗଲେ କମ୍ପାନୀଙ୍କୁ ସୁବିଧା ମିଳିପାରିବ ବୋଲି ସେବି କହିଛି।

## ସୁଧୁରୁଛି ଶେୟାର ବଜାର

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଅସ୍ଥିର ରହିଆସିଥିବା ଭାରତୀୟ ଶେୟାର ବଜାରରେ ଗୁରୁବାର ସାମାନ୍ୟ ସୁଧାର ପରିଲକ୍ଷିତ ହୋଇଛି। କାରବାର ଆରମ୍ଭ ହେବା ମାତ୍ରେ ଏସୀୟ ବଜାର ପ୍ରଭାବରେ ମଧ୍ୟାହ୍ନ ସୁଦ୍ଧା ବିଏସ୍ଇ ସେନ୍‌ସେକ୍ସ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ଦ୍ରୁତ ଅବନତି ଘଟିଥିଲେ ହେଁ ପରବର୍ତ୍ତୀ ସମୟରେ ସ୍ଥିତିରେ ସୁଧାର ଆସିଛି। ବୁଧବାର କାରବାର ତୁଳନାରେ ସେନ୍‌ସେକ୍ସରେ ୧୮୬ ପଏଣ୍ଟ ବୃଦ୍ଧି ଘଟିବା ସହ କାରବାର ଶେଷବେଳକୁ ଏହା ୭୩,୩୧୯ରେ ବନ୍ଦ ରହିଛି। ସେହିପରି ନିଫ୍ଟି ୩୩ ପଏଣ୍ଟ ବୃଦ୍ଧିରେ ଏହା ୨୨,୭୧୩ ପଏଣ୍ଟରେ ବନ୍ଦ ରହିଛି। ଗୁରୁବାର କାରବାରରେ ଆଇଟି କ୍ଷେତ୍ରର ଶେୟାର ଭଲ ପ୍ରଦର୍ଶନ କରିଛି। ଆସନ୍ତାକାଲି ଗୁଡ୍ ଫ୍ରାଇଡେ ଯୋଗୁ ଷ୍ଟକ୍ ମାର୍କେଟ ବନ୍ଦ ରହୁଥିବାରୁ ମଧ୍ୟାହ୍ନ ପରେ ବିଭିନ୍ନ କ୍ଷେତ୍ରର କାରବାର ପୂର୍ବ ତୁଳନାରେ ଉନ୍ନତ ରହିଥିବା କୁହାଯାଇଛି।

# ସଚେତନତା ହିଁ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ



ଦୁର୍ଗା ପ୍ରିୟଦର୍ଶିନୀ

**‘ଗୋମାୟା ପେଣ୍ଟ୍‌ସ’ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଦୁର୍ଗା ପ୍ରିୟଦର୍ଶିନୀ ତାଙ୍କ ବ୍ୟବସାୟିକ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜଣେ ଗୃହିଣୀ ଭାବେ ସମାଜ ଓ ପରିବେଶ ପାଇଁ କିଛି କରିବାର ସ୍ୱପ୍ନ ଦେଖୁଥିଲେ। ୨୦୨୦ ମସିହାରେ ଡେଏରୀ ଫାର୍ମିଂ ବିଷୟରେ ଅନୁସନ୍ଧାନରୁ ଜାଣିପାରିଥିଲେ ଯେ ବଜାରରେ କ୍ଷୀରର ମୂଲ୍ୟ ଥିବାବେଳେ ଗୋବରକୁ ପ୍ରାୟତଃ ଅବହେଳା କରାଯାଉଛି, ଯଦିଓ ଏହାକୁ ନେଇ ଅନେକ ସମ୍ଭାବନା ରହିଛି। ସେହି ଚିନ୍ତାଧାରା ତାଙ୍କ ଜୀବନ ବଦଳାଇଦେଲା। ସେ ସ୍ଥିର କରିଥିଲେ ଯେ, ଲୋକେ ଯାହାକୁ ଆବର୍ଜନା ବୋଲି ବିବେଚନା କରନ୍ତି, ତାହାକୁ ଏକ ମୂଲ୍ୟବାନ୍ ପରିବେଶ ଅନୁକୂଳ ଉତ୍ପାଦରେ ରୂପାନ୍ତରିତ କରିବେ। ଏଥିପାଇଁ ସେ ଗୋମାୟା ପେଣ୍ଟ୍‌ସ ପ୍ରତିଷ୍ଠା କରିଥିଲେ। ଏହା କେବଳ ଏକ ରଙ୍ଗ କମ୍ପାନୀ ନୁହେଁ, ଏହା କୃଷକଙ୍କୁ ସମର୍ଥନ କରିବା, ପରିବେଶକୁ ସୁରକ୍ଷିତ ରଖିବାର ଏକ ମିଶନ। ଦୁର୍ଗାଙ୍କ ବ୍ୟବସାୟିକ ଯାତ୍ରା ସମ୍ପର୍କରେ ତାଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**ପ୍ର– ପରିବେଶ ଅନୁକୂଳ ଗୋବର ପେଣ୍ଟ ତିଆରି କରିବାର ଚିନ୍ତାଧାରା ଆପଣଙ୍କୁ କେଉଁଠାରୁ ମିଳିଲା ଏବଂ ଏହି ଧାରଣା କିପରି ଏକ ବ୍ୟବସାୟର ରୂପ ନେଲା?**

ଉ– ଡେଏରୀ ଟ୍ରେନିଂ ସମୟରେ ମୁଁ ଦେଖିଲି ଯେ ବୟସ୍କ ଗାଈମାନେ କ୍ଷୀର ନ ଦେବା ଫଳରେ ଚାଷୀମାନଙ୍କ ରୋଜଗାର ପ୍ରଭାବିତ ହେଉଛି। ଗୋବର ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିଲେ ମଧ୍ୟ ଏହାର କୌଣସି ବାଣିଜ୍ୟିକ ମୂଲ୍ୟ ପ୍ରାୟ ନ ଥିଲା। ଏହି ବର୍ଜ୍ୟକୁ ଏକ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦରେ କିପରି ପରିଣତ କରାଯାଇପାରିବ, ସେ ନେଇ ମନରେ ପ୍ରଶ୍ନ ଉଠିଥିଲା। ଚାଷୀ ଏବଂ ପରିବେଶ ଉଭୟକୁ ଲାଭଦାୟକ କରିବା ଉଦ୍ଦେଶ୍ୟରେ ଗୋବରର ପାରମ୍ପରିକ ବ୍ୟବହାର ଏବଂ ଆଧୁନିକ ପେଣ୍ଟ କେମିଷ୍ଟ୍ରି ଉପରେ ଗବେଷଣା କରି ଏକ ପରିବେଶ-ଅନୁକୂଳ ରଙ୍ଗ ବିକଶିତ କରିଥିଲୁ। ଏନେଇ ଅନେକ ପରୀକ୍ଷା, ବିଫଳତା ଏବଂ ସଂସ୍କାର ପରେ ଆମେ ସଫଳତା ପାଇଥିଲୁ। ଗୋମୟ ପେଣ୍ଟ୍ସ କେବଳ ରଙ୍ଗ ଉତ୍ପାଦନ କରେ ନାହିଁ, ବରଂ ଚାଷୀମାନଙ୍କଠାରୁ ଗୋବର କିଣି ଏକ ଗ୍ରାମୀଣ ଅର୍ଥନୈତିକ ଇକୋସିଷ୍ଟମ ମଧ୍ୟ ନିର୍ମାଣ କରିଛି, ଯାହାକି ସେମାନଙ୍କୁ ଅତିରିକ୍ତ ଆୟ ପ୍ରଦାନ କରୁଛି।

**ପ୍ର– ଗୋମୟ ପେଣ୍ଟ୍ସ ଅନ୍ୟ ସାଧାରଣ ଏବଂ ପରିବେଶ ଅନୁକୂଳ ପେଣ୍ଟ ବ୍ରାଣ୍ଡଠାରୁ କିପରି ଅଲଗା? ୧୫ ବର୍ଷ ପର୍ଯ୍ୟନ୍ତ ରହୁଥିବା ଏହି ଉତ୍ପାଦ ପାଇଁ କିପରି ଗବେଷଣା କରାଯାଇଛି?**

ଉ– ପାରମ୍ପରିକ ଜ୍ଞାନ ଏବଂ ଆଧୁନିକ ପ୍ରଯୁକ୍ତିର ମିଶ୍ରଣ ହେଉଛି ଆମର ସବୁଠାରୁ ବଡ଼ ଶକ୍ତି। ଗୋବରର ପ୍ରାକୃତିକ ଆଣ୍ଟି-ବ୍ୟାକ୍ଟେରିଆଲ ଏବଂ ଆଣ୍ଟି-ଫଙ୍ଗାଲ ଗୁଣ ବ୍ୟବହାର କରି କମ୍-ଭିଓସି (ଭୋଲାଟାଇଲ୍ ଅର୍ଗାନିକ୍ କମ୍ପାଉଣ୍ଡ୍‌ସ) ଏବଂ ବିଷାକ୍ତ ଦ୍ରବ୍ୟମୁକ୍ତ ଫର୍ମୁଲେଶନ ପ୍ରସ୍ତୁତ କରିଛୁ। ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ହୋଇଥିବାରୁ ୧୫ ବର୍ଷ ପର୍ଯ୍ୟନ୍ତ ସ୍ଥାୟିତ୍ୱ ପ୍ରଦାନ କରେ। ଆମର ଗବେଷଣା ଓ ବିକାଶ କାର୍ଯ୍ୟରେ ବହୁତ ସମୟ ଲାଗିଥିଲା। ଆମେ ଏହାର ସ୍ଥିରତା, ମଜଭୁତ ଶକ୍ତି, ପାଣିପାଗ ପ୍ରତିରୋଧକ ଶକ୍ତି ଏବଂ ଜୀବାଣୁ ପ୍ରତିରୋଧ ଉପରେ କାମ କରିଥିଲୁ। ଏନେଇ ଅନେକଥର ବିଫଳ ହୋଇଥିଲୁ। ଲାବ୍ ଟେଷ୍ଟିଂ ଏବଂ ଫିଲ୍ଡ ଫିଡ୍‌ବ୍ୟାକ୍ ମାଧ୍ୟମରେ ଏହାକୁ ଆମେ କ୍ରମାଗତ ଭାବେ ଉନ୍ନତ କରିଛୁ।

**ପ୍ର– ସହରାଞ୍ଚଳ ବଜାରରେ ଗୋବର ଆଧାରିତ ରଙ୍ଗ ବିଷୟରେ ଗ୍ରାହକଙ୍କ ଆଶଙ୍କାକୁ କିପରି ଦୂର କରନ୍ତି?**

ଉ– ପ୍ରାରମ୍ଭରେ ଅନେକ ଗ୍ରାହକ ଗୋବର ରଙ୍ଗ ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ଏହାର ଉତ୍କୃଷ୍ଟତା ଦେଖି ଧାରଣା ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଆମେ ପ୍ରତ୍ୟକ୍ଷ ପ୍ରଦର୍ଶନ, ସାମ୍ପଲ ବ୍ୟବହାର, ପ୍ରକ୍ରିୟାକରଣ ପ୍ରଯୁକ୍ତିର ବୈଜ୍ଞାନିକ ବ୍ୟାଖ୍ୟା, ଗ୍ରାହକ ପ୍ରଶଂସାପତ୍ର ଏବଂ ପ୍ରକୃତ ପ୍ରୋଜେକ୍ଟର ଉଦାହରଣ ମାଧ୍ୟମରେ ସନ୍ଦେହ ଦୂର କରୁ। କଞ୍ଚାମାଲ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ହୋଇଛି ଏବଂ ସ୍ୱାସ୍ଥ୍ୟକର ବୋଲି ବୁଝିବା ପରେ ଗ୍ରାହକଙ୍କର ଆଶଙ୍କା ଦୂର ହୋଇଯାଏ। ବାସ୍ତବରେ ଶିଶୁ, ବୟସ୍କ ଲୋକ ଏବଂ ପରିବେଶ ପାଇଁ ସୁରକ୍ଷିତ ହୋଇଥିବାରୁ ସହରାଞ୍ଚଳ ଗ୍ରାହକ ଏହାକୁ ବେଶି ପସନ୍ଦ କରୁଛନ୍ତି। ସଚେତନତା ହିଁ ଲୋକଙ୍କ ଚିନ୍ତାଧାରା ବଦଳାଇବାର ବଡ଼ ମାଧ୍ୟମ।

**ପ୍ର– ଗୋମୟ ପେଣ୍ଟ୍ସର ଜାତୀୟ ସ୍ତରରେ ସମ୍ପ୍ରସାରଣ, ରପ୍ତାନି କିମ୍ବା ଉତ୍ପାଦ ବିବିଧତା ଭଳି କିଛି ଯୋଜନା ରହିଛି କି?**

ଉ– ସାରା ଭାରତରେ ବ୍ୟବସାୟ ସମ୍ପ୍ରସାରଣ ସହ ରପ୍ତାନି ବଜାରରେ ପ୍ରବେଶ କରିବା, ଅଧିକ ସ୍ଥାୟୀ ନିର୍ମାଣ ସାମଗ୍ରୀ ବିକାଶ କରିବା ଯୋଜନା ରହିଛି। ଆମର ଗବେଷଣା ଏବଂ ବିକାଶ କ୍ଷମତାକୁ ସୁଦୃଢ଼ କରିବା ମଧ୍ୟ ଲକ୍ଷ୍ୟ ରଖିଛୁ। ଆମେ ଚାହୁଁ ଗୋମୟ ପେଣ୍ଟ୍ସ ଏକ ପ୍ରତୀକ ହେଉ ଯେ, କିପରି ଗ୍ରାମୀଣ ନୂତନତ୍ୱ ଜାତୀୟ ସ୍ତରରେ ପ୍ରଭାବ ପକାଇପାରେ।

**ପ୍ର– ଯୁବୋଦ୍ୟୋଗୀଙ୍କୁ ଏହି କ୍ଷେତ୍ରରେ କ’ଣ ପରାମର୍ଶ ଦେବେ?**

ଉ– ଯୁବୋଦ୍ୟୋଗୀମାନଙ୍କୁ କହିବି ଯେ, କେବଳ ଲାଭ ଉପରେ ଧ୍ୟାନ ଦେଇ ଏକ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ କାର୍ଯ୍ୟ ଆରମ୍ଭ କରନ୍ତୁ। ବିଫଳତାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ। ନିରନ୍ତର ଶିଖିବା ଜାରି ରଖିବା, ପ୍ରକୃତ ସମସ୍ୟା ସମାଧାନ ଉପରେ ଧ୍ୟାନ ଦେବା ଏବଂ ଏକ ଦୃଢ଼ ସମର୍ଥନ ଦଳ ଗଠନ କରିବା ଉଚିତ। ପ୍ରତିକୂଳ ପରିସ୍ଥିତିରେ ଆଦୌ ହାର୍ ମାନିବା ଉଚିତ ନୁହେଁ। ସଫଳତା ରାତାରାତି ଆସିବ ନାହିଁ– ଏହା ସ୍ଥିରତା, ଧୈର୍ଯ୍ୟ ଏବଂ ଆପଣଙ୍କ ଦୃଷ୍ଟିକୋଣ ପ୍ରତି ଗଭୀର ବିଶ୍ୱାସରୁ ଆସିଥାଏ।

# ଡଲାର-ଟଙ୍କା ବିନିମୟ ମୂଲ୍ୟରେ ସର୍ବାଧିକ ଉନ୍ନତି

## ୧୨ ବର୍ଷରେ ପ୍ରଥମ



**ନୂଆଦିଲ୍ଲୀ, ୨।୪**

ବିଭିନ୍ନ କାରଣକୁ ନେଇ ଭାରତୀୟ ଶେୟାର ବଜାର ଗତବର୍ଷଠାରୁ ଅସ୍ଥିର ରହିଆସିବା ସହ ଚଳିତ ବର୍ଷ ପ୍ରାରମ୍ଭରେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆହୁରି ପ୍ରଭାବିତ ରହିଛି। ବିଶେଷକରି ବିଦେଶୀ ନିବେଶକଙ୍କ ଦ୍ୱାରା ବିପୁଳ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଶେୟାର ବଜାର ସ୍ଥିତି ଦୁର୍ବଳ ହୋଇଛି। ସେପଟେ ଯୁଦ୍ଧ ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା ଆମଦାନୀ କ୍ଷେତ୍ର ପ୍ରଭାବିତ ହେବା ସହ ଆମେରିକୀୟ ଡଲାର ଏବଂ ଭାରତୀୟ ଟଙ୍କା ବିନିମୟ ସ୍ଥିତି ମଧ୍ୟ ପ୍ରଭାବିତ ହୋଇଛି। ଏହାଦ୍ୱାରା ଗତ କିଛିଦିନ ହେଲା ଡଲାର ତୁଳନାରେ ଟଙ୍କା ମୂଲ୍ୟ ଲଗାତର ଅବମୂଲ୍ୟାୟନ ସହ ଏହାର ସର୍ବାଧିକ ମୂଲ୍ୟ ହ୍ରାସ ଘଟିଛି। ତେବେ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଯେଉଁଭଳି ଉନ୍ନତି ଦେଖାଯାଇଛି ତାହା ୧୨ ବର୍ଷ ମଧ୍ୟରେ ସର୍ବାଧିକ। ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବାଧିକ ହ୍ରାସ ପାଇବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ବଜାରରେ ଡଲାର ବିତରକଙ୍କ ଉପରେ ନିୟନ୍ତ୍ରଣ ପରେ ଟଙ୍କା ମୂଲ୍ୟରେ ଉନ୍ନତି ଘଟିଥିବା କୁହାଯାଇଛି। ଗତ ୨ ଦିନ ଶେୟାର ବଜାର ବନ୍ଦ ରହିଥିଲାବେଳେ ଗୁରୁବାର କାରବାର ଆରମ୍ଭ ହୋଇଥିଲା। ଏହାପରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୧.୮ ପ୍ରତିଶତ ବୃଦ୍ଧି ଘଟିବା ସହ ୧ ଡଲାର ମୂଲ୍ୟ ୯୩.୧୪୧୩ ରହିଛି ; ଯାହାକି ୨୦୧୩ ପରେ ପ୍ରଥମଥର ପାଇଁ ମୂଲ୍ୟାୟନ ବୃଦ୍ଧି ବୋଲି କୁହାଯାଇଛି। ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଏବେ ବି ଉତ୍ତେଜନା ଲାଗି ରହିବା ସହ ମଧ୍ୟପ୍ରାଚ୍ୟ ସ୍ଥିତି ଅଶାନ୍ତ ରହିଛି। ଏହାକୁ ନେଇ ପାକିସ୍ତାନ ଟଙ୍କା ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ହ୍ରାସ ପାଇଥିଲେ ହେଁ ଭାରତୀୟ ଟଙ୍କା ମୂଲ୍ୟରେ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ ହେବା ପରେ ଅନ୍ତର୍ଜାତୀୟ ତୈଳ ବଜାର ପ୍ରଭାବିତ ହେବା ସହ ବୈଶ୍ୱିକ ନିବେଶ କ୍ଷେତ୍ର ମଧ୍ୟ ପ୍ରଭାବିତ ହେବା ଆରମ୍ଭ ହୋଇଥିଲା। ଏହାପରଠୁ ଡଲାର ତୁଳନାରେ ଟଙ୍କା ମୂଲ୍ୟର କ୍ରମାଗତ ଅବମୂଲ୍ୟାୟନ ଘଟିଚାଲିଥିଲା। ଗତ ୨ ମାସ ମଧ୍ୟରେ ଡଲାର-ଟଙ୍କା ବିନିମୟ ମୂଲ୍ୟରେ ଅନ୍ୟୂନ ୪ ପ୍ରତିଶତ ହ୍ରାସ ଘଟିବା ସହ ୧ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ୯୪ ଅତିକ୍ରମ କରିଥିଲା।

## ଅପରିବର୍ତ୍ତିତ ରହିପାରେ ରେପୋ ହାର

**ମୁମ୍ବାଇ, ୨।୪**

ସାମ୍ପ୍ରତିକ ପୁଞ୍ଜିବଜାର ସ୍ଥିତି ଏବଂ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାର(ବ୍ୟାଙ୍କ ସୁଧ) ଅପରିବର୍ତ୍ତିତ ରଖିପାରନ୍ତି ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଛନ୍ତି। ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ସ୍ୱାଭାବିକ ହୋଇନାହିଁ। ଏହାବ୍ୟତୀତ ଘରୋଇ ସ୍ତରରେ ମୁଦ୍ରାସ୍ଫୀତିକୁ ନେଇ ମଧ୍ୟ ଚିନ୍ତା ରହିଛି। ତେଣୁ ଡଲାର ଉପରେ ନିୟନ୍ତ୍ରଣ ରଖିବା ସହ ଦେଶର ପୁଞ୍ଜିବଜାର ଧାରାରେ ଅବନତି ନ ଆଣିବାକୁ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ରେପୋ ହାର ଅପରିବର୍ତ୍ତିତ ରଖିବେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

# ଏନ୍‌ଏମ୍‌ଡିସି ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅନୁରାଗ କପିଲ



ଅନୁରାଗ କପିଲ

**ହାଇଦ୍ରାବାଦ, ୨।୪**

୧୯୯୮ ବ୍ୟାଚ୍‌ର ଆଇଆର୍‌ଏଏସ୍ ଅଧିକାରୀ ଅନୁରାଗ କପିଲ ଜାତୀୟ ଖଣିଜ ବିକାଶ ନିଗମ(ଏନ୍‌ଏମ୍‌ଡିସି)ର ଫାଇନାନ୍ସ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଳବାଇ ସମେତ ବହୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଗତ ୨୬ ବର୍ଷ ଧରି କାର୍ଯ୍ୟକରି ଅନୁରାଗ ବିତ୍ତୀୟ ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ର ପରିଚାଳନା ଦିଗରେ ଦୃଢ଼ ଅଭିଜ୍ଞତା ହାସଲ କରିଛନ୍ତି। ସେ ରେଳବାଇ ବିଭାଗରେ ବରିଷ୍ଠ ଡିଭିଜନାଲ ଫାଇନାନ୍ସ ମ୍ୟାନେଜର ଭାବେ କାର୍ଯ୍ୟ କରିବା ସହ ଏଫ୍‌ଏ ଆଣ୍ଡ ସିଏଓ(ଟ୍ରାଫିକ୍), ଏଫ୍‌ଏ ଆଣ୍ଡ ସିଏଓ( ଫାଇନାନ୍ସ ଓ ଜେନେରାଲ) ସମେତ ଡେପୁଟି ଚିଫ୍ ଭିଜିଲାନ୍ସ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏନ୍‌ଏମ୍‌ଡିସିରେ ଯୋଗଦେବା ପୂର୍ବରୁ ସେ ରେଳବୋର୍ଡରେ ଫାଇନାନ୍ସ (ବ୍ୟୟ) ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।

# ଚାନ୍ଦି ଭଣ୍ଡାରର ଅକ୍ଷୟତୃତୀୟା ଅଫର ଘୋଷଣା




**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

ରୁପା ଅଳଙ୍କାର ଓ କଳାକୃତି ପାଇଁ ପ୍ରସିଦ୍ଧ ଚାନ୍ଦି ଭଣ୍ଡାର ପକ୍ଷରୁ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଗୁରୁବାର ଭୁବନେଶ୍ୱର ଶହୀଦନଗରସ୍ଥିତ ଷ୍ଟୋରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ତଥା ପ୍ରତିଷ୍ଠାତା ଲିପ୍‌ସା ହଂସ ଏବଂ ନିର୍ଦ୍ଦେଶକ ମାଣିକ ହଂସ ବିସ୍ତୃତ ସୂଚନା ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଓଡ଼ିଆଙ୍କ ପର୍ବ ଅକ୍ଷୟ ତୃତୀୟାକୁ ସ୍ୱତନ୍ତ୍ର କରିବା ପାଇଁ ରୁପା ଗହଣା ଓ କଳାକୃତି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ଏହି ଅଫର ଏପ୍ରିଲ୍ ୧୯ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଚାନ୍ଦି ଭଣ୍ଡାରର ବ୍ୟବସାୟ ସମ୍ପ୍ରସାରଣ ନେଇ ଲିପ୍‌ସା କହିଛନ୍ତି, ଜାତୀୟ ବ୍ରାଣ୍ଡ ଭାବେ ଯାତ୍ରା ଆରମ୍ଭ କରିଥିବା ଚାନ୍ଦି ଭଣ୍ଡାର ରାଜ୍ୟ ବାହାରେ ରାୟପୁରରେ ୨ଟି ଷ୍ଟୋର ଖୋଲିଛି। ଅନ୍ୟପଟେ ରାଜ୍ୟର ବରଗଡ଼ରେ ୨୮ତମ ଷ୍ଟୋର ଖୋଲିବାକୁ ଯାଉଛି। ଗହଣା କଲେକ୍ସନ ସମ୍ପର୍କ ସୂଚନା ଦେଇ ମାଣିକ୍ କହିଛନ୍ତି, ମହିଳାମାନଙ୍କ ପାଇଁ ଜିରଖନ୍ ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ ଏବଂ ପାଉଁଜି ଆଦି ରହିଛି। ପୁରୁଷଙ୍କ ପାଇଁ ଆମୋଘ କଲେକ୍ସନ ଏବଂ ଶିଶୁମାନଙ୍କ ପାଇଁ ପ୍ରିମିୟମ କିଡସ୍ କଲେକ୍ସନ ରହିଛି। ଅନ୍ୟାନ୍ୟ ସାମଗ୍ରୀ ମଧ୍ୟରେ ୱାଇନ୍ ଗ୍ଲାସ୍,ବୋତଲ, ଚା’ ସେଟ୍ ଓ ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ସହ ବହୁ କିଛି ରହିଛି।

# ଓଡ଼ିଶାରେ ପ୍ରଥମ ପେଡିଆଟ୍ରିକ୍ କ୍ରିଟିକାଲ କେୟାର ସିଏମ୍ଇ ଆୟୋଜିତ

**ଭୁବନେଶ୍ୱର, ୨।୪**

ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପ୍ରଥମ ‘ପେଡିଆଟ୍ରିକ୍ କ୍ରିଟିକାଲ କେୟାର କଣ୍ଟିନୁଇଂ ମେଡିକାଲ ଏଜୁକେଶନ (ସିଏମ୍ଇ)’ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ ଓଡ଼ିଶା ଶାଖା ଓ ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ଚାପ୍ଟର ପକ୍ଷରୁ ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍ଡ୍ରେନ ସହଭାଗିତାରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ, ସ୍ନାତକୋତ୍ତର ଛାତ୍ରୀଛାତ୍ର ଓ ରାଜ୍ୟର ବିଭିନ୍ନ ଭାଗର ପେଡିଆଟ୍ରିକ ଇଣ୍ଟେନ୍‌ସିଭ୍ କେୟାର ସହଯୋଗୀଙ୍କ ସମେତ ୧୦୦ରୁ ଅଧିକ ଡାକ୍ତର ଯୋଗ ଦେଇଛନ୍ତି । ଏହାଛଡ଼ା ରାଜ୍ୟ ଓ ଜାତୀୟସ୍ତରର ୩୦ରୁ ଅଧିକ ପ୍ରତିଷ୍ଠିତ ଅଧ୍ୟାପକଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଆହୁରି ଉନ୍ନତ କରିଛି। ଉକ୍ତ ସିଏମ୍ଇରେ ସହଭାଗିତା କରି ଅଙ୍କୁରା ନିରବଚ୍ଛିନ୍ନ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଓଡ଼ିଶାକୁ ଅତ୍ୟାଧୁନିକ ଶିଶୁ ଚିକିତ୍ସା ପଦ୍ଧତି ଆଣିବା ଏବଂ ଏକ ସହଭାଗୀ ମେଡିକାଲ ଇକୋସିଷ୍ଟମ ଗଠନ କରିବାର ନିଜର ଦୃଷ୍ଟିକୋଣକୁ ସୁଦୃଢ଼ କରିବା ଜାରି ରଖିଛି । ଅଙ୍କୁରା ହସ୍ପିଟାଲ ଫର୍ ୱମେନ ଆଣ୍ଡ ଚିଲ୍ଡ୍ରେନ୍ ଭଳି ଅନୁଷ୍ଠାନଗୁଡ଼ିକ ସକ୍ରିୟ ଭାବେ ଏଭଳି ପ୍ରୟାସକୁ ପରିଚାଳନା କରୁଥିବା ବେଳେ ଶିଶୁ ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠାଲାଭ କରିବାକୁ ଓଡ଼ିଶା ପ୍ରସ୍ତୁତ ରହିଥିବା କୁହାଯାଇଛି।

# ବେଦାନ୍ତ ଆଲୁମିନିୟମ ପାଳିଲା ଓଡ଼ିଶା ଦିବସ



**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା ପକ୍ଷରୁ ବୁଧବାର ଓଡ଼ିଶା ଦିବସ ପାଳନ କରାଯାଇଛି। ଉତ୍ସବରେ ୩,୦୦୦ରୁ ଅଧିକ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟ ଏକାଠି ହୋଇଥିଲେ। ସଂଗୀତ, ନୃତ୍ୟ ଏବଂ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତି ସମେତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଚିକିତ୍ସକ ଡା. ସଞ୍ଜୀବ କୁମାର ମିଶ୍ରଙ୍କୁ ଏହି ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଏବଂ ସାମୁଦାୟିକ ସେବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡ଼ିଆ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ଅଞ୍ଜଳି ଦତ୍ତ ଏବଂ ସଚିନ ରାଉତଙ୍କ ମନୋରମ ପ୍ରଦର୍ଶନ ପ୍ରଦର୍ଶିତ ହୋଇଥିଲା। ଦେବଦାସୀ ଅନୁଷ୍ଠାନ ଏବଂ ଏକ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଆମେ ରାଜ୍ୟର ପରିଚୟକୁ ପରିଭାଷିତ କରୁଥିବା ପରମ୍ପରାଗୁଡ଼ିକୁ ପାଳନକରି ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ସ୍ଥାୟୀ ସୁଯୋଗ ସୃଷ୍ଟିକରିବା ନିମନ୍ତେ ସମ୍ପ୍ରଦାୟଗୁଡ଼ିକ ସହିତ ସହଭାଗୀ ହେବାକୁ ପ୍ରତିବଦ୍ଧ।

# ‘ଅରେଞ୍ଜ ଇକୋନୋମି’କୁ ପ୍ରୋତ୍ସାହନ

**୧୫,୦୦୦ ସ୍କୁଲ, ୫୦୦ କଲେଜରେ ହେବ କଣ୍ଟେଣ୍ଟ କ୍ରିଏଟର ଲାବ୍**

**ଭୁବନେଶ୍ୱର, ୨।୪(ଅନୁରାଧା ମହାରଣା)**

‘ଅରେଞ୍ଜ ଇକୋନୋମି’ କ୍ଷେତ୍ର ଭାବେ ପରିଚିତ ଆନିମେସନ୍, ଭିଜୁଆଲ୍ ଇଫେକ୍ଟସ୍, ଗେମିଂ ଏବଂ କମିକ୍ସ(ଏଭିଜିସି) କ୍ଷେତ୍ର ସମେତ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବାକୁ କେନ୍ଦ୍ର ସରକାର ବଜେଟରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଛନ୍ତି । ଭାରତକୁ ବିଶ୍ୱସ୍ତରୀୟ କଣ୍ଟେଣ୍ଟ କ୍ରିଏସନ୍ ହବ୍ ଭାବରେ ପରିଚିତ କରାଇବା ପାଇଁ ଅନେକ ପଦକ୍ଷେପ ଆରମ୍ଭ କରାଯାଇଛି। ନିକଟରେ ସଂସଦରେ ପାରିତ ହୋଇଥିବା କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଘୋଷଣା ଅନୁଯାୟୀ, ଦେଶର ୧୫,୦୦୦ ମାଧ୍ୟମିକ ବିଦ୍ୟାଳୟ ଏବଂ ୫୦୦ କଲେଜରେ ଏଭିଜିସି କଣ୍ଟେଣ୍ଟ କ୍ରିଏଟର ଲାବ୍(ସିସିଏଲ୍ ) ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଭିଜିସି – ଏକ୍ସଆର କ୍ଷେତ୍ର ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ଭାବରେ ଆଇଆଇସିଟି ଗଠନ କରାଯାଇଛି। ୨୦୨୫ ଜୁଲାଇରୁ ଏହା ମୁମ୍ବାଇର ଆଇଆଇସିଟି-ନ୍ୟାଶନାଲ ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏଫ୍‌ଡିସି) ପରିସରରୁ କାର୍ଯ୍ୟ କରୁଛି। ଏହା ଅଧୀନରବ ବର୍ତ୍ତମାନ ୧୮ଟି ପାଠ୍ୟକ୍ରମ ଆରମ୍ଭ କରାଯାଇଛି, ଯେଉଁଥିରେ ୧୩୬ ଜଣ ଛାତ୍ର ନାମ ଲେଖାଇଛନ୍ତି ଏବଂ ୧୫ ଜଣ ଅଂଶଗ୍ରହଣକାରୀ ‘ଟ୍ରେନ୍-ଦି-ଟ୍ରେନର’ କାର୍ଯ୍ୟକ୍ରମ ସମାପ୍ତ କରିଛନ୍ତି। ମୁମ୍ବାଇର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି(ଆଇଆଇସିଟି)କୁ କଣ୍ଟେଣ୍ଟ କ୍ରିଏଟର ଲ୍ୟାବର ଯୋଜନା, ସମନ୍ୱୟ ଏବଂ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ପାଇଁ ନୋଡାଲ ଏଜେନ୍ସି ଭାବରେ ନିଯୁକ୍ତ କରାଯାଇଛି।ଲୋକସଭାରେ କୃତି ଦେବୀ ଦେବବର୍ମନ ଏବଂ ଶ୍ରୀ ଏଟାଲା ରାଜେନ୍ଦ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନଙ୍କ ଦ୍ୱାରା ଏକ ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

# ତ୍ରିଶୂଳିଆରେ କାନାରା ବ୍ୟାଙ୍କର ନୂଆ ଶାଖା



**ଭୁବନେଶ୍ୱର, ୨।୪**

କଟକ ଜିଲା ତ୍ରିଶୂଳିଆସ୍ଥିତ ପଦ୍ମନାଭନଗରରେ କାନାରା ବ୍ୟାଙ୍କର ଏକ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ମଣ୍ଡଳ ମହାପ୍ରବନ୍ଧକ ତଥା ମଣ୍ଡଳ ମୁଖ୍ୟ ସୁମନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଶାଖାକୁ ମିଶାଇ କାନାରା ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ରାଜ୍ୟରେ ୨୮୭ରେ ପହଞ୍ଚିବା ସହ କଟକ କ୍ଷେତ୍ରର ଶାଖା ସଂଖ୍ୟା ୬୧ରେ ପହଞ୍ଚିଛି। ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ କଟକ ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଯୋଗଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କ ଉପ ମହାପ୍ରବନ୍ଧକ ନେତ୍ରମୋହନ ପାତ୍ର, କଟକ ଅଗ୍ରଣୀ ଜିଲା ପ୍ରବନ୍ଧକ(ଏଲ୍‌ଡିଏମ୍) ସତ୍ୟରଞ୍ଜନ ମହାନ୍ତି, କଟକ କ୍ଷେତ୍ରୀୟ ମୁଖ୍ୟ ଟି. ଅକିଲା, କଟକ କ୍ଷେତ୍ର ଡିଭିଜନାଲ ମ୍ୟାନେଜର ଏସ୍.ସି.ମଲ୍ଲ ଏବଂ ନୂତନ ଶାଖା ପ୍ରବନ୍ଧକ ତାପସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ଧୁକ ସହ ବନ୍ଧାହେଲେ କାହ୍ନା

**ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)**

ବନ୍ଧୁକ ରଖି ସୁନ୍ଦରପଦା ଅଞ୍ଚଳରେ ଭାଇଗିରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରପଦା ତଳସାହିର ଅମରେଶ ରାଉତ ଓରଫ କାହ୍ନା। ସେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବୁଧବାର ଅପରାହ୍ନ ୨ଟାରେ ବସିଥିବାବେଳେ ଖବରପାଇ ପୋଲିସ ଅତର୍କିତ ଚଢ଼ାଉ କରି ମାଡ଼ି ବସିଥିଲା। କାହ୍ନାଙ୍କ ଅଣ୍ଟା ଯାଞ୍ଚ ପରେ ଦୁଇଟି ସେମି ଅଟୋମେଟିକ୍ ବନ୍ଧୁକ ସହ ୧୦ ରାଉଣ୍ଡ ଗୁଳି ଜବତ କରାଯାଇଥିଲା। ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ନେଇ ସନ୍ଦେହ କରାଯାଉଛି ବୋଲି ସ୍ପେଶାଲ କ୍ରାଇମ୍ ୟୁନିଟ୍ ଏସିପି ମାନସ କୁମାର ସ୍ୱାଇଁ କହିଛନ୍ତି।

୨୦୨୧ରେ ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଅଭିଯୁକ୍ତ କାହ୍ନା ଗିରଫ ହୋଇଥିଲେ। ଝରାଫୁଲଙ୍କୁ ରାଜଧାନୀରେ ଏକ ହୋଟେଲରେ ହତ୍ୟା କରି କୁଆଖିଆ ଥାନା ଅଞ୍ଚଳରେ



ଗିରଫ କାହ୍ନା ଏବଂ ଜବତ ବନ୍ଧୁକ, ଗୁଳି, ମୋବାଇଲ୍ ଓ ଟଙ୍କା।

- ଛାତ୍ରୀ ଝରାଫୁଲ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ
- ସୁନ୍ଦରପଦାରେ ଭାଇଗିରି କରୁଥିଲେ
- ୨ ସେମି ଅଟୋମେଟିକ ପିସ୍ତଲ,୧୦ ରାଉଣ୍ଡ ଗୁଳି ଜବତ

କାହ୍ନା ଫିଙ୍ଗି ଦେଇଥିଲେ। କୁଆଖିଆ ପୋଲିସ ତଦନ୍ତ କରିବା ପରେ ଅଭିଯୁକ୍ତ କାହ୍ନାଙ୍କୁ ସୁନ୍ଦରପଦାରୁ ଗିରଫ କରିଥିଲା। ସେ ଜେଲରେ କିଛି ବର୍ଷ ରହିବା ପରେ ଜାମିନ୍‌ରେ ବାହାରିଥିଲେ। ତେବେ ସେ ଜେଲରେ ଥିବା ସମୟରେ କିଛି ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କ ସହ ସମ୍ପର୍କରେ ଆସିଥିଲେ। ଜେଲରୁ ବାହାରିବା ପରେ ସେ ଜମି ବିକ୍ରି ମାର୍କେଟିଂ କରୁଥିଲେ। ଏହାସହ ଜମି ପଜେଶନ୍ ଦେବାରେ ସେ ମଧ୍ୟସ୍ଥତା କରୁଥିଲେ। ସେଥିପାଇଁ ସେ ବନ୍ଧୁକ କିଣି ନିଜ ପାଖରେ ରଖିବା ସହ ଏହାକୁ ବିକ୍ରି କରୁଥିଲେ। ଜେଲରୁ ଫେରିଥିବାରୁ କାହ୍ନା ମଧ୍ୟ ଆଉ ପୋଲିସକୁ ଭୟ କରି ନ ଥିଲେ। ସୁନ୍ଦରପଦା ଅଞ୍ଚଳରେ ଅଣ୍ଟାରେ ବନ୍ଧୁକ ଖୋସି ଦାଦାଗିରି ଦେଖାଉଥିଲେ। ଏପରି କି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକମାନଙ୍କୁ ନେଇ ଏକ ଗ୍ୟାଙ୍ଗ୍ କରି ଭାଇଗିରି କରୁଥିଲେ। ଇତିମଧ୍ୟରେ କାହ୍ନାଙ୍କ ନିକଟରେ ୨ଟି ଚୋରା ବନ୍ଧୁକ ଥିବା ନେଇ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଖବର ପାଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ସୁନ୍ଦରପଦା ଅଞ୍ଚଳରେ ଜାଲ ବିଛାଇଥିଲେ। କାହ୍ନା ବୁଧବାର ଅପରାହ୍ନରେ ସୁନ୍ଦରପଦା ହାଟତୋଳା ପୋଖରୀ ନିକଟରେ ବସିଥିବାବେଳେ ସ୍ପେଶାଲ୍ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି କାହ୍ନା ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ତାଙ୍କ ଅଣ୍ଟାରେ ଖୋସା ହୋଇଥିବା ଦୁଇଟି ସେମି ଅଟୋମେଟିକ ପିସ୍ତଲ ସହ ୧୦ ରାଉଣ୍ଡ ଅଫୁଟା ଗୁଳି, ୨ଟି ମାଗାଜିନକୁ ଜବତ କରିଥିଲା। ଏହାସହ ଏକ ବାଇକ ମଧ୍ୟ ଜବତ ହୋଇଛି। ଏହି ବନ୍ଧୁକ କାରବାର ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଠାବ କରାଯିବ ବୋଲି ପୋଲିସ କହିଛି। ଗତ ଦେଢ଼ ବର୍ଷରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩୬ରୁ ଅଧିକ ବନ୍ଧୁକ ଜବତ କରିଥିବା ସୂଚନା ମିଳିଛି।

# ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

**ଆସିକା,୨।୪(ସୁରେନ୍ଦ୍ର ନାଥ ସାହୁ)**

### ଛାତ୍ରୀଙ୍କ ଆତ୍ମାହୁତି ଘଟଣା

ଗଞ୍ଜାମ ଜିଲା ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ ଭେଟନଈ ଗ୍ରାମରେ ଗତ ଶନିବାର ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଯୁକ୍ତ ୩ ଛାତ୍ରୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ଘଟିଥିଲା। ପ୍ରେମରେ ପ୍ରତାରଣାର ଶିକାର ହୋଇଥିବା ପୂର୍ବରୁ ଛାତ୍ରୀଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ପ୍ରକାରେ ପୋଲିସ ଗତ ଶନିବାର କୋଦଳା ନିକଟସ୍ଥ ଶାଳବଣି ଗ୍ରାମର କାହ୍ନୁ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଛାତ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ବାପା କୋଟିନଡ଼ା ଥାନାରେ ପୁଣି ଏକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ କାହ୍ନୁ ଝିଅକୁ ପ୍ରତାରିତ କରିବା ସହ ଟେଲିଫୋନରେ ତାଙ୍କୁ କଟୁ ମନ୍ତବ୍ୟ ଦେବାରୁ ହତୋତ୍ସାହିତ ହୋଇ ଝିଅ ଜୀବନ ହାରିଲା ବୋଲି ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏଥିରେ ଅଭିଯୁକ୍ତଙ୍କ ଭାଇଙ୍କ ବିରୋଧରେ ମଧ୍ୟ ଅଭିଯୋଗ କରାଯାଇଛି। ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ଛାତ୍ରୀଙ୍କୁ ଆତ୍ମହତ୍ୟା ଲାଗି ପ୍ରବର୍ତ୍ତାଇ ଥିବା ଅଭିଯୋଗରେ ନଂ.୧୦୭/୨୬ରେ ଆଉ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ କାହ୍ନୁଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କମ୍ପାନୀର ମ୍ୟାନେଜର ଲୁଟିଲେ ୪.୫୬କୋଟି

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁକଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨।୪(ତ୍ରିନାଥ ମହାନ୍ତି)**

ନୀଳଚକ୍ର ମେଟାଲ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ମ୍ୟାନେଜର ସାଜି ନକଲି ବିଲ୍ ଏବଂ ଜିଏସ୍‌ଟି ଇନ୍‌ଭଏସ୍ ମାଧ୍ୟମରେ କମ୍ପାନୀର ମ୍ୟାନେଜର ପ୍ରଦୀପ କୁମାର ସାହୁ ୪.୫୬କୋଟି ଟଙ୍କା ଠକି ନେଇଛନ୍ତି। ଏନେଇ ଅଭିଯୋଗକାରୀ କୁମାର ଅଭିଜିତ ସାହୁ ଲକ୍ଷ୍ମୀସାଗର... ଲକ୍ଷ୍ମଣିପଡ଼ା ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ। ହେଲେ ସେଠାରୁ କିଛି ସୁଫଳ ନ ମିଳିବାରୁ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ତଦନ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଏକ ମାମଲା( ନଂ.୭/୨୬ ମାମଲା ରୁଜୁ କରିଛି। ଅଭିଯୁକ୍ତ ପ୍ରଦୀପଙ୍କ ବିରୋଧରେ ଆଇପିସି ଦଫା ୪୦୮, ୪୪୮, ୪୬୮,୫୦୬ ଲଗାଇ ତଦନ୍ତ କରାଯାଉଛି। ଇଓଡବ୍ଲ୍ୟୁ ଇନ୍ସପେକ୍ଟର ସୁବ୍ରତ ପଣ୍ଡା ଏହି ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି। ତଦନ୍ତ ଅଧିକାରୀ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରିବା ସହ ଟଙ୍କା ଯାଇଥିବା ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି।

# ଆକ୍ରମଣ, ପ୍ରତି ଆକ୍ରମଣରେ ୨ ଆହତ

**ଅତାବିରା,୨।୪(ଯୁଧିଷ୍ଠିର ମହାପାତ୍ର)**

### ଦିନ ଦ୍ୱିପ୍ରହରରେ ଭୁଜାଲି ମାଡ଼

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଗୋଡ଼ଭଗା ଫାଣ୍ଡି ଅଞ୍ଚଳରେ ଗତ ବୁଧବାର ଦିନ ଦ୍ୱିପ୍ରହରରେ ବିଚ ରାସ୍ତାରେ ଭୁଜାଲି ମାଡ଼ ହୋଇଛି। ଭୁଜାଲି ମାଡ଼ରେ ଜଣେ କୁକୁଡ଼ା ଦୋକାନୀ ଆହତ ହୋଇଥିବା ବେଳେ ପ୍ରତି ଆକ୍ରମଣରେ ଅଭିଯୁକ୍ତ ଜଣକ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ଗୋବର୍ଦ୍ଧନ ପାଣ୍ଡେ (୩୮) ଏବଂ ଗୋଡଭଗା ନିବାସୀ ପିଙ୍କୁଲ ଦାଶ(୩୫)। ଦୋକାନୀ ଗୋବର୍ଦ୍ଧନଙ୍କ ଏତଲା କ୍ରମେ ଅତାବିରା ପୋଲିସ ଗୁରୁବାର ଏକ (ନଂ. ୧୩୨/୨୬) ମାମଲା ରୁଜୁ କରି ଘଟଣାରେ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଦ୍ୱିପ୍ରହରରେ ଗୋଡଭଗା କ୍ୟାମ୍ପରୁ ଗୋଡ଼ଭଗା ଗ୍ରାମକୁ ସଂଯୋଗ କରୁଥିବା ପୁରୁଣା ରାସ୍ତା ପାର୍ଶ୍ୱରେ ଥିବା ଏକ କୁକୁଡ଼ା ଦୋକାନକୁ ପିଙ୍କୁଲ ଆସିଥିଲେ। ଦୋକାନରେ ଗୋବର୍ଦ୍ଧନ ଓ ପିଙ୍କୁଲଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ପିଙ୍କୁଲ ରାଗିଯାଇ ଗୋବର୍ଦ୍ଧନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୋବର୍ଦ୍ଧନ ଆହତ ହୋଇଥିଲେ। ପ୍ରତି ଆକ୍ରମଣରେ ପିଙ୍କୁଲ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ଚିକିତ୍ସା ପରେ ଗୋବର୍ଦ୍ଧନ ଘରକୁ ଫେରିଛନ୍ତି। ପିଙ୍କୁଲଙ୍କୁ ଚିକିତ୍ସା ପାଇଁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋବର୍ଦ୍ଧନ ସ୍ଥାନୀୟ ଥାନାରେ ଏତଲା ଦେଇଥିବା ବେଳେ ପ୍ରତିପକ୍ଷରୁ ଏପର୍ଯ୍ୟନ୍ତ ଏତଲା ହୋଇ ନ ଥିବା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

ପ୍ରକାଶଥାଉକି, ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଥମିବାର ନାଁ ନେଉନି। ନିଶାକାରବାର ବୃଦ୍ଧି ପାଉଥିବାରୁ ଏଭଳି ଅପରାଧ ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ଏଥିପ୍ରତି ଦୃଷ୍ଟି ଦେଇ ବରଗଡ଼ ଏସପି ଏଠାରେ ନିଶା କାରବାର ଦମନ କରିବା ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସମ୍ବଲପୁର କୋର୍ଟକୁ ପୁଣି ବୋମା ଧମକ

**ସମ୍ବଲପୁର,୨।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲାଜଜ୍‌ଙ୍କ କୋର୍ଟକୁ ପୁଣି ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି। କୋର୍ଟ ରେଜିଷ୍ଟ୍ରାରଙ୍କ ନିକଟକୁ ଧମକପୂର୍ଣ୍ଣ ଇ-ମେଲ୍ ବାର୍ତ୍ତା ମିଳିବା ଜଣାପଡ଼ିବା ପରେ ପୋଲିସ ପ୍ରଶାସନ ତତ୍ପର ହୋଇଥିଲା। ତତ୍ପରତା ପ୍ରକାଶ ପୂର୍ବକ ପୋଲିସ ସୁରକ୍ଷା ବାହିନୀ, ଦମକଳ ବାହିନୀ ସହ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଜିଲାଜଜ୍‌ଙ୍କ କୋର୍ଟ ପରିସର ସହିତ ସିଭିଲ କୋର୍ଟ, ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଆଦି ସମଗ୍ର ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲେ। ତେବେ ୩ ଘଣ୍ଟାର ଯାଞ୍ଚ ପରେ ମଧ୍ୟ କୋର୍ଟ ପରିସର ବା ଆଖପାଖ ଅଞ୍ଚଳରୁ ସେଭଳି କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ଆଜିକୁ ମିଶାଇ ଗତ ୪ମାସ ମଧ୍ୟରେ ୩ଥର ଏଭଳି ଧମକ ମିଶି ସାରିଲାଣି। ଏଥିପୂର୍ବରୁ ଗତ ଜାନୁଆରୀ ୮, ମାର୍ଚ୍ଚ ୧ରେ ଧମକପୂର୍ଣ୍ଣ ମେଲ୍ ବାର୍ତ୍ତା ଆସିଥିଲା।


ଜିଲାଜଜ୍‌ଙ୍କ କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ଯାଞ୍ଚ କରୁଛନ୍ତି।

### କୋର୍ଟ ପରିସର ଯାଞ୍ଚ କଲେ ବୋମା ନିଷ୍କ୍ରିୟକାରୀ ଦଳ

ଏନେଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ କୁମାର ମିଶ୍ର କହିଛନ୍ତି, ଜିଲାଜଜ୍‌ଙ୍କ କୋର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଏଠାରେ ବୋମା ଖଞ୍ଜା ଯାଇଛି ବୋଲି ଜିଲାଜଜ୍‌ଙ୍କ କୋର୍ଟର ରେଜିଷ୍ଟ୍ରାରଙ୍କ ନିକଟକୁ ଏକ ଇ-ମେଲ୍ ବାର୍ତ୍ତା ଆସିଥିବା ସମ୍ପର୍କରେ ଖବର ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି। କୋର୍ଟର ପ୍ରତ୍ୟେକ ପ୍ରବେଶ ପଥରେ ଲୋକଙ୍କର ସ୍କ୍ରିନିଂ କରାଯାଉଛି। ଡିଏଫ୍‌ଏମ୍‌ଡି ଏବଂ ଏଚ୍‌ଏଚ୍‌ଏମ୍‌ଡି ଭଳି ଅତ୍ୟାଧୁନିକ ଉପକରଣ ସାହାଯ୍ୟରେ କଡ଼ା ଯାଞ୍ଚ କରାଯାଇଛି। କୋର୍ଟ ପରିସର ସହିତ ଆଖପାଖ ଅଞ୍ଚଳରେ ସଶସ୍ତ୍ର ପୋଲିସ ବାହିନୀ ମୁତୟନ ହୋଇଛନ୍ତି। ପୂର୍ବ ମେଲ୍ ବାର୍ତ୍ତାକୁ ନେଇ ପୋଲିସ ପକ୍ଷରୁ ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମେଲ୍‌ଗୁଡ଼ିକ ବିଦେଶରୁ ଆସୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ତଦନ୍ତକାରୀ ଦଳ ଏଭଳି ଇ-ମେଲ୍ ବାର୍ତ୍ତା ପ୍ରେରଣ କରିଥିବା ନେଦରଲାଣ୍ଡ ଏବଂ ଜର୍ମାନୀ ଭଳି ଦେଶରୁ ଆଇପି ଆଡ୍ରେସ ଚିହ୍ନଟ କରିସାରିଛି। ମାତ୍ର ପ୍ରକୃତ ଅପରାଧୀଙ୍କ ପାଖରେ ପହଞ୍ଚିବା ପାଇଁ ଅନ୍ତର୍ଜାତୀୟ ନିୟମ ଅନୁସାରେ ପଦକ୍ଷେପ ନିଆଯାଉଛି। ଅନ୍ୟପଟେ ସମ୍ବଲପୁର ଓକିଲ ସଂଘର ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ ରଥ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଏହି ରହସ୍ୟ ଉପରୁ ପରଦା ହଟାଇବା ଜରୁରି ବୋଲି କହିଛନ୍ତି।

# ଚୌଦ୍ୱାର ଜେଲରୁ ଫେରାର ଅନ୍ୟତମ କଏଦୀ ରାଜା ଗିରଫ

### ପୂର୍ବରୁ ଗିରଫ ହୋଇଥିଲେ ମଧୁକାନ୍ତ ରାଣା

**କଟକ/ଚୌଦ୍ୱାର୨।୪(କାର୍ତ୍ତିକ ସାହୁ/ଆଶୁତୋଷ ଦାସ)**

ଚୌଦ୍ୱାର ଜେଲ ପାଚେରି ଡେଇଁ ଫେରାର ହୋଇଥିବା ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ପୋଲିସର ସ୍ୱତନ୍ତ୍ର ଟିମ୍ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରିଛି। ଗିରଫ ରାଜାଙ୍କୁ ଓଡ଼ିଶା ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟରେ ହାଜର କରାଯିବ ବୋଲି ସୂଚନା ମିଳିଛି। ଚୌଦ୍ୱାର ଜେଲରୁ ଫେରାର ୨ ହାର୍ଡକୋର ଅପରାଧୀଙ୍କ ମଧ୍ୟରୁ ମଧୁକାନ୍ତ ରାଣାଙ୍କୁ କମିଶନରେଟ୍ ପୋଲିସ ଗତ ଫେବୃଆରୀ ୧୪ରେ ଉତ୍ତର ପ୍ରଦେଶର ବୃନ୍ଦାବନରୁ ଗିରଫ କରିଥିବା ବେଳେ ରାଜା ପୋଲିସ ଆଖିରୁ ଖସି ବୁଲୁଥିଲେ। ପୋଲିସ ବିଭିନ୍ନ ଆଡ଼େ ଜାଲ ବିଛାଇ ରାଜାଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ପ୍ରୟାସ କରିଆସୁଥିଲା।


ରାଜା ସାହାଣୀ

ସୂଚନାଯୋଗ୍ୟ, ଚୌଦ୍ୱାର ଜେଲରେ ରହୁଥିବା ହାର୍ଡକୋର ଅପରାଧୀ ରାଜା ଓ ମଧୁକାନ୍ତ ଗତ ଅକ୍ଟୋବର ୨ ତାରିଖ ରାତିରେ ଜେଲର ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଗତ ଫେବୃଆରୀ ୧୪ରେ ତୀର୍ଥକ୍ଷେତ୍ର ବୃନ୍ଦାବନରୁ ମଧୁକାନ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୬ ମାସ ପରେ ରାଜାଙ୍କୁ ଧରିଛି। ଉଭୟ ଅପରାଧୀ କର୍ଣ୍ଣାଟକ, ବିହାର, ଓଡ଼ିଶା ଆଦି ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ। ଜେଲରୁ ଫେରାର ହେବାପରେ ରାଜା ଓ ତାଙ୍କ ସହଯୋଗୀମାନେ ମହୀଶୂରରେ ଏକ ଗହଣା ଦୋକାନ ଲୁଟ କରିଥିଲେ ବୋଲି ଜଣାଯାଇଛି। ରାଜାଙ୍କୁ ଧରିବାକୁ ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ କଟକ କମିଶନରେଟ ପୋଲିସ୍ ଟିମ୍ ଚଢ଼ାଉ କରିଥିଲା। ଏଥିସହ ବିଶେଷ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଉତ୍ତରାଖଣ୍ଡ ପୋଲିସ ସହଯୋଗରେ ରାଜାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜାନୁଆରୀରେ ଯାଜପୁର ଜିଲା ପାଣିକୋଇଲିରେ ଥିବା ପଣ୍ଡା ଅଳଙ୍କାର ଦୋକାନ ଡକାୟତି ମାମଲାରେ ମଧୁକାନ୍ତ ଓ ରାଜା ଗିରଫ ହୋଇ ଚୌଦ୍ୱାର ଜେଲରେ ରହୁଥିଲେ।


# Classified Everyday

0674-2580101, 9692975378



REAL ESTATE

**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact- 7440045095, 7077771880.** D-106

କଟକ ଭୁବନେଶ୍ୱର ମଧ୍ୟଭାଗରେ ଥିବା Sum Hospital-2 ଏବଂ Grand Bazar NH-16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି Sc/General Plot କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249422604. D-3




Four bed-ed working women hostel with attached toilet/ bathroom available on Janpath Saheed Nagar, Bhubaneswar. Contact: N.K. Mohanty, 7609861226, 7077703443. D-17




All types of physiotherapy and massage contact 9556924059 / 7656969134. D-06

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open spa positively health benefits (Expert therapist). Kalpana - 8984846329. D-76957

**AFFIDAVIT**

By virtue of an affidavit sworn before Notary, Bhubaneswar, Dated-30.03.2016, I, Rama Soren, Address: At-G.G.P, Kimbhiria Basti, Pandara Near Jagannath Temple, Rasulgarh, Bhubaneswar, Dist.-Khorda, Odisha, PIN-751025 declare that I have changed the name of my daughter from Barsha Soren to Sita Soren. Henceforth, she shall be known as Sita Soren for all purposes.
Rama Soren
D-11

By virtue of an affidavit dtd.- 23.03.2026 sworn before Executive Magistrate, Bhadrak, I, Prabhuparameswar Malik, S/o.- Prakash Chandra Malik, Vill.- Jahata, P.O.- Jalanga, P.S.- Bhadrak (R), Dist.- Bhadrak, Odisha, PIN-756181 declare that I have changed my name from Prabhu Prameswar Malik to Prabhuparameswar Malik. Henceforth, I shall be known as Prabhuparameswar Malik for all future purposes. D-16

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ମନେ ପଡ଼ନ୍ତି

**୧୯ତମ ଶ୍ରାଦ୍ଧବାର୍ଷିକୀ**
୦୩।୦୪।୨୦୨୬ (ଶୁକ୍ରବାର)



**✓ଡା. କ୍ଷୀରୋଦ କୁମାର ରଥ**
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
ଧ-୧୦

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ଇଂ ଲଲାଟେନ୍ଦୁ ପଟ୍ଟନାୟକ**
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ**
(ପୂର୍ବତନ ରାଜ୍ୟ ସୂଚନା କମିଶନର )
ପୋଖରୀପୁଟ, ଭୁବନେଶ୍ୱର
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଲୁହ ହୋଇ ସବୁବେଳେ ଆମମାନଙ୍କ ଆଖିରୁ ଝରୁଛି। ଆପଣଙ୍କ ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣକମଳରେ ଲୀନ ହୋଇ ଯାଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ
ଆପଣଙ୍କର ଶୋକାକୁଳ ପରିବାର ଏବଂ ବନ୍ଧୁବର୍ଗ
ଧ-୩୦୩

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶରଦଶଶୀ ନାୟକ**
ଗୋ ମା', ତୁମେ ଯେଉଁଠି ଥାଅ ସୁଖ ଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା।
:ଶୋକସନ୍ତପ୍ତ:
ସମସ୍ତ ନାୟକ ପରିବାର ଓ ସାହିପଡ଼ିଶାବୃନ୍ଦ, ଚୌଧୁରୀ ସାହି, ବାଲେଶ୍ୱର।
ଧ-୦୯

**ଶ୍ରଦ୍ଧାଞ୍ଜଳି**



**✓ ବିମ୍ବାଧର ମିଶ୍ର**
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
୨୫ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଟୁ,ଡୁଡୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୫୮୬

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ସୁଇମିଂ ସେନ୍‌ସେସନ ଅଞ୍ଜଳି

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। ସମ୍ପ୍ରତି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଉଥିବା ଅଞ୍ଜଳି ଭାରତୀୟ ସନ୍ତରଣର ପାୱାର ହାଉସଭାବେ ପରିଚିତ କର୍ଣ୍ଣାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଇଥିଲେ କଡ଼ା ଟକ୍କର। ରାଜ୍ୟର ଏହି ସୁଇମିଂ ସେନ୍‌ସେସନଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା... —ତପନ କୁମାର ସ୍ୱାଇଁ



୫ ସ୍ୱର୍ଣ୍ଣ ପଦକ ସହ ଅଞ୍ଜଳି ମୁଣ୍ଡା

## ଗୌରବ ବଢ଼ାଉଛି 'କିସ୍ ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀ'

ଛତିଶଗଡ଼ରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରି ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସୁଇମର ଅଞ୍ଜଳି ମୁଣ୍ଡା। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍ସେସ (କିସ୍)ରେ ଅଧ୍ୟୟନରତ ଅଞ୍ଜଳି ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ଜିତି ରାତାରାତି ତାରକା ପାଲଟି ଯାଇଛନ୍ତି। ସଭିଙ୍କ ମୁହଁରେ ଏବେ ତାଙ୍କ ପ୍ରଶଂସା। ଟ୍ରାଇବାଲ ଗେମ୍ସର ସୁଇମିଂ ପୁଲ୍‌ରେ ଏକପ୍ରକାର ରାଜୁତି କରିଥିଲେ ଅଞ୍ଜଳି। ଭାରତୀୟ ସୁଇମିଂର ପାୱାର ହାଉସଭାବେ ପରିଚିତ କର୍ଣ୍ଣାଟକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ଦେଇଥିଲେ କଡ଼ା ଟକ୍କର। ୨୦୦ ମିଟର ଫ୍ରିଷ୍ଟାଇଲ, ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଏବଂ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଜିତି ନିଜ ବହୁମୁଖୀ ପ୍ରତିଭା ଏବଂ ସହନଶକ୍ତି ପ୍ରତିପାଦନ କରିଥିଲେ। ଏହା ବ୍ୟତୀତ ସେ ୪x୧୦୦ ମିଟର ମିଡ୍‌ଲେ ରିଲେ ଦଳର ସଦସ୍ୟାଭାବେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଦଳରେ ଅଞ୍ଜଳିଙ୍କ ସହିତ ତାଙ୍କ କିଟ୍-କିସ୍ ସାଥୀ ଅଞ୍ଜଳି ମଲିକ, ରିତିକା ମିଞ୍ଜ ଓ ରୂପାଲି ହେମ୍ବ୍ରମ ସଦସ୍ୟା ଥିଲେ। ଏମାନେ ସମସ୍ତେ 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ଟ୍ରେନିଂ ନେଇ ରାଜ୍ୟର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ଯୋଗୁ ଅଞ୍ଜଳି ପ୍ରତିଯୋଗିତାର ଅନ୍ୟତମ ସଫଳ ଆଥଲେଟ୍‌ର ମାନ୍ୟତା ପାଇଥିଲେ।

୧୫ ବର୍ଷୀୟା ଅଞ୍ଜଳି ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡ଼ାର ପ୍ରଥମ ମହିଳା ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ଏହା ପୂର୍ବରୁ ସେ ଅସ୍ମିତା ଲିଗ୍‌ରେ ପଦକ ଜିତି ପ୍ରତିଭା ଦେଖାଇଥିଲେ। କ୍ରୀଡ଼ା ଶିକ୍ଷକଙ୍କ ସହ ଭାବ ବିନିମୟ ଅବସରରେ ସନ୍ତରଣ କରିବାକୁ ଇଚ୍ଛା କରିଥିଲେ ଅଞ୍ଜଳି। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଅଞ୍ଜଳି ଜଣେ ଭ୍ୟାନ୍ ଡ୍ରାଇଭରଙ୍କ ଝିଅ ଏବଂ କିସ୍‌ରେ ସମ୍ପ୍ରତି ତାଲିମପ୍ରାପ୍ତ। ଛୋଟବେଳେ ଯେତେବେଳେ ଜଣେ କ୍ରୀଡ଼ା ଶିକ୍ଷକ ରୁଟିନ କ୍ଲାସ୍ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କ୍ରୀଡ଼ାରୁ ମନ ପସନ୍ଦର ଖେଳ ବାଛିବାକୁ କହିଥିଲେ, ସେତେବେଳେ ୧୧ ବର୍ଷୀୟା ଅଞ୍ଜଳି ଚୁପଚାପ୍ ହାତ ଉପରକୁ ଉଠାଇ ସନ୍ତରଣକୁ ପସନ୍ଦ କରିଥିଲେ। କାରଣ ଏହି କ୍ରୀଡ଼ା ସହିତ ସେ ପୂର୍ବରୁ ଅଭ୍ୟସ୍ତ ଥିଲେ।

ଅଞ୍ଜଳି ଭୁବନେଶ୍ୱରରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ଯାଜପୁର ଜିଲାର ଗହିରାଗାଡ଼ିଆ ଗ୍ରାମର ବାସିନ୍ଦା। ପହଁରିବାକୁ ଏକ ମଜାଦାର ଇଭେଣ୍ଟ ଭାବେ ସେ ନେଇଥିଲେ, ଯେଉଁଥିରେ କି ପାଣିରେ ଅଧିକାଂଶ ସମୟ ବିତାଇବାକୁ ପଡ଼େ। ମାତ୍ର କେବେ କୌଣସି ସଂଗଠିତ ତାଲିମ ପାଇ ନ ଥିଲେ। ଚାରି ଭଉଣୀଭାଇଙ୍କ ମଧ୍ୟରୁ ସବୁଠାରୁ ସାନ ଅଞ୍ଜଳିଙ୍କ ବାପା ଏକ କାରଖାନାରେ ଭ୍ୟାନ୍ ଡ୍ରାଇଭର ଭାବରେ କାର୍ଯ୍ୟ କରନ୍ତି। ୧୦ ବର୍ଷର ହୋଇଥିବା ବେଳେ ସେ କିସ୍‌କୁ ଅଧ୍ୟୟନ ପାଇଁ ଆସିଥିଲେ, ଯେଉଁଠାରେ ରାଜ୍ୟର ବିଭିନ୍ନ ସ୍ଥାନର ଆଦିବାସୀ ପିଲାମାନେ ମାଗଣା ଶିକ୍ଷା ଏବଂ ରହିବା ସୁବିଧା ପାଇଥାନ୍ତି।

କ୍ୟାରିୟର ଆରମ୍ଭରେ ସେ ବଡ଼ ଭଉଣୀଙ୍କଠାରୁ ପ୍ରେରଣା ପାଇଥିଲେ। ତାଙ୍କ ଭଉଣୀ ଜଣେ ତୀରନ୍ଦାଜ। ମାତ୍ର ଅଞ୍ଜଳି ଚୟନ ସୁଯୋଗ ପାଇବାମାତ୍ରେ ନିଜ ପ୍ରିୟ ଖେଳ ସୁଇମିଂକୁ ବାଛିଥିଲେ ଏବଂ ଆତ୍ମବିଶ୍ୱାସର ସହ ଏଥିରେ ମନୋନିବେଶ କରିଥିଲେ। ଆତ୍ମବିଶ୍ୱାସକୁ ଦୃଢ଼ କରିବା ପାଇଁ ଯଦିଓ ସମୟ ଲାଗିଥିଲା ତେବେ ଗୋଟିଏ ବର୍ଷ ପରେ ଏକ ସ୍ଥାନୀୟ କ୍ଲବ୍ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ଜିତିବା ପରଠାରୁ ଆଉ କେବେ ପଛକୁ ଫେରି ଚାହିଁ ନାହାନ୍ତି।

''କ୍ୟାରିୟର ଆରମ୍ଭରେ ପ୍ରଥମେ ରୌପ୍ୟ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ବହୁତ ସ୍ୱତନ୍ତ୍ର। ଏହା ମୋତେ ଆତ୍ମବିଶ୍ୱାସ ଦେଇଥିଲା ଯେ ମୁଁ ଏହି ଖେଳରେ ଭଲ କରିପାରିବି। ଟ୍ରେନିଂ ସେସନ ସମୟରେ ମୋ ଉପରେ ବିଶ୍ୱାସ ରଖିଥିବାରୁ ମୁଁ କୋଚ୍‌ମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି'' ବୋଲି ୧୫ ବର୍ଷୀୟା ଅଞ୍ଜଳି ପ୍ରକାଶ କରିଛନ୍ତି। ସର୍ବପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ପ୍ରଥମ ଦିବସରେ ହିଁ ଅଞ୍ଜଳି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ସେ ଯଦି ୨:୩୯:୦୨ ସେକେଣ୍ଡ ସମୟ ନେଇ ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣରେ ସ୍ୱର୍ଣ୍ଣ ଜିତି ନ ଥାନ୍ତେ ତେବେ ଭାରତର ସୁଇମିଂ ପାୱାର ହାଉସ କର୍ଣ୍ଣାଟକ ପ୍ରଥମ ଦିନରେ ସମସ୍ତ ୬ଟି ଯାକ ସ୍ୱର୍ଣ୍ଣ ପଦକ ଜିତି ଯାଇଥାନ୍ତା।

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟଦ୍ୱାରା ଆରମ୍ଭ କରାଯାଇଥିବା ଅସ୍ମିତା ଲିଗ୍‌ରୁ ହିଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଥିଲା ବୋଲି ଅଞ୍ଜଳି ଜୋର୍‌ଦେଇ କହିଛନ୍ତି। ଅସ୍ମିତା ଲିଗ୍ ମହିଳା କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ସୁଯୋଗ ସୃଷ୍ଟି କରୁଛି। ''୨୦୨୪ ରେ, ମୁଁ ସମ୍ବଲପୁରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ଲିଗ୍‌ରେ ୨ଟି ରୌପ୍ୟ ପଦକ ଜିତିଥିଲି। ଅନ୍ୟ ଦୁଇଟି ଇଭେଣ୍ଟରେ ମୁଁ ପଦକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲି। ଏହି ପ୍ରଦର୍ଶନ ମୋର ଆତ୍ମବିଶ୍ୱାସକୁ ବଢ଼ାଇ ଦେଇଥିଲା। ଆଗାମୀ ଟୁର୍ନାମେଣ୍ଟ ଗୁଡ଼ିକରେ ମୁଁ ଆହୁରି ଭଲ କରିପାରିବି ବୋଲି ବିଶ୍ୱାସ ଦୃଢ଼ ହୋଇଥିଲା'' ବୋଲି ଅଞ୍ଜଳି କହିଛନ୍ତି। ଗୁଆହାଟୀରେ ମାର୍ଚ୍ଚ ୨୧ ଏବଂ ୨୨ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପୂର୍ବାଞ୍ଚଳ ଅସ୍ମିତା (୧୫ ଓ ୧୮ ବର୍ଷରୁ କମ୍) ସୁଇମିଂ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସେ ୨ଟି ରୌପ୍ୟ ପଦକ ଜିତିଥିଲେ। ଏହି ଫର୍ମକୁ ସେ ବଜାୟ ରଖି ଛତିଶଗଡ଼ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଚମକ ଦେଖାଇଥିଲେ।

ଏପରି ଐତିହାସିକ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶାର ଏହି ସନ୍ତରଣ ପ୍ରତିଭା ଆହୁରି ଭଲ ପ୍ରଦର୍ଶନ କରି ପାରିଥାନ୍ତେ ବୋଲି ସ୍ୱୀକାର କରିଛନ୍ତି। ସେ ନିଜ ବ୍ୟକ୍ତିଗତ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିଲେ, ଯାହାକି ସମ୍ଭବ ହୋଇ ନ ଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦିଗ୍‌ଦର୍ଶନରେ ଏହି ଅନୁଷ୍ଠାନରେ ପାଠପଢ଼ା ସହ କ୍ରୀଡ଼ାରେ ଉତ୍କର୍ଷ ହାସଲ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉଛି। ଏଠାରୁ ଅନେକ କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିସାରିଛନ୍ତି। ଅଞ୍ଜଳି ମୁଣ୍ଡା ହେଉଛନ୍ତି ଏହାର ଏକ ସଦ୍ୟତମ ଉଦାହରଣ।


ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ସହଭାଗୀତା ଚୁକ୍ତି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ମୁଖ୍ୟ ନେହା ସାଲଦାନହା, ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ ଏବଂ ଅନ୍ୟମାନେ।

## 'ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପଭାବେ ନିଆଯାଉଛି'


କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ

କିଟ୍ ଓ କିସ୍‌ରେ ସମୁଦାୟ ୧୫ଟି ସୁଇମିଂ ପୁଲ୍ ରହିଛି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ୮୦୦ ଆଦିବାସୀ ପିଲା ଟ୍ରେନିଂ ନେଉଛନ୍ତି। ସେମାନଙ୍କୁ ଟ୍ରେନିଂ ଦେବାପାଇଁ ୫୨ କୋଚ୍/ଟ୍ରେନର ନିଯୁକ୍ତ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୁଇମିଂକୁ ଜୀବନ ରକ୍ଷାକାରୀ କାର୍ଯ୍ୟକଳାପ (life-saving activities) ଭାବେ ବିବେଚନା କରନ୍ତି। ତେଣୁ କିଟ୍ ଓ କିସ୍‌ର ସମସ୍ତ ଆଥଲେଟ୍‌ଙ୍କ ପାଇଁ ସୁଇମିଂ ଓ ଯୋଗକୁ ବାଧ୍ୟତାମୂଳକ କରାଯାଇଛି। କାରଣ ଆବଶ୍ୟକ ପଡ଼ିଲେ ସେମାନେ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନ ମଧ୍ୟ ରକ୍ଷା କରିପାରିବେ। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ ବିଗ୍‌ନରଙ୍କଠାରୁ ଆରମ୍ଭ କରି ତାରକା ସୁଇମରଙ୍କୁ ଉଚ୍ଚସ୍ତରର ପ୍ରଶିକ୍ଷଣ ଦିଆଯାଉଛି। ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ରୁବେନ ଏଲ୍ସ କୋଚିଂ ଟିମ୍‌ର ନେତୃତ୍ୱ ନେଉଛନ୍ତି। ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସର ସୁଇମିଂ ଇଭେଣ୍ଟ ଓପନ ଥିଲା। ଏଥିରେ ସିନିୟର ସୁଇମରମାନେ ମଧ୍ୟ ଭାଗ ନେଇଥିଲେ। ସେମାନଙ୍କୁ ଟକ୍କର ଦେଇ ଏତେ ଛୋଟ ବୟସରୁ ଅଞ୍ଜଳି ଏକାକୀ ୫ ସ୍ୱର୍ଣ୍ଣ ପଦକ ହାସଲକରି ପାରିଛନ୍ତି। ଟ୍ରାଇବାଲ ଗେମ୍ସରେ କିଟ୍ ଓ କିସ୍‌ର ସୁଇମରମାନେ ମୋଟ ୭ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି। 'କିସ୍ ଗ୍ଲେନମାର୍କ ସୁଇମିଂ ଏକାଡେମୀ'ରେ କେଉଁଭଳି ପ୍ରଶିକ୍ଷଣ ଦିଆଯାଉଛି ତାହା ଏଥିରୁ ଅନୁମେୟ'' ବୋଲି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ଏଠାକାର ସୁଇମିଂ ଏକାଡେମୀ କୋଚିଂ ଟିମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଆରମ୍ଭ କରି ଦେଶ ଓ ବିଦେଶର ଅନ୍ୟ ନାମୀଦାମୀ କୋଚ୍ ରହିଛନ୍ତି ବୋଲି ଗଗନେନ୍ଦୁ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ତୃଣମୂଳ ସ୍ତରରୁ ଆରମ୍ଭ କରି ପ୍ରତିଦ୍ୱନ୍ଦ୍ୱିତା ପର୍ଯ୍ୟନ୍ତ ସୁଇମିଂର ବିକାଶ ଲାଗି ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କିସ୍ ମଧ୍ୟରେ ୧୨ ବର୍ଷପାଇଁ ସହଭାଗୀତା ଚୁକ୍ତି ହୋଇଥିଲା। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କ ସହ ଟେନିସ କିମ୍ବଦନ୍ତୀ ଲିଆଣ୍ଡର ପେସ, ଗ୍ଲେନ୍‌ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ (ଜିଏଏଫ୍) ମୁଖ୍ୟ ନେହା ସାଲଦାନହା, ଗ୍ଲେନ୍‌ମାର୍କ ସୁଇମିଂ ଏକାଡେମୀର ଦକ୍ଷିଣ ଆଫ୍ରିକୀୟ କୋଚ୍ ଇଆନ ପ୍ରମୁଖ ଉପସ୍ଥିତ ଥିଲେ।

# ନିକି ପ୍ରଧାନଙ୍କ ମାଇଲଖୁଣ୍ଟ



ଭାରତୀୟ ମହିଳା ହକିର ଜଣେ ପରିଚିତ ଚେହେରା ହେଲେ ନିକି ପ୍ରଧାନ। ଝାଡ଼ଖଣ୍ଡର ପ୍ରଥମ ମହିଳା ହକି ଖେଳାଳିଭାବେ ଭାରତ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଥିବା ନିକି ନିକଟରେ କ୍ୟାରିୟରର ୨୦୦ତମ ମ୍ୟାଚ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି...

ହାଇଦ୍ରାବାଦରେ ମାର୍ଚ୍ଚ ୧୧ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ବିଶ୍ୱକପ କ୍ୱାଲିଫାୟର୍ସର ୱେଲ୍ସ ବିପକ୍ଷ ମ୍ୟାଚରେ କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଛନ୍ତି ଭାରତର ମହିଳା ହକି ତାରକା ନିକି ପ୍ରଧାନ। ଭାରତର ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ଭାବେ ବିବେଚିତ ହେଉଥିବାରୁ ସେ ଏପରି ଏକ ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସକ୍ଷମ ହୋଇଛନ୍ତି। ଫଳରେ ଜିଏମ୍‌ସି ବାଲାଯୋଗୀ ହକି ଗ୍ରାଉଣ୍ଡ (କାଜିବାଓଲି ହକି କମ୍ପ୍ଲେକ୍ସ) ତାଙ୍କ ଲାଗି ସ୍ମରଣୀୟ ହୋଇଛି। ତାଙ୍କର ଏହି ମାଇଲଖୁଣ୍ଟ ମ୍ୟାଚରେ ଭାରତ ୪-୧ ଗୋଲରେ ୱେଲ୍ସକୁ ପରାସ୍ତ କରିଥିଲା। ନଭନୀତ କୌର ୩ଟି ଗୋଲ ଦେଇ ହ୍ୟାଟ୍ରିକ୍ କରିଥିବା ବେଳେ ସାକ୍ଷୀ ରାଣା ଅନ୍ୟତମ ଗୋଲଟି ସ୍କୋର କରିଥିଲେ।


ନିକି ପ୍ରଧାନ

ବିହାରର ରାଞ୍ଚିସ୍ଥିତ ହେସେଲ (ଏବେ ଝାଡ଼ଖଣ୍ଡର ଖୁଣ୍ଟି)ରେ ୧୯୯୩ ଡିସେମ୍ବର ୮ରେ ଜନ୍ମଗ୍ରହଣ କରିଥିବା ନିକି ୨୦୧୬ରୁ ଭାରତୀୟ ଦଳ ପକ୍ଷରୁ ଖେଳି ଆସୁଛନ୍ତି। ଏହି ବର୍ଷ ଭାରତର ଦକ୍ଷିଣ ଆଫ୍ରିକା ଟୁର୍‌ଥିଲା ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ। ସେବେଠାରୁ ସେ ଭାରତୀୟ ରକ୍ଷଣଭାଗର ଜଣେ ନିର୍ଭରଯୋଗ୍ୟ ଖେଳାଳି ରହିଆସିଛନ୍ତି। ସମ୍ପ୍ରତି ସେ ଝାଡ଼ଖଣ୍ଡରୁ ପ୍ରତିନିଧିତ୍ୱ କରୁଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ମହିଳା ଖେଳାଳି। ୨୦୧୬ ରିଓ ଅଲିମ୍ପିକ୍ସରେ ଖେଳି ସେ ଏହି କୃତିତ୍ୱର ଅଧିକାରୀ ହୋଇଥିଲେ। ଏହା ପରେ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତୀୟ ଦଳର ସଦସ୍ୟା ଥିଲେ।

୩୨ ବର୍ଷୀୟା ନିକି ଭାରତୀୟ ଦଳର ଅନେକ ସ୍ମରଣୀୟ ସଫଳତାର ଅଂଶୀଦାର ରହିଛନ୍ତି। ୨୦୧୭ ମହିଳା ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୨୩ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୨୫ ମହିଳା ଏସିଆ କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ୨୦୨୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୮ ମହିଳା ହକି ବିଶ୍ୱକପ ଆଦି ଗ୍ଲୋବାଲ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଜାକର୍ତ୍ତାର ପାଲେମବାଙ୍ଗରେ ଅନୁଷ୍ଠିତ ୨୦୧୮ ଏସିଆନ ଗେମ୍ସରେ ଐତିହାସିକ ରୌପ୍ୟ ଏବଂ ୨୦୧୯ରେ ହିରୋଶିମାରେ ଆୟୋଜିତ ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ଆମେରିକାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଭାରତର ସଫଳ ଅଭିଯାନରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭାରତ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନରେ ତାଙ୍କ ଭୂମିକା ଅନବଦ୍ୟ ରହିଥିଲା। ୨୦୨୨ରେ ସ୍ପେନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ନେସନ୍ସ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳରେ ମଧ୍ୟ ସେ ସାମିଲ ଥିଲେ।

## ଅଯୋଗ୍ୟପଣ

ଫିଫା ୱାର୍ଲଡ କପ ଲାଗି ଚାଲିଥିବା
ଯୋଗ୍ୟତା ପର୍ଯ୍ୟାୟ ଶେଷ
ମଣ୍ଟେରିଠି ବଲିଭିଆକୁ ହରାଇ
ଅଠଚାଳିଶ ତମ ଦେଶ
ଇରାକ ମୁହଁରେ ହସ
ୱାର୍ଲଡ କପରୁ ବାଦ ପଡି ତିନିଥର
ଇଟାଲୀ ଖୋଜଇ ଦୋଷ।

ମେକ୍ସିକୋ, କାନାଡ଼ା ସହ ଆୟୋଜକ
ରହିଅଛି ଆମେରିକା
ଆସନ୍ତା ଜୁନ ଏଗାରରେ ହେବ
ଫିଫା ବିଶ୍ୱ କପ ପକ୍କା
ଇଣ୍ଡିଆ ନାଁ ନାହିଁ ଦେଖା
କ୍ରିକେଟ ପାଗଳ ଦେଶେ ଫୁଟବଲ
ସ୍ୱାସ୍ଥ୍ୟ ଢିଲା ଅଛି ଲେଖା।




ଚେକ୍ ରିପବ୍ଲିକ, ସ୍ୱିଡେନ, ସ୍ପେନ
ଉରୁଗୁଏ, ସ୍କଟ ଲାଣ୍ଡ
ଇକ୍ୱେଡର, କଙ୍ଗୋ, ଆଇଭରି କୋଷ୍ଟ
ବଡ଼ ସହ ଛୋଟ ମୁଣ୍ଡ
ଅଯୋଗ୍ୟ ପଣରେ ଷଣ୍ଢ
ଟିମ ଇଣ୍ଡିଆ କନ୍ଥରାରେ ଶୁଏ
ଦର୍ଶକ ପାଆନ୍ତି ଦଣ୍ଡ।

—ସୁବାସ ଚନ୍ଦ୍ର ପ୍ରଧାନ

# ହାଇଦ୍ରାବାଦର ବଡ଼ ବିଜୟ

**କୋଲକାତା,୨।୪**

ହେନରିଚ୍ କ୍ଲାସେନଙ୍କ ଅର୍ଦ୍ଧଶତକ ଓ ନୀତୀଶ କୁମାର ରେଡ୍ଡୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ସନରାଇଜର୍ସ ହାଇଦ୍ରାବାଦ୍(ଏସ୍ଆର୍ଏଚ୍) ୬୫ ରନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ହାଇଦ୍ରାବାଦ୍ ପକ୍ଷରୁ ପ୍ରଦତ୍ତ ୨୨୭ ରନ ଟାର୍ଗେଟର ପିଛା କରି କୋଲକାତା ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ହାଇଦ୍ରାବାଦ୍‌ର ପ୍ରଥମ ବିଜୟ ହୋଇଥିବାବେଳେ କୋଲକାତାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ସନରାଇଜର୍ସକୁ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ୫.୪ ଓଭରରେ ୮୨ ରନର ବିସ୍ଫୋରକ ଆରମ୍ଭ ଦେଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ହେଡ୍ (୨୧ ବଲ, ୪୬ ରନ, ୬ ଚୌକା ଓ ୩ ଛକା), ଅଭିଷେକ (୨୧ ବଲ, ୪୮ ରନ, ୪ ଲେଖାଏ ଚୌକା ଓ ଛକା), ଅଧିନାୟକ ଇଶାନ କିଶନ (୧୪ ରନ, ୩ ଚୌକା) ଓ ଅନିକେତ ବର୍ମା (୧)ଙ୍କ ଉଇକେଟ ହରାଇଥିଲା। ଏହାପରେ ହେନରିଚ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ପଞ୍ଚମ ଉଇକେଟରେ ୫୩ ବଲରେ ୮୨ ରନ ଯୋଡ଼ିଥିଲେ। ଫଳରେ ସନରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୨୨୬ ରନ କରିଥିଲା। କ୍ଲାସେନ ୩୫ ବଲରେ ୫୨ (୪ ଚୌକା ଓ ୧ ଛକା) ଓ ନୀତୀଶ ୨୪ ବଲରେ ୩୯ (୪ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। କୋଲକାତା ପାଇଁ ବ୍ଲେସିଂ ମୁଜରାବାନୀ ୪ ଓ ବୈଭବ ୨ ଉଇକେଟ ନେଇଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା କୋଲକାତା ୧୬ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଙ୍ଗକ୍ରିଶ ରଘୁବଂଶୀ (୨୯ ବଲ, ୫୨ ରନ, ୬ ଚୌକା ଓ ୨ ଛକା) ଓ ରିଙ୍କୁ ସିଂ (୨୫ ବଲ, ୩୫ ରନ, ୪ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଆଖିଦୃଶିଆ ସ୍କୋର କରିପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାବିଆନ ଆଲେନ ୭ ବଲରେ ୨୮ (୪ ଚୌକା ଓ ୨ ଛକା) ରନ କରିଥିଲେ। ବିଜୟୀ ଦଳ ପାଇଁ ଜୟଦେବ ଉନାଡକଟ ୩ ଉଇକେଟ ନେଇଥିବା ବେଳେ ନୀତୀଶ କୁମାର ଓ ଇଶାନ ମାଲିଙ୍ଗା ୨ ଲେଖାଏ ଉଇକେଟ ହାତେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**ସିଏସ୍‌କେ ବନାମ ପଞ୍ଜାବ କିଙ୍ଗ୍ସ**
**ସ୍ଥାନ: ଚେନ୍ନାଇ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୨୬/୮ (ଅଭିଷେକ ଶର୍ମା– ୪୮, ଟ୍ରାଭିସ ହେଡ–୪୬, ହେନରିଚ୍ କ୍ଲାସେନ–୫୨, ନୀତୀଶ କୁମାର ରେଡ୍ଡୀ–୩୯, ବ୍ଲେସିଂ ମୁଜରାବାନୀ– ୪/୪୧, ବୈଭବ ଆରୋରା–୨/୪୭)। କୋଲକାତା ନାଇଟ୍ ରାଇଡର୍ସ: ୧୬ ଓଭରରେ ୧୬୧/ଅଲଆଉଟ୍ (ଅଙ୍ଗକ୍ରିଶ ରଘୁବଂଶୀ–୫୨, ରିଙ୍କୁ ସିଂ–୩୫, ଫିନ ଆଲେନ–୨୮, ଜୟଦେବ ଉନାଡକଟ– ୩/୨୧, ନୀତୀଶ କୁମାର ରେଡ୍ଡୀ– ୨/୧୭, ଇଶାନ ମଲିଙ୍ଗା–୨/୧୪ )।


ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ହେନରିଚ୍ କ୍ଲାସେନ।

# ସେମିଫାଇନାଲରେ ରେଡ୍ ଷ୍ଟାର

**ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ରେଡ୍ ଷ୍ଟାର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୧୮୩ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ପି. ନାୟକ ସର୍ବାଧିକ ୫୪ ଓ ସାଇ ବିସ୍ୱେସ ୪୩ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ସୋହମ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ପୂରା ୩୦ ଓଭର ଖେଳିଥିଲେ ମଧ୍ୟ ୯ ଉଇକେଟ ହରାଇ ୧୫୫ ରନ ମଧ୍ୟରେ ସୀମିତ ରହିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ଘୋଷାଲ ଅପରାଜିତ ୫୭ ଓ ଆଭାନ୍ ମିଶ୍ର ୩୩ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳ ପକ୍ଷରୁ ଏସ.କେ. ସାଲିକ ମହମ୍ମଦ ୬ ଓଭରରେ ୨୬ ରନ ବ୍ୟୟ କରି ବହୁମୂଲ୍ୟ ୩ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କର ଉଚ୍ଚକୋଟୀର ବୋଲିଂକୁ ମୁଖ୍ୟ ଅତିଥି ବିଧାୟକ ତଥା ଓଡ଼ିଆ ସିନେମା ଜଗତର ପ୍ରତିଷ୍ଠିତ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ। ଅମ୍ପାୟର ଅଜୟ କୁମାର ନାୟକ ଏବଂ ଶାଶ୍ୱତୀ ଶତପଥୀ (ପ୍ରଥମ ଓଡ଼ିଆ ମହିଳା କ୍ରିକେଟ୍ ଅମ୍ପାୟର) ମ୍ୟାଚ ପରିଚାଳନା କରିଥିଲେ। ତପନ କୁମାର ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିଥଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ଭାଗୀରଥି ଜେନା, ପ୍ରସନ୍ନ ନାୟକ, ସୂର୍ଯ୍ୟ ତ୍ରିପାଠୀ, କାମାକ୍ଷା ତ୍ରିପାଠୀ ଓ ସହସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

**ରାମକୃଷ୍ଣ ମହାପାତ୍ର ସ୍ମାରକୀ**


ଅତିଥି ପ୍ଲେୟର୍ ଅଫ୍ ଦି ମ୍ୟାଚ୍‌ଙ୍କୁ ପୁରସ୍କୃତ କରୁଛନ୍ତି।

# ମହାରାଷ୍ଟ୍ର ବାଳକ ତାମିଲନାଡୁ ବାଳିକା ଚାମ୍ପିୟନ

**ଆଠଗଡ, ୨।୪(ସତ୍ୟ ପ୍ରସାଦ ରଥ)**

ଖୋ-ଖୋ ଇଣ୍ଡିଆ ଆନୁକୂଲ୍ୟରେ ଓଡ଼ିଶା ଖୋ-ଖୋ ଆସୋସିଏଶନ ପକ୍ଷରୁ ୩ ଦିନ ଧରି ଆଠଗଡ଼ ମହୋତ୍ସବ ପଡ଼ିଆରେ ଚାଲିଥିବା ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପର ବାଳକ ବିଭାଗରେ ମହାରାଷ୍ଟ୍ର ଏବଂ ବାଳିକା ବିଭାଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ବାଳକ ବିଭାଗର ସଂଘର୍ଷପୂର୍ଣ୍ଣ ଫାଇନାଲରେ ମହାରାଷ୍ଟ୍ର ପ୍ରତିଦ୍ୱନ୍ଦ୍ୱୀ କର୍ନାଟକକୁ ୨୮-୨୭ ପଏଣ୍ଟରେ ପରାସ୍ତ କରିଥିଲା। ଆୟୋଜକ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳିକା ବିଭାଗରେ ପଶ୍ଚିମବଙ୍ଗକୁ ୯-୭ ପଏଣ୍ଟରେ ହରାଇ ଦେଇଥିଲା ତାମିଲନାଡୁ। ଆୟୋଜକ ଓଡ଼ିଶା ଚତୁର୍ଥ ହୋଇଥିଲା। ବାଳିକା ବିଭାଗରେ ଶ୍ରେଷ୍ଠ ଆକ୍ରମଣକାରୀ ପଶ୍ଚିମବଙ୍ଗର ଦୀୟାର୍ତ୍ତି ରାୟ, ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ତାମିଲନାଡୁର ହରାଇସାହି ଶ୍ରେଷ୍ଠ ଅଲରାଉଣ୍ଡର ଭାବରେ ତାମିଲନାଡୁର ମୁଖାସି ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବ ଅବସରରେ ସକାଳେ ସମସ୍ତ ରାଜ୍ୟର ଖେଳାଳିମାନେ ଏକ ଭବ୍ୟ ଶୋଭାଯାତ୍ରାରେ ଆଠଗଡ଼ ସହର ପରିକ୍ରମା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଖୋଖୋ ଓଡ଼ିଶାର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଖୋଖୋ ଇଣ୍ଡିଆ ସଭାପତି ବିନୋଦ କୁମାର ସିଂ, ସମ୍ପାଦକ ସୁରେଶ ଶର୍ମା, କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି, ଡାକ୍ତର ଶାନ୍ତିଭୂଷଣ ପଣ୍ଡା, ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖୋଖୋ ଓଡ଼ିଶାର ଉପ-ସଭାପତି ବିକ୍ରମ ବିକାଶ ରାୟସାମନ୍ତ, ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ଜାତୀୟ ଜୁନିୟର ଖୋଖୋ ଚାମ୍ପିୟନଶିପ୍**
**ଓଡ଼ିଶା ବାଳକ ତୃତୀୟ, ବାଳିକା ଚତୁର୍ଥ**


ଚତୁର୍ଥ ସ୍ଥାନ ଅଧିକାର କରିଥିବା ଓଡ଼ିଶା ବାଳିକା ଦଳ ଟ୍ରଫି ସହ।

# ଓଡ଼ିଶା ତୀରନ୍ଦାଜଙ୍କୁ ୪ ପଦକ


କୋଚ୍‌ଙ୍କ ସହ ଓଡ଼ିଶାର ପଦକ ବିଜେତା ତୀରନ୍ଦାଜ।

**କଟକ,୨।୪(କୁମାରଶ୍ରୀ)**

ରାୟପୁର ଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସରେ ଓଡ଼ିଶା ତୀରନ୍ଦାଜଙ୍କୁ ଦୃଷ୍ଟାନ୍ତମୂଳକ ସଫଳତା ମିଳିଛି। ପ୍ରତିଯୋଗିତାରେ ଓଡ଼ିଆ ପ୍ରତିଯୋଗୀମାନେ ମୋଟ୍ ୪ଟି ପଦକ ଜିତିଥିବା ବେଳେ ଏଥିରେ ୨ଟି ରୌପ୍ୟ ଏବଂ ୨ଟି ବ୍ରୋଞ୍ଜ ପଦକ ରହିଛି। ସିଙ୍ଗଲ୍ସ କମ୍ପାଉଣ୍ଡ ରାଉଣ୍ଡରେ କେଶବ ବାନାରା ରୌପ୍ୟ ଓ ସାଗର ରାଇତା ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି କମ୍ପାଉଣ୍ଡ ପୁରୁଷ ଦଳଗତ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ବିଜୟୀ ହୋଇଥିଲା। ଦଳରେ ଦିବ୍ୟରଞ୍ଜନ ମୁଣ୍ଡା, କେଶବ ଏବଂ ସାଗର ପ୍ରତିନିଧିତ୍ୱ କରୁଥିଲେ। ରିକର୍ଭ ରାଉଣ୍ଡ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଅର୍ଜୁନ ଖାରା ଏବଂ ମମିତା ଓରାମ ରାଜ୍ୟ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ପଦକ ବିଜୟୀ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଶୁଭେଚ୍ଛା ଜଣାଇଛନ୍ତି।

**ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ**

# ଏପ୍ରିଲ ୫ରୁ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା

**ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)**

ରାଜ୍ୟ ବାହୁକୁସ୍ତି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଅଲ ଓଡ଼ିଶା ୪୬ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଚଳିତ ମାସ ୫ ତାରିଖରେ ଅନୁଷ୍ଠିତ ହେବ। ବିଭିନ୍ନ ବୟସ ଯଥା ଜୁନିୟର, ସିନିୟର, ମାଷ୍ଟର ଓ ଦିବ୍ୟାଙ୍ଗ ଏବଂ ବିଭିନ୍ନ ଓଜନ ବର୍ଗରେ ଏହି ପ୍ରତିଯୋଗିତା ମହିଳା ଓ ପୁରୁଷ ବିଭାଗରେ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ବାମହାତୀ ପ୍ରତିଯୋଗୀଙ୍କ ପାଇଁ ବାମ ହାତରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ୫ ତାରିଖ ସକାଳ ୬ରୁ ୯ଟା ମଧ୍ୟରେ ଉତ୍କଳ କରାଟେ ସ୍କୁଲଠାରେ ନାମ ପଞ୍ଜୀକରଣ କରିପାରିବେ। ଏହି ରାଜ୍ୟ ପ୍ରତିଯୋଗିତାରୁ ଯେଉଁମାନେ ପ୍ରଥମ ସ୍ଥାନ ହାସଲ କରିବେ ସେମାନେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇପାରିବେ।

# ଭାନ୍ ଡର୍ ଡୁସେନଙ୍କ ଅବସର

**କେପ ଟାଉନ,୨।୪**

ଦକ୍ଷିଣ ଆଫ୍ରିକାର ଟପ୍ ଅର୍ଡର ବ୍ୟାଟର ରାସି ଭାନ ଡର ଡୁସେନ ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଘରୋଇ କ୍ରିକେଟ ଓ ଫ୍ରାଞ୍ଚାଇଜ କ୍ରିକେଟରେ ଖେଳିବା ଜାରି ରଖିବେ। ଗତ ୭ ମାସ ହେଲା ସେ ଜାତୀୟ ଦଳ ପାଇଁ ଖେଳି ନ ଥିବା ବେଳେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ପକ୍ଷରୁ ତାଙ୍କ ହାଇବ୍ରିଡ୍ ସେଣ୍ଟ୍ରାଲ କଣ୍ଟ୍ରାକ୍ଟକୁ ନବୀକରଣ କରା ନ ଯିବାରୁ ୩୭ ବର୍ଷୀୟ ବ୍ୟାଟର ଅବସର ନେଇଛନ୍ତି। ସେ ଦକ୍ଷିଣ ଆଫ୍ରିକୀୟ କ୍ରିକେଟରଙ୍କର ପରବର୍ତ୍ତୀ ପିଢ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରତିବଦ୍ଧ ବୋଲି ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।




ଭାନ ଡର ଡୁସେନ ଅନ୍ତର୍ଜାତୀୟ ସ୍ତରରେ ୨୦୧୮ ଅକ୍ଟୋବରରୁ ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଦ. ଆଫ୍ରିକା ପାଇଁ ୧୮ ଟେଷ୍ଟ, ୭୧ ଦିନିକିଆ ଓ ୫୭ ଟି୨୦ ଖେଳି ଯଥାକ୍ରମେ ୯୦୫, ୨୬୫୭ ଓ ୧୪୦୬ ରନ କରିଥିଲେ। ଦିନିକିଆରେ ଦ. ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ତାଙ୍କ ଆଭରେଜ ଦ୍ୱିତୀୟ ସର୍ବାଧିକ। କେବଳ ଏବି ଡି’ ଭିଲିୟର୍ସଙ୍କ ଆଭରେଜ ତାଙ୍କଠାରୁ ଭଲ ଥିଲା। ସେ ଦିନିକିଆରେ ୬ ଶତକ ଓ ୧୭ ଅର୍ଦ୍ଧଶତକ ହାସଲ କରିଥିଲେ। ୨୦୧୯ରେ ସେ ଖେଳିଥିବା ପ୍ରଥମ ୯ ମ୍ୟାଚ୍‌ରେ ତାଙ୍କର ୫ ଶତକ ଥିଲା। ସେ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ୨ ଶତକ କରିବା ସହ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ରନ କରିଥିଲେ।

# ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଆରମ୍ଭ

**କଟକ,୨।୪(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଠାରୁ ଆରମ୍ଭ ହୋଇଛି। କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଟୁର୍ନାମେଣ୍ଟ ପ୍ରଥମ ପର୍ଯ୍ୟାୟର ସମସ୍ତ ମ୍ୟାଚ୍ ଖେଳାଯାଉଛି। ସନସାଇନ ଗ୍ରାଉଣ୍ଡରେ କିଟ୍ ୮୯ରନରେ ପୁରୀକୁ, ଡ୍ରିମସ ଗ୍ରାଉଣ୍ଡରେ ଢେଙ୍କାନାଳ ୯୪ ରନରେ କଟକ-ବିକୁ, ବିଜେବି ସ୍କୁଲ ଗ୍ରାଉଣ୍ଡରେ ଖୋର୍ଦ୍ଧା ୫ ଉଇକେଟରେ ଗଜପତିକୁ, ଅଡଶପୁର ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୯୭ରନରେ କନ୍ଧମାଳକୁ, ନିମପୁର ଗ୍ରାଉଣ୍ଡରେ ରାଉରକେଲା ୮୭ରନରେ ଦେବଗଡକୁ ଏବଂ ରେଲୱେ ଗ୍ରାଉଣ୍ଡରେ ସମ୍ବଲପୁର ୧୫୩ରନରେ ନୂଆପଡାକୁ ହରାଇଛି।

# ରାଇଜିଂ ଷ୍ଟୁଡେଣ୍ଟ୍ସ-ବିଶ୍ୱଭାରତୀ ଫାଇନାଲ

**କଟକ,୨।୪(କୁମାରଶ୍ରୀ)**

ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ବିଶ୍ୱଭାରତୀ କ୍ଲବ ମଧ୍ୟରେ ଓସିଏ କ୍ଲବ ଲିଗ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ୍ ନିମନ୍ତେ ଲଢ଼େଇ କରିବେ। ଏଥି ସହିତ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଲିଗ୍ ଉଦ୍‌ଯାପିତ ହେବ। ଓସିଏ ସହ ଅନୁବନ୍ଧିତ ସମସ୍ତ କ୍ଲବକୁ ନେଇ ୧୯ବର୍ଷ ପରେ ଏଭଳି ଲିଗ୍ ଆୟୋଜନ କରାଯାଇଛି।

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟସ ଏବଂ ୟୁନିୟନ ସ୍ପୋର୍ଟିଂ ସାମ୍ନାସାମ୍ନି ହୋଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ରାଇଜିଂ ୮ ଉଇକେଟ ବିନିମୟରେ ୪୬୧ରନ ସଂଗ୍ରହ କରିଥିଲା। ଦୁଇ ତାରକା ବ୍ୟାଟର ଶୁଭ୍ରାଂଶୁ ସେନାପତି(୧୪୯ରନ) ଏବଂ ଗୋବିନ୍ଦ ପୋଦ୍ଦାର(୧୧୯ରନ) ଶତକ ହାସଲ କରିଥିଲେ। ୪୬୨ରନର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ୟୁନିୟନ ସ୍ପୋର୍ଟିଂ ୩୧୬ରନରେ ଅଲଆଉଟ ହୋଇଥିଲା। କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୬୭ରନ କରିଥିଲେ। ଶତକୀୟ ପାଳି ଖେଳିବା ସହ ୩ ଉଇକେଟ ସଫଳତା ପାଇଥିବା ଗୋବିନ୍ଦ ପ୍ଲେୟାର ଅଫ ଦି ମ୍ୟାଚ ସାବ୍ୟସ୍ତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱଭାରତୀ କ୍ଲବ ୨ ଉଇକେଟରେ ଜୁଭେନାଇଲ କ୍ଲବକୁ ହରାଇଥିଲା। ରାମଚନ୍ଦ୍ର ବେହେରାଙ୍କ ୧୦୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ୍ ସମସ୍ତ ଉଇକେଟ ବିନିମୟରେ ୨୩୬ରନ କରିଥିଲା। ଅଭିଷେକ ଯାଦବ ୪ଟି ଏବଂ ଗୌରବ କୁମାରଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୪୬.୨ ଓଭରରେ ୮ ଉଇକେଟ ହରାଇ ବିଶ୍ୱଭାରତୀ ଦଳ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗୌରବ ମ୍ୟାଚ୍ ବିଜୟୀ ୫୧ରନର ଅପରାଜିତ ପାଳି ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ଓସିଏ କ୍ଲବ ଲିଗ୍**







ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଥମ ମ୍ୟାଚ୍‌ର ଗୋବିନ୍ଦ ପୋଦାର ଓ ଦ୍ୱିତୀୟ ମ୍ୟାଚ୍‌ର ଗୌରବ କୁମାର।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ